R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୨୪
ତିଥି: ପ୍ରତିପଦ
୨୯ ଅଗଷ୍ଟ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 324
29 August 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ନୟାଗଡ଼ରୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

## ୧.୩ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ଆକାଉଣ୍ଟକୁ ଗଲା ୫,୧୬୩ କୋଟି

ନୟାଗଡ଼, ୨୮ ।୮ (ସବ୍ୟୁ) : ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭାଇ ଟିଏ ନିଜ ଭଉଣୀକୁ କିଛି ଉପହାର ଦେଇଥାଏ। ଓଡ଼ିଶାର ଶାସନ ମୁଖ୍ୟ ଭାବେ ରକ୍ଷା ବନ୍ଧନରେ ସୁଭଦ୍ରା ସହାୟତା ପ୍ରଦାନ କରି ମତେ ଏକ ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼ ଠାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ ଯେ ଆଜି ନୟାଗଡ଼ ଜିଲ୍ଲା ଲାଠିପଡ଼ାଠାରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ଗହଣରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ




କରାଯାଇଛି । ରାଜ୍ୟର ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ହିତାଧିକାରୀଙ୍କୁ ୫,୧୬୩ କୋଟି ର ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି । ଉପସ୍ଥିତ ସୁଭଦ୍ରା ମା ଓ ଭଉଣୀ ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ "ସୁଭଦ୍ରା ଯୋଜନା କେବଳ ଟଙ୍କା ଆବଣ୍ଟନର ଅବସର ନୁହେଁ, ଏହା ହେଉଛି ନାରୀ ସଶକ୍ତିକରଣର ପ୍ରତୀକ ଏବଂ ରାଜ୍ୟର ଅଧା ଜନସଂଖ୍ୟା ପ୍ରତି (୯ ପୃଷ୍ଠାରେ)

- ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡ଼ିଶା ଦେଶରେ ପ୍ରଥମ
- ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ନୟାଗଡ଼ ଚିନି କଳ
- ରକ୍ଷା ବନ୍ଧନରେ ଭାଇର କର୍ତ୍ତବ୍ୟ ସମ୍ପାଦନ ଭଳି ଅନୁଭବ : ମୁଖ୍ୟମନ୍ତ୍ରୀ

## ଘନୀଭୂତ ହେଉଛି ଘୂର୍ଣ୍ଣିବଳୟ, ଆଜି ଲଘୁଚାପ

ଭୁବନେଶ୍ୱର, ୨୮ ।୮ (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆହୁରି ଘନୀଭୂତ ହେବା ସହ ବାୟୁମଣ୍ଡଳର ୧.୫ରୁ ୭.୬କିମି ଉଚ୍ଚତା ଯାଏଁ ବ୍ୟାପିଛି । ଯାହା ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ-ପଶ୍ଚିମ ବଙ୍ଗ ଉପକୂଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ସମାନ ଅଞ୍ଚଳରେ ଆସନ୍ତାକାଲି(ଶନିବାର) ଏକ ଲାଘୁଚାପ ସମ୍ଭାବନା ରହିଛି । ଏହା ପ୍ରଭାବରେ ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ।

ପାଣିପାଗ ବିଭାଗର କହିବାନୁସାରେ, ଆସନ୍ତାକାଲି (ଶନିବାର) ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହାସହ ଯାଜପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବାକି ଜିଲ୍ଲାଗୁଡ଼ିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

୩୦ରେ ମୟୂରଭଞ୍ଜ ଜିଲ୍ଲାରେ ଭୀଷଣ ବର୍ଷା ଲାଗି ରେଡ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ସେଥିପାଇଁ ଏସବୁ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

- ◇ ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ସମ୍ଭାବନା
- ◇ ୩୦ରେ ମୟୂରଭଞ୍ଜ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ
- ◇ ୧ ଯାଏଁ ଲାଗି ରହିବ ଲଘୁଚାପ ବର୍ଷା

### କୃଷି ବିଭାଗର ୬ ଏମ୍‌ଓୟୁ

## ଡାକ ସେବକ ପଞ୍ଜିକରଣରେ କରିବେ ସହାୟତା

ଭୁବନେଶ୍ୱର, ୨୮ ।୮ (ସବ୍ୟୁ) : ରାଜ୍ୟର ଚାଷୀମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୬ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମଓୟୁ) ଶୁକ୍ରବାର ସ୍ୱାକ୍ଷର କରିଛି । ଡିଜିଟାଲ୍ କୃଷି, ଉନ୍ନତ ବିହନ, ଜଳବାୟୁ ସହନଶୀଳତା ଏବଂ ପୋଷଣ କ୍ଷେତ୍ରରେ ସୁଧାର ଆଣିବା ପାଇଁ ଡାକ ବିଭାଗ, ଇକ୍ରିସାଟ୍ ଏବଂ ଏମ୍‌ଏସ୍ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ସହିତ ଏହି ଏମଓୟୁ ହୋଇଛି । ଡାକ ବିଭାଗ ସହ ହୋଇଥିବା ଚୁକ୍ତି ଦ୍ୱାରା ଗ୍ରାମୀଣ ଡାକ ସେବକମାନେ ଗାଁ ଗାଁରେ ପହଞ୍ଚି ଚାଷୀଙ୍କ ପଞ୍ଜିକରଣ, କୃଷକ ଆଇଡିଡିଆରି, ସିଏମ୍ କିଷାନ, ପିଏମ୍ କିଷାନ ଇ-କେଓ୍ୱାଇସି ଏବଂ ଆଧାର ସଂଯୋଗୀକରଣ ଭଳି ସେବା ଯୋଗାଇଦେବେ ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ, ଏହି ୬ଟି ଐତିହାସିକ ବୁଝାମଣା ପତ୍ର ଓଡ଼ିଶା କୃଷି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ । ଗ୍ରାମୀଣ ଡାକ ସେବକଙ୍କ ଜରିଆରେ ଆଗ୍ରିଷ୍ଟାକ୍ ପଞ୍ଜିକରଣ ଏବଂ ଇକ୍ରିସାଟ୍ ଓ ଏମଏସଏସଆରଏଫ୍ ଭଳି ସଂସ୍ଥା ସହ ମିଶି ଆମେ ଚାଷୀଙ୍କୁ ସଶକ୍ତ କରୁଛୁ । ଏହା ଦ୍ୱାରା ଡାଲି ଓ ତୈଳବୀଜ ଉତ୍ପାଦନରେ ଓଡ଼ିଶା (୯ ପୃଷ୍ଠାରେ)

### ସିନ୍ଧେକେଲା ସିରିଜ୍ ଚୋରିର ପର୍ଦ୍ଦାଫାଶ

## ୨ କେଜି ସୁନା, ୨୫ କେଜି ରୁପା ଜବତ

ବଲାଙ୍ଗିର, ୨୮ ।୮ (ସବ୍ୟୁ): ବଲାଙ୍ଗିର ଜିଲ୍ଲାର ସିନ୍ଧେକେଲାରେ ଲଗାତାର ଚୋରି । ଗୋଟିଏ ପରେ ଗୋଟିଏ ଘର, ଦୋକାନ ଓ ମନ୍ଦିରକୁ ଟାର୍ଗେଟ କରୁଥିଲା ଚୋର ଗ୍ୟାଙ୍ଗ । ଚୋରି ବଢ଼ିବା ପରେ ଲୋକଙ୍କ ମଧ୍ୟରେ ବଢ଼ିଥିଲା ଆତଙ୍କ । ଆଉ ଏହି ସିରିଜ ଚୋରି ବଲାଙ୍ଗିର ପୋଲିସର ନିଦ ହଜାଇ ଦେଇଥିଲା। ଚୋରଙ୍କୁ ଧରିବା ପାଇଁ ଆରମ୍ଭ ହେଲା ଜୋରଦାର ତଦନ୍ତ।

ଚଢ଼ାଉ ବେଳେ ବଲାଙ୍ଗିର ପୋଲିସ ପ୍ରାୟ ୨ କେଜି ସୁନା, ୨୫ କେଜି ରୂପା ଓ ୧୦ ଲକ୍ଷ ଟଙ୍କା ନଗଦ ଜବତ କରିଛି। ଏହାସହ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସାତ ଜଣଙ୍କୁ ଗିରଫ କରିଛି ପୋଲିସ । ଜବତ ଅଳଙ୍କାରଗୁଡ଼ିକ ମଧ୍ୟରୁ କିଛି ଅଳଙ୍କାର ବିକ୍ରି ହୋଇଥିବା ନେଇ ମଧ୍ୟ ପୋଲିସ ସୂଚନା ପାଇଛି । ଏବେ ସେହି ଅଳଙ୍କାର କିଣିଥିବା ବ୍ୟକ୍ତିଙ୍କୁ ଖୋଜୁଛି ବଲାଙ୍ଗିର ପୋଲିସ । ଚୋରି ଅଳଙ୍କାର କେଉଁଠି କେଉଁଠି ବିକ୍ରି ହୋଇଛି, ଏହା ପଛରେ ଆଉ କିଏ କିଏ ସାମିଲ ଅଛନ୍ତି, ସେନେଇ ତଦନ୍ତ ଜାରି ରହିଛି ।

ସିନ୍ଧେକେଲାରେ ସିରିଜ ଚୋରି କରି ବଲାଙ୍ଗିର ପୋଲିସର ନିଦ ହଜାଇ ଦେଇଥିବା ଗ୍ୟାଙ୍ଗର ଏବେ ପର୍ଦ୍ଦାଫାସ । ଧଳା ବୋଲେରୋରୁ ଆରମ୍ଭ ହୋଇଥିବା ତଦନ୍ତ ରାୟଗଡ଼ାର ଖଡ଼ଯୋଡ଼ା ଗାଁରେ ପହଞ୍ଚିଲା। ଆଉ ରେଡ ବେଳେ ଘରର କାନ୍ଥ, ଛଣ, ସାଉଣ୍ଡବକ୍ସ, ବାଇକ ଡିକି, ମାଟି ତଳର ହାଣ୍ଡି ଏବଂ ବୁଦା ଭିତରୁ ମିଳିଲା ଚୋରି ସୁନା-ରୂପାର ଭଣ୍ଡାର। ଏବେ ଈଶ୍ୱର ଗ୍ୟାଙ୍ଗର ଗୁପ୍ତଧନ ପୋଲିସ ହାତରେ । ଆଉ ଏହି ଗ୍ୟାଙ୍ଗ ସହ ଜଡ଼ିତ ଅନ୍ୟମାନଙ୍କ ଖୋଜରେ ବଲାଙ୍ଗିର ପୋଲିସର ତଦନ୍ତ ଜାରି ରହିଛି ।

# ନେପାଳ ପିଛା ଛାଡୁନି ବିପର୍ଯ୍ୟୟ

ନୂଆଦିଲ୍ଲୀ, ୨୮ ।୮ : ନେପାଳ ବନ୍ୟା ବିଭୀଷିକାର ପ୍ରଥମ ପର୍ଯ୍ୟାୟ କ୍ଷୟକ୍ଷତି ଭରଣା ହେଉନଥିବାବେଳେ ପୁଣି ଦ୍ୱିତୀୟ ବନ୍ୟାର ଆଶଙ୍କା ସୃଷ୍ଟି ହୋଇଛି। ଭୋଟେକୋଶୀ ନଦୀରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟାର ତାଣ୍ଡବ



ଶେଷ ହୋଇନଥିବାବେଳେ ପୁଣି ଏହି ନଦୀରେ ଜଳସ୍ତର ବଢ଼ିଛି। ବନ୍ୟା ବିଭୀଷିକା ଯୋଗୁଁ ୫୭୯ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏବେସୁଦ୍ଧା ବି ଶତାଧିକ ଲୋକ ନିଖୋଜ ଅଛନ୍ତି। ୧୪୬୮ ନିଖୋଜ ଲୋକଙ୍କୁ ଠାବ କରିବା ପାଇଁ ଉଦ୍ଧାରକାରୀ ଦଳ ଉଦ୍ୟମ ଆରମ୍ଭ କରିଛନ୍ତି। ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବାରେ ବନ୍ୟା ପ୍ରତିବନ୍ଧକ ସାଜିଛି।

ନେପାଳ-ତିବତ୍ ସୀମା ନିକଟରେ ପୁଣି ଏକ ନୂଆ ହ୍ରଦ ସୃଷ୍ଟି ହୋଇଥିବାରୁ ଦ୍ୱିତୀୟ ବନ୍ୟାର ପୁଣି ଆଶଙ୍କା ସୃଷ୍ଟି କରିଛି। ଏବେସୁଦ୍ଧା ୩୨୦ ଭାରତୀୟ ନିଖୋଜ ଅଛନ୍ତି। ପ୍ରାୟ ୪୦୦ରୁ ଅଧିକ ଚୀନ୍ ନିକଟରେ ଥିବା ନେପାଳ ଓ ତିବତ୍ ସୀମାରେ ଫଶି ରହିଛନ୍ତି। ନେପାଳକୁ ସମସ୍ତ ସହାୟତା ଯୋଗାଇବା ପାଇଁ ଭାରତ ପ୍ରସ୍ତୁତ ଅଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ବୈଦେଶିକ (୯ ପୃଷ୍ଠାରେ)

- ■ ପୁଣି ଦେଖାଦେଲାଣି ବନ୍ୟା ଆଶଙ୍କା
- ■ ମୃତ୍ୟୁ ସଂଖ୍ୟା ୫୭୯ରେ ପହଞ୍ଚିଲା
- ■ କାଦୁଅ ଆସ୍ତରଣ ଯୋଗୁ ଉଦ୍ଧାର କାର୍ଯ୍ୟରେ ବାଧା
- ■ ଏବେସୁଦ୍ଧା ୩୨୦ ଭାରତୀୟ ନିଖୋଜ

### ବନ୍ୟାରେ ବରଗଡ଼ର ୩ ନିଖୋଜ !

ବରଗଡ଼, ୨୮ ।୮ (ସବ୍ୟୁ): ଭୟଙ୍କର ବନ୍ୟାରେ ନେପାଳରେ ଫସିଛନ୍ତି ବରଗଡ଼ ସରଲା ଜାମପାଲି ଅଞ୍ଚଳର ଏକ ପରିବାର । ନିଖୋଜଙ୍କ ମଧ୍ୟରେ ରହିଛନ୍ତି ଦମ୍ପତି ଗୁନ୍ନମ ଜୟକ୍ରିଷ୍ଣା, ଗୁନ୍ନମ ସାଇ ବିନ୍ଦୁ କୁମାରୀ ଏବଂ ସେମାନଙ୍କ ୨ ବର୍ଷର ଝିଅ। ସୂଚନା ଅନୁସାରେ, ଗୁନ୍ନମ ଜୟକ୍ରିଷ୍ଣା ନେପାଳରେ ଏକ ହାଇଡ୍ରୋ ପ୍ରୋଜେକ୍ଟରେ କାମ କରୁଥିଲେ । ତେବେ ନେପାଳରେ ବନ୍ୟା ପରିସ୍ଥିତି ଭୟଙ୍କର ହେବା ପରେ ପରିବାର ସହ ତାଙ୍କର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ପରିବାର ଲୋକେ ବାରମ୍ବାର ଯୋଗାଯୋଗ ପାଇଁ ଚେଷ୍ଟା କରୁଥିଲେ ମଧ୍ୟ କୌଣସି ପ୍ରକାର ସମ୍ପର୍କ ସ୍ଥାପନ ହୋଇପାରୁନାହିଁ। ଏହାକୁ ନେଇ ଏବେ ଚିନ୍ତାରେ (୯ ପୃଷ୍ଠାରେ)

### ବାର୍‌ହା ଶିକାର ବିଦ୍ୟୁତ୍ ଫାଶ ନେଲା ଜୀବନ

## ଶିକାରୀ ଗୁମ୍ଫାରେ ଲୁଚାଇଥିଲା ମୃତଦେହ

ବଲାଙ୍ଗିର, ୨୮ ।୮ (ସବ୍ୟୁ): ବାରାହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ଫାସରେ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଶାଳୀ ଗୁରୁତର ଆହତ ହୋଇଛନ୍ତି । ଘଟଣାଟି ବଲାଙ୍ଗିର ଜିଲ୍ଲା ଲରମ୍ଭା ଥାନା ଅନ୍ତର୍ଗତ ଗୁଞ୍ଜାଡ଼ିହି ଜଙ୍ଗଲରେ ଘଟିଛି । ମୃତକ ହେଲେ ଚନ୍ଦନଜୁରୀ ଗାଁର କ୍ଷେତ୍ର ବାଗ ।



ସୂଚନା ଅନୁସାରେ, କ୍ଷେତ୍ର ନିଜ ଶଶୁର ଘର ଗୁଞ୍ଜାଡ଼ିହି ଗାଁକୁ ଆସିଥିଲେ। ଶୁକ୍ରବାର ସକାଳେ ସେ ନିଜ ଶାଳୀଙ୍କ ସହ ଜଙ୍ଗଲ ରାସ୍ତା ଦେଇ ଯାଉଥିବା ସମୟରେ ବାରାହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ । ଫଳରେ ଉଭୟଙ୍କୁ ବିଦ୍ୟୁତ ଝଟକା ଲାଗିଥିଲା । ଘଟଣାସ୍ଥଳରେ କ୍ଷେତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଶାଳୀ ଗୁରୁତର ଆହତ ହୋଇଥିଲେ ।

ଅଭିଯୋଗ ଅନୁସାରେ, (୯ ପୃଷ୍ଠାରେ)

**ଭିଣୋଇ ମୃତ ଶାଳୀ ଗୁରୁତର**

### ଉଚ୍ଚଶିକ୍ଷା ବିଭାଗର ନୂଆ ନିର୍ଦ୍ଦେଶ

## କଲେଜ କ୍ୟାଣ୍ଟିନ୍‌ରେ ପୁରୀ, ବରା ମନା

ଭୁବନେଶ୍ୱର, ୨୮ ।୮ (ସବ୍ୟୁ): ବିଶ୍ୱବ୍ୟାପୀ ଖାଦ୍ୟ, ସାର ଓ ଇନ୍ଧନ ଯୋଗାଣ ସଙ୍କଟର ପ୍ରଭାବକୁ ଦୃଷ୍ଟିରେ ରଖି ଖାଇବା ତେଲର ବ୍ୟବହାର କମାଇବାକୁ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜକୁ ପରାମର୍ଶ ଦେଇଛି ଉଚ୍ଚଶିକ୍ଷା ବିଭାଗ । ଏନେଇ ବିଭାଗ ପକ୍ଷରୁ ସମସ୍ତ କଲେଜର ଅଧ୍ୟକ୍ଷଙ୍କୁ ଚିଠି ଜାରି କରାଯାଇଛି ।

ବଦଳିବ କଲେଜ କ୍ୟାଣ୍ଟିନ ଖାଦ୍ୟ ତାଲିକା । ମେନୁରୁ ହଟିବ ପୁରି, ବରା, ଆଳୁଚପ ଭଳି ତେଲିଆ ଖାଦ୍ୟ । ଖାଇବା ତେଲ ବ୍ୟବହାର କମାଇବାକୁ କଲେଜ କ୍ୟାଣ୍ଟିନ୍ ଓ ହଷ୍ଟେଲକୁ ଚିଠି ଲେଖିଛି ଉଚ୍ଚଶିକ୍ଷା ବିଭାଗ । ଉଚ୍ଚଶିକ୍ଷା ବିଭାଗର ଏହି ନିର୍ଦ୍ଦେଶନାମା ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଆଧାରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପର ଅଂଶବିଶେଷ । ଏଥିରେ କଲେଜ ହଷ୍ଟେଲ ଓ କ୍ୟାଣ୍ଟିନ୍‌ରେ ଖାଦ୍ୟ ପ୍ରସ୍ତୁତି ସମୟରେ ରନ୍ଧନ ତେଲର ବ୍ୟବହାର କମାଇବା ସହ ଛାତ୍ରଛାତ୍ରୀଙ୍କ ଖାଦ୍ୟାଭ୍ୟାସରେ ଅଧିକ ତେଲ ବ୍ୟବହାର ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

ଚିଠିରେ ଦର୍ଶାଯାଇଛି ଯେ, କୋଭିଡ୍ ମହାମାରୀ ପରଠାରୁ ବିଶ୍ୱ (୯ ପୃଷ୍ଠାରେ)

### ଜୁଏଲଙ୍କ ବିସ୍ଫୋରକ ବୟାନ

## ମୋ ପଛରେ ଲାଗିଲେ 'କାଟିକି ଫିଙ୍ଗିଦେବି'

ନୂଆଦିଲ୍ଲୀ, ୨୮ ।୮ : କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଆଜି ନିଜ ଦଳର କିଛି ନେତାଙ୍କ ଉପରେ ବର୍ଷିଛନ୍ତି। କେବଳ ବର୍ଷିନାହାନ୍ତି ସେ ମଧ୍ୟ ଖୋଲା ଆହ୍ୱାନ ଦେଇଛନ୍ତି। ତାଙ୍କ ପଛରେ ଯିଏ ଲାଗିବ କାଟିକି ଫିଙ୍ଗିଦେବି ଓ ତାଙ୍କୁ ବଦନାମ କରିବାକୁ ଚେଷ୍ଟା କଲେ କିମ୍ବା ହାତ ଉଠାଇଲେ ସେ ହାତକୁ କାଟି ଫିଙ୍ଗି ଦେବାର ତାକତ ରଖିଛି ବୋଲି ଶ୍ରୀ ଓରାମ କହିଛନ୍ତି।

ଶ୍ରୀ ଓରାମ ଆଜି ଦଳୀୟ କାର୍ଯ୍ୟାଳୟକୁ ଯାଇଥିଲେ। ରାଜ୍ୟ କାର୍ଯ୍ୟାଳୟରୁ ବାହାରିବା ପରେ ସେ କହିଛନ୍ତି ଯେ କିଛି ଲୋକ ଟଙ୍କା ଖର୍ଚ୍ଚ କରି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ତାଙ୍କ ନାମରେ ଅପପ୍ରଚାର କରି ତାଙ୍କୁ ମନ୍ତ୍ରିମଣ୍ଡଳରୁ ବାହାର କରି କେନ୍ଦ୍ର



ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବେ ବୋଲି ଚେଷ୍ଟା କରୁଛନ୍ତି। ରକ୍ତ, ମାଂସ ଦେଇ ଏହି ଦଳକୁ ଗଢ଼ିଛି। ଦଳ ବି ମୋତେ ଯେଉଁ ସ୍ଥାନ ଦେଇଛି ତାହା ଯଥେଷ୍ଟ। ମୋ ବାବଦରେ ଯଦି କେହି ହାତ ଉଠାଇବ ସେ ହାତକୁ କାଟି ଫିଙ୍ଗି ଦେବାର ତାକତ ରଖିଛି। ଆଗାମୀ ନିର୍ବାଚନ ଲଢ଼ିବି ନାହିଁ ବୋଲି କହିଥିଲି। କିନ୍ତୁ ମୁଁ ଆଉଥରେ ନିର୍ବାଚନ ଲଢ଼ିବି। ଦେଖିବି କେଉଁ କେଉଁ ମାନେ ମୋ ବିରୋଧରେ କାମ କରୁଛନ୍ତି। ସେମାନଙ୍କ ଅବସ୍ଥା କଣ ହେବ ଓ ମୁଁ କଣ କରିବି ତାହା ଦେଖିବେ। ଅନ୍ୟ ପାର୍ଟିରୁ ଆସି ମୋ ଦଳରେ ପଶି ମୋତେ ଅସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି। ଏ ସମ୍ପର୍କରେ ଦଳର ସାଂଗଠନିକ ସମ୍ପାଦକ ମାନସ ମହାନ୍ତିଙ୍କୁ କହିଛି। ସେମାନେ ଏ ସମ୍ପର୍କରେ ଆଲୋଚନା କରି ମୋତେ ନ୍ୟାୟ ଦେବେ। ଆବଶ୍ୟକ ହେଲେ କେନ୍ଦ୍ରୀୟ ନେତୃତ୍ୱଙ୍କୁ ମଧ୍ୟ ଅବଗତ କରାଇବି। ମୋତେ ଯିଏ ଅପଦସ୍ତ କରିବା ପାଇଁ ଚେଷ୍ଟା କରିବ ତାଙ୍କୁ ଜାଳି ସଫା କରିଦେବି। ସୂଚନାଯୋଗ୍ୟ ରାଉରକେଲା ସର୍କିଟ୍ ହାଉସରୁ ଅପରାଧୀ ଗିରଫ ଓ ବନ୍ଧୁକ ଜବତ ଘଟଣାରେ ବିଜେପି ଯୁବନେତା ପ୍ରକାଶ ପାସ୍ୱାନଙ୍କ ନାମ ସାମ୍ନାକୁ ଆସିଥିଲା। ତାଙ୍କୁ ମଧ୍ୟ ବିଜେପି ନିଲମ୍ବିତ (୯ ପୃଷ୍ଠାରେ)

## ସୋନିଆଙ୍କ ଆତ୍ମଜୀବନୀ ପ୍ରକାଶକୁ ନେଇ ଅନିଶ୍ଚିତତା

ନୂଆଦିଲ୍ଲୀ, ୨୮ ।୮ : ସୋନିଆଙ୍କ ଆତ୍ମଜୀବନୀ 'ବିଲଙ୍ଗିଂ ଏ ଜର୍ନି ଅଫ୍ ଲଭ୍'ର ପ୍ରକାଶନକୁ ନେଇ ଏବେ ସନ୍ଦେହ ପ୍ରକାଶ ପାଇଛି। ଗଣମାଧ୍ୟମରେ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ଏହାର ପ୍ରକାଶନ ପାଇଁ ମନା କରିଥିବା କିଛି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଚର୍ଚ୍ଚା ଅନୁଯାୟୀ ପୁସ୍ତକର କିଛି ସମ୍ପାଦକୀୟ ଅଂଶକୁ ପ୍ରକାଶନ ସଂସ୍ଥା ପରିବର୍ତ୍ତନ କରିବାକୁ ଚାହିଁଥିଲେ। ମାତ୍ର ସୋନିଆ ଗାନ୍ଧି ଏଥିରେ ରାଜି ନ ହେବାରୁ ଏହି ବହିକୁ ପ୍ରକାଶ କରିବାକୁ ସଂସ୍ଥା ରାଜି ହୋଇନଥିବା ଖବର ପ୍ରକାଶ ପାଇଥିଲା।

ପିଆର୍‌ଏଚ୍‌ଆଇ ପକ୍ଷରୁ ସ୍ପଷ୍ଟୀକରଣ ରଖି କୁହାଯାଇଛି ଯେ ଏହି ବହିର ପ୍ରକାଶକ ଆମେ ନୁହଁ।



ଲେଖକ ସମ୍ପାଦନା ପରିବର୍ତ୍ତନ ଗ୍ରହଣ ନ କରବାରୁ ଆମେ ପ୍ରକାଶନରୁ ଓହରି ଗଲୁ ବୋଲି କୁହାଯାଉଥିବା କଥା ସତ୍ୟ ନୁହେଁ। ବହିର ତଥ୍ୟ ଯାଞ୍ଚ କରିବା, ଆବଶ୍ୟକ ସୁପାରିଶ କରିବା ପ୍ରକାଶନ ସଂସ୍ଥାର ନିୟମିତ ପ୍ରକ୍ରିୟା। ଆମେ ଏହି ବହିକୁ ପ୍ରକାଶ କରିବାକୁ ସଦାସର୍ବଦା ଆଗ୍ରହୀ ଥିଲୁ। ତେବେ ଲେଖିକାଙ୍କ ସହ ହୋଇଥିବା ଆଲୋଚନା ଗୋପନୀୟ ହୋଇଥିବାରୁ ଏହାଠାରୁ ଅଧିକ କିଛି କହିବାକୁ ସଂସ୍ଥା ମନା କରିଛି। ଏହି ବହିଟି ନଭେମ୍ବର ୧୦ରେ ଆନ୍ତର୍ଜାତୀୟ ସ୍ତରରେ ପ୍ରକାଶ ପାଇବ।

ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍‌ର ଅନ୍ୟ ଏକ ସଂସ୍ଥା ଆଲ୍‌ଫ୍ରେଡ୍ ଏ କ୍ନୋପ୍ଫ ଏହାକୁ ପ୍ରକାଶ କରୁଛି। ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ କପି ଛପା ହେବାକୁ ଲକ୍ଷ୍ୟ ରଖାଯାଇଛି। ସୋନିଆ ତାଙ୍କ ଆତ୍ମଜୀବନୀରେ ତାଙ୍କ ବାଲ୍ୟକାଳ, ଭାରତ ଆଗମନ, ରାଜୀବ ଗାନ୍ଧିଙ୍କ ସହ ବିବାହ, ସଞ୍ଜୟ ଗାନ୍ଧି, ଇନ୍ଦିରା ଗାନ୍ଧି ଓ ରାଜୀବ ଗାନ୍ଧିଙ୍କ ବିୟୋଗ ପରି ଅନେକ ଘଟଣା ଅବତରଣ କରିଛନ୍ତି।

## ଡ୍ରେସକୁ ନେଇ ବିବାଦ



ଏକ ପ୍ରସିଦ୍ଧ ଜୁଏଲରୀ ବ୍ରାଣ୍ଡର ରକ୍ଷାବନ୍ଧନ ବିଜ୍ଞାପନକୁ ନେଇ ବଲିଉଡ୍ ଅଭିନେତ୍ରୀ କ୍ରିତି ସନନ ବିବାଦର ଘେରକୁ ଆସିଛନ୍ତି । ସୋସିଆଲ ମିଡିଆରେ ଏହାକୁ ନେଇ ଅନେକ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି । ତେବେ ନିକଟରେ କ୍ରିତି ଏହି ଘଟଣାରେ ଟ୍ରୋଲର୍ସଙ୍କୁ କଡ଼ା ଜବାବ ଦେଇଛନ୍ତି । ବିଜ୍ଞାପନରେ କ୍ରିତିଙ୍କ ଇଣ୍ଡୋ-ୱେଷ୍ଟର୍ଣ୍ଣ ବ୍ରାଲେଟ୍ ଷ୍ଟାଇଲ୍ ପୋଷାକ ଏବଂ ଭାଇଙ୍କ ବ୍ୟତୀତ ନିଜ ପାଳିତ କୁକୁରକୁ ରାଖୀ ବାନ୍ଧିବା ଦୃଶ୍ୟକୁ ନେଇ ସୋସିଆଲ ମିଡିଆରେ ଭାରତୀୟ ସଂସ୍କୃତି ଓ ହିନ୍ଦୁ ପରମ୍ପରାର ଅପମାନ ହୋଇଥିବା ଅଭିଯୋଗ ଆସିଛି । ଏହାର ଉତ୍ତର ଦେଇ କ୍ରିତି ପ୍ରକାଶ କରିଛନ୍ତି ଯେ, ସମୟ ସହ ଏଥନିକ୍ ଫ୍ୟାଶନ୍‌ରେ ପରିବର୍ତ୍ତନ ଆସିଥିଲେ ବି ଆଜି ମଧ୍ୟ ମହିଳାଙ୍କ ସଂସ୍କୃତି ପ୍ରତି ଥିବା ସମ୍ମାନକୁ କେବଳ ତାଙ୍କ ପୋଷାକରୁ ଆକଳନ କରାଯାଉଛି । ସମାଜ ମହିଳାଙ୍କ ପୋଷାକ ଉପରେ ପ୍ରଶ୍ନ ଉଠାଇବା କେବେ ବନ୍ଦ କରିବ ବୋଲି ପ୍ରଶ୍ନ କରିବା ସହ ସେ କହିଛନ୍ତି ଯେ ସଂସ୍କୃତି ଓ ପରମ୍ପରା ମଣିଷର ହୃଦୟରେ ଥାଏ, ତାଙ୍କ ନେକ୍‌ଲାଇନ୍‌ରେ ନୁହେଁ । ରକ୍ଷାବନ୍ଧନ କେବଳ ସୁରକ୍ଷା ଓ ଭଲପାଇବାର ପ୍ରତୀକ ହୋଇଥିବାରୁ ସେ ଏବଂ ତାଙ୍କ ଭଉଣୀ ନୂପୁର ପରସ୍ପରକୁ ରାଖୀ ବାନ୍ଧିଥାନ୍ତି । ଏହାସହ ପରିବାରର ଅଂଶବିଶେଷ ହୋଇଥିବାରୁ ନିଜ ପାଳିତ କୁକୁର ପ୍ରତି ମଧ୍ୟ ତାଙ୍କର ସମାନ ଭଲପାଇବା ରହିଛି ।

## ବର୍ଷାପାଇଁ ଗଧର ଶ୍ମଶାନ ବୁଲା



ମଧ୍ୟପ୍ରଦେଶର ଏକ ଗାଁରେ ବର୍ଷା ପାଇଁ ଗ୍ରାମବାସୀ ଏକ ନିଆରା ଓ ଅଦ୍ଭୁତ ପନ୍ଥା ଆପଣାଇଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ଅଗଷ୍ଟ ମାସ ବିତିଯାଇଥିଲେ ବି ମୋଟ ବର୍ଷା ପରିମାଣ ସାଧାରଣଠାରୁ ୫-୬ ପ୍ରତିଶତ କମ୍ ରହିଥିବାରୁ ମୌସମୀ ବାୟୁ ଦୁର୍ବଳ ହୋଇପଡ଼ିଛି । ଯାହା ଫଳରେ ଚାଷୀଙ୍କ ସୋୟାବିନ୍ ଫସଲ ନଷ୍ଟ ହେବାର ଭୟ ସୃଷ୍ଟି ହୋଇଛି । ଏହି ଫସଲକୁ ବଞ୍ଚାଇବା ଏବଂ ଭଲ ବର୍ଷା କରାଇବା ଆଶାରେ ଗ୍ରାମବାସୀ ଏକ ପୁରୁଣା ଲୋକବିଶ୍ୱାସର ସାହାରା ନେଇଛନ୍ତି । ଏହି ପରମ୍ପରା ଅନୁଯାୟୀ, ଗୋଟିଏ ଗଧକୁ ଫୁଲମାଳ ପିନ୍ଧାଇ ସଜାଯିବା ପରେ ଜଣେ ଯୁବକ ତା' ଉପରେ ବସି ଶ୍ମଶାନ ଘାଟର ପରିକ୍ରମା କରିଥିଲେ । ଗ୍ରାମବାସୀଙ୍କ ବିଶ୍ୱାସ ଯେ ଏପରି କରିବା ଦ୍ୱାରା ଇନ୍ଦ୍ରଦେବ ପ୍ରସନ୍ନ ହୁଅନ୍ତି ଏବଂ ଅଞ୍ଚଳରେ ପ୍ରଚୁର ବର୍ଷା ହୋଇଥାଏ ।


## ଜାତୀୟ କ୍ରୀଡ଼ା ଦିବସ



ଭାରତର କ୍ରୀଡ଼ା ଜଗତର କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚନ୍ଦଙ୍କ ସ୍ମୃତିକୁ ଜୀବନ୍ତ ରଖିବା ଏବଂ କ୍ରୀଡ଼ା ପ୍ରତି ଦେଶର ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ 'ଜାତୀୟ କ୍ରୀଡ଼ା ଦିବସ' ଭାବେ ପାଳନ କରାଯାଏ । ୧୯୦୫ ମସିହା ଅଗଷ୍ଟ ୨୯ ରେ ଜନ୍ମଗ୍ରହଣ କରିଥିବା 'ହକିର ଯାଦୁକର' ମେଜର ଧ୍ୟାନଚନ୍ଦ ୧୯୨୮, ୧୯୩୨ ଓ ୧୯୩୬ ଅଲିମ୍ପିକ୍ସରେ ଭାରତକୁ ସ୍ୱର୍ଣ୍ଣ ପଦକ ଜିତାଇ ଦେଶ ପାଇଁ ଗୌରବ ଆଣିଦେଇଥିଲେ । ତାଙ୍କର ଏହି ଅତୁଳନୀୟ ଯୋଗଦାନକୁ ସମ୍ମାନ ଜଣାଇ ଭାରତ ସରକାର ୨୦୧୨ ମସିହାରୁ ତାଙ୍କ ଜନ୍ମଜୟନ୍ତୀକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ଖେଳକୁଦ, ଶାରୀରିକ ସୁସ୍ଥତା ଏବଂ କ୍ରୀଡ଼ାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା । ଏହି ଅବସରରେ ଦେଶର ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ 'ମେଜର ଧ୍ୟାନଚନ୍ଦ ଖେଳରତ୍ନ', 'ଅର୍ଜ୍ଜୁନ ପୁରସ୍କାର' ଏବଂ କୋଚ୍‌ମାନଙ୍କୁ 'ଦ୍ରୋଣାଚାର୍ଯ୍ୟ ପୁରସ୍କାର'ରେ ସମ୍ମାନିତ କରିଥାନ୍ତି । ଆଜିର ଆଧୁନିକ ଓ ବ୍ୟସ୍ତବହୁଳ ଜୀବନଶୈଳୀରେ କ୍ରୀଡ଼ା କେବଳ ମନୋରଞ୍ଜନ ନୁହେଁ, ବରଂ ଶାରୀରିକ ଓ ମାନସିକ ସୁସ୍ଥତା, ଶୃଙ୍ଖଳା ଏବଂ ଏକତା ଆଣିବାର ଏକ ସଶକ୍ତ ମାଧ୍ୟମ ହୋଇଥିବାରୁ ଏହି ଦିବସର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି ।

## କୁକୁରଙ୍କ ଆଧାରକାର୍ଡ଼

ଆଇଆଇଟି ବମ୍ବେ କ୍ୟାମ୍ପସରେ ବୁଲୁଥିବା କୁକୁରମାନଙ୍କ ସୁରକ୍ଷା ଓ ଚିକିତ୍ସା ସୁବିଧା ପାଇଁ ଛାତ୍ରଛାତ୍ରୀମାନେ ଏକ ଅଭିନବ ପଦକ୍ଷେପ ସ୍ୱରୂପ ସେମାନଙ୍କ ପାଇଁ 'ଆଧାର କାର୍ଡ' ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଏହି ନୂତନ ପ୍ରଯୁକ୍ତିବିଦ୍ୟା ଅଧୀନରେ କ୍ୟାମ୍ପସର ପ୍ରତ୍ୟେକ କୁକୁରଙ୍କୁ ଏକ ସ୍ୱତନ୍ତ୍ର 'ଆନିମଲ ଆଧାର ଆଇଡି' ଦିଆଯାଇ ସେମାନଙ୍କ ବେକରେ କ୍ୟୁଆର କୋଡ୍ ଥିବା କଲର ଲଗାଯାଇଛି । ଏହି କୋଡ୍‌କୁ ସ୍ମାର୍ଟଫୋନ୍ ମାଧ୍ୟମରେ ସ୍କାନ୍ କଲେ କୁକୁରର ନିର୍ଦ୍ଦିଷ୍ଟ ପରିଚୟ, ତା'ର ବର୍ତ୍ତମାନର ଲୋକେସନ୍, ମେଡିକାଲ ରେକର୍ଡ ଏବଂ ଟିକାକରଣ ସାର୍ଟିଫିକେଟ୍ ଆଦି ସମସ୍ତ ସୂଚନା ତୁରନ୍ତ ସାମ୍ନାକୁ ଆସିପାରୁଛି । କ୍ୟାମ୍ପସରେ ବୁଲୁଥିବା ସମୟରେ କୋଡ୍ ସ୍କାନ୍ ହେବା ଦ୍ୱାରା କୁକୁରଟି ସାଧାରଣତଃ କେଉଁ ଅଞ୍ଚଳରେ ରହୁଛି ତାହା ରେକର୍ଡ ହୋଇପାରୁଛି । ଯାହା ଫଳରେ ସେମାନଙ୍କୁ ଚିହ୍ନଟ କରିବା ସହଜ ହେଉଛି । ଏହି ବ୍ୟବସ୍ଥା ଦ୍ୱାରା ଛାତ୍ରଛାତ୍ରୀ ଏବଂ ପଶୁପ୍ରେମୀ କେଉଁ କୁକୁରର ଚିକିତ୍ସା କିମ୍ବା ଟିକାକରଣ ବାକି ଅଛି ତାହା ସହଜରେ ଜାଣି ସେମାନଙ୍କର ସଠିକ୍ ଯତ୍ନ ନେଇପାରୁଛନ୍ତି ।



## ସୋସିଆଲ କୋଟ୍ସ



ଆମେ ଯେତେବେଳେ ଡେଟିଂ କରିବା ଆରମ୍ଭ କରିଥିଲୁ ସେତେବେଳେ ପ୍ରମିସ କରିଥିଲୁ ଦୁନିଆ ବୁଲିବୁ । ଏହାପରେ ବାହା ହୋଇ ଏକାଠି ବୁଲିଥିଲୁ । ବର୍ତ୍ତମାନ ଆମ ସହ ଆହୁରି ନୂଆ ଟ୍ରାଭେଲର ଯୋଡି ହୋଇଛନ୍ତି ।

**ରୁବିନା ଦୈଲକ, ଅଭିନେତ୍ରୀ**



ମୁଁ ୩ବର୍ଷ ପରେ କମବ୍ୟାକ କରୁଥିବାରୁ ବହୁତ ନର୍ଭସ ଥିଲି । ହେଲେ ସେହି ସମୟରେ ମୋତେ ମୋ ପୁଅ ଆରିୟନ ଖୁବ ମୋଟିଭେଟ୍ କରିଥିଲା । ସେ ମୋତେ ବହୁତ କିଛି କଥା ବୁଝାଇଥିଲା ।

**ଶାହରୁଖ ଖାନ, ଅଭିନେତା**



ଯେତେବେଳେ ମୁଁ ଛୋଟ ଥିଲି ସେତେବେଳେ ପାଖାପାଖି ୭ଥର ଶାହରୁଖ ଖାନଙ୍କ ଫିଲ୍ମ "କଲ୍ ହୋ ନା ହୋ' ଦେଖିଛି । ଯେତେବେଳେ ମୁଁ ଏହି ଫିଲ୍ମ ଦେଖୁଥିଲି ସେତେବେଳେ ମୋ ଆଖିରେ ଲୁହ ଆସିଯାଇଥାଏ ।

**ଅନିରୁଦ୍ଧ, ମ୍ୟୁଜିକ କମ୍ପୋଜର**

## ମାଗଣା ସେବା



ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ର ଏକ ଟ୍ୟାକ୍ସି ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଜଣେ ଟ୍ୟାକ୍ସି ଚାଳକ ନିଜ ଗାଡ଼ିକୁ ଏକ 'ମିନି ମାର୍ଟ'ରେ ପରିଣତ କରିଥିବା ଦେଖିବାକୁ ମିଳିଛି । ସେ ଏଥିରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ଯାତ୍ରୀମାନଙ୍କ ପାଇଁ ମାଗଣାରେ ଉପଲବ୍ଧ କରାଇଛନ୍ତି । ସୋସିଆଲ୍ ମିଡିଆ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ 'ଫ୍ଲୋରା ଆଣ୍ଡ ନୋଟ' ଦ୍ୱାରା ସେୟାର କରାଯାଇଥିବା ଏକ ଭିଡିଓରୁ ଜଣାପଡ଼ିଛି ଯେ, ଚାଳକଜଣକ ବିଗତ ୧୦ ବର୍ଷ ଧରି ଏହି ଜନକଲ୍ୟାଣକାରୀ କାର୍ଯ୍ୟ ଜାରି ରଖିଛନ୍ତି । ଗାଡ଼ି ଭିତରେ ବ୍ରଶ୍, ମୋଜା, ଆଇନା, ବେବି ପାଉଡର୍, ଏବଂ ବିଲେଇ ଖାଦ୍ୟ ଭଳି ନିତ୍ୟ ଆବଶ୍ୟକୀୟ ଜିନିଷ ସହିତ ଯାତ୍ରୀମାନଙ୍କ ପାଇଁ ପାଣି ଓ କଫିର ବ୍ୟବସ୍ଥା ମଧ୍ୟ ରହିଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ସମସ୍ତ ସାମଗ୍ରୀ ସମ୍ପୂର୍ଣ୍ଣ ମାଗଣା । ଚାଳକଙ୍କର ଏହି ଭାବନାକୁ ଖୁସିରେ ସ୍ୱୀକାର କରି ଯାତ୍ରୀମାନେ ଯେଉଁ ଟିପ୍ସ ଦିଅନ୍ତି, ସେହି ଅର୍ଥରେ ସେ ପୁଣି ନୂଆ ସାମଗ୍ରୀ କିଣି ଗାଡ଼ିରେ ରଖନ୍ତି । ଏହି ନିଆରା ଉଦ୍ୟମ 'ପେ-ଇଟ୍-ଫରୱାର୍ଡ' ସାହାଯ୍ୟର ଶୃଙ୍ଖଳାର ଏକ ସୁନ୍ଦର ଉଦାହରଣ ସାଜିଥିବା ବେଳେ ସୋସିଆଲ୍ ମିଡିଆରେ ନେଟିଜେନ୍‌ମାନେ ଚାଳକଙ୍କ ଏହି ମାନବୀୟତା ଓ ଉଦାରତାକୁ ଭୂୟସୀ ପ୍ରଶଂସା କରୁଛନ୍ତି ।

## ୩ହଜାର ବର୍ଷ ପୁରୁଣା ପଥର

ମିଶରର ଉତ୍ତର-ପୂର୍ବ ସିନାଇ ଉପଦ୍ୱୀପ ନିକଟସ୍ଥ 'ଟେଲ୍ ଅବୁ ସେଇଫି' ପ୍ରତ୍ନତାତ୍ତ୍ୱିକ ସ୍ଥଳରୁ ପ୍ରାୟ ୩,୦୦୦ ବର୍ଷ ପୁରୁଣା ଏକ ବିଶାଳ ବାଲୁକା ପଥର ଆବିଷ୍କାର କରାଯାଇଛି । ଏହା ସ୍ଥାନୀୟ ବାସିନ୍ଦା ଓ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କୁ ଦୀର୍ଘ ଦିନରୁ ହଜିଯାଇଥିବା ପ୍ରାଚୀନ ସହର 'ମେସେନ୍' ସମ୍ପର୍କରେ ଏକ ବଡ଼ ସୁରାକ୍ ଦେଇଛି । ମିଶରର ପର୍ଯ୍ୟଟନ ଓ ପ୍ରାଚୀନ କୀର୍ତ୍ତିରାଜି ମନ୍ତ୍ରଣାଳୟ ଦ୍ୱାରା ଏହି ପଥର ସମ୍ପର୍କରେ ଅନେକ ତଥ୍ୟ ଦିଆଯାଇଛି । ସୂଚନାନୁଯାୟୀ, ଦୁଇ ଖଣ୍ଡରେ ଭଙ୍ଗା ଯାଇଥିବା ଏହି ପଥରଟିର ତିନୋଟି ପାଖରେ ମିଶରର ପ୍ରସିଦ୍ଧ ନିଉ କିଙ୍ଗଡମ୍ ସାମ୍ରାଜ୍ୟ (୧୫୭୦-୧୦୬୯ ଖ୍ରୀଷ୍ଟପୂର୍ବ)ର ବଳିଷ୍ଠ ଶାସକ ରାମସେସ୍-୨ଙ୍କ ଉପାଧି ଏବଂ ପ୍ରାଚୀନ ମିଶରୀୟ ଦେବତା ହୋରସ୍‌ଙ୍କୁ 'ମେସେନ୍ ସହରର ପ୍ରଭୁ' ଭାବେ ଉଲ୍ଲେଖ କରାଯାଇଥିବା ଶିଳାଲେଖ ରହିଛି । ପବିତ୍ର ବାଇବେଲ୍‌ର 'ଓଲ୍ଡ ଟେଷ୍ଟାମେଣ୍ଟ' (ବୁକ୍ ଅଫ୍ ଏକ୍ସୋଡସ୍)ରେ ବର୍ଣ୍ଣିତ ଇସ୍ରାଏଲୀୟମାନଙ୍କ ମିଶର ତ୍ୟାଗ ସମୟର ନିଷିଦ୍ଧ ସଂକ୍ଷିପ୍ତ ମାର୍ଗ "ୱେ ଅଫ୍ ଦି ଲ୍ୟାଣ୍ଡ ଅଫ୍ ଦି ଫିଲିଷ୍ଟାଇନ୍ସ" ସହ ଏହି ସହର ପାଖ ଦେଇ ଯାଇଥିବା ପ୍ରସିଦ୍ଧ 'ହୋରସ୍ ସୈନ୍ୟ ମାର୍ଗ' ର ପ୍ରତ୍ୟକ୍ଷ ସମ୍ପର୍କ ରହିଥିବା ବିଶ୍ୱାସ କରାଯାଏ । ଏହି ସମ୍ପ୍ରତି ଖନନ ସମୟରେ ଇଟା ଓ ଦୁର୍ଗାକାର ପ୍ରାଚୀରରେ ଘେରା ଏକ ବିଶାଳ ମନ୍ଦିର ପରିସର, ଖାଦ୍ୟ ସଂରକ୍ଷଣ କୋଠରୀ ଏବଂ ସୈନ୍ୟବାହିନୀ ଚଳାଚଳ ପାଇଁ ବ୍ୟବହୃତ ଦୁଇଟି ପଥର ରାସ୍ତା ଆବିଷ୍କୃତ ହୋଇଛି । ଯାହା ପରବର୍ତ୍ତୀ ସମୟରେ ପାରସ୍ୟ, ପ୍ରୋଲେମିକ୍ ଓ ରୋମାନ୍ ଶାସକମାନଙ୍କ ନିୟନ୍ତ୍ରଣକୁ ମଧ୍ୟ ଆସିଥିଲା । ଯଦିଓ ଏହି ଶିଳାଲେଖ ପ୍ରତ୍ୟକ୍ଷ ଭାବେ ଟେଲ୍ ଅବୁ ସେଇଫି ହିଁ 'ମେସେନ୍' ସହର ବୋଲି ଚୂଡ଼ାନ୍ତ ପ୍ରମାଣ ଦେଇନାହିଁ, ତଥାପି ମିଶରୀୟ ସଂସ୍କୃତି ଅଧିକାରୀମାନଙ୍କ ମତରେ ଏହି ଐତିହାସିକ ପ୍ରମାଣଗୁଡ଼ିକ ସହରଟିର ପରିଚୟ ସ୍ପଷ୍ଟ କରିବାରେ ଏକ ମଜବୁତ୍ ଆଧାର ଠିଆ କରିଛି ଏବଂ ଏଥିପାଇଁ ଆଗକୁ ଗବେଷଣା ଜାରି ରହିବ ।



## ଇତିହାସ

୧୮୮୭- ଗାନ୍ଧିଜୀଙ୍କ ଡାକ୍ତର କୁହାଯାଉଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୀବରାଜ୍ ମେହେଭାଙ୍କ ଜନ୍ମ ।

୧୯୦୫- ପ୍ରସିଦ୍ଧ ଭାରତୀୟ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ । ଏହି ଦିନକୁ ଜାତୀୟ ଖେଳ ଦିବସ ରୂପେ ପାଳନ କରାଯାଏ ।

୧୯୪୯- ଭାରତର ପ୍ରସିଦ୍ଧ ବୈଜ୍ଞାନିକ କେ. ରାଧାକୃଷ୍ଣନଙ୍କ ଜନ୍ମ । ତାଙ୍କ ପ୍ରୟାସରେ ଭାରତ ପ୍ରଥମକରି ମଙ୍ଗଳକୁ ମଙ୍ଗଳଯାନ ପଠାଇଥିଲା ।

୧୯୫୭- ନାଗରିକ ଅଧିକାର ଅଧିନିୟମ ୧୯୫୭ ପାରିତ ।

୧୯୬୯- କାରଗିଲ୍ ଯୁଦ୍ଧରେ ସହିଦ ହୋଇଥିବା ମେଜର ମନୋଜ ତଲୱାରଙ୍କ ଜନ୍ମ ।

୧୯୭୪- ଚୌଧୁରୀ ଚରଣ ସିଂହଙ୍କ ଦ୍ୱାରା ଲୋକଦଳ ପାର୍ଟି ସ୍ଥାପିତ ।

୧୯୯୮- ପୂର୍ବତନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ।

୨୦୦୦- ନ୍ୟୁୟର୍କରେ ଚାରିଦିନିଆ ବିଶ୍ୱ ଶାନ୍ତି ଶିଖର ସମ୍ମିଳନୀ ଆରମ୍ଭ ।

୨୦୧୪- ଫିଲ୍ମ ଗାନ୍ଧୀ ପାଇଁ ଓସ୍କାର ବିଜୟୀ ନିର୍ଦ୍ଦେଶକ ରିଚାର୍ଡ ଏଟନବରାଙ୍କ ଦେହାନ୍ତ ।



**ମେଷ:** ପ୍ରୀତିହାନି, ନୂତନ କାର୍ଯ୍ୟରେ ସମସ୍ୟା, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ, ଭ୍ରମଣଖୁସି, ସମ୍ପତ୍ତିବିବାଦ, କର୍ମକ୍ଷେତ୍ରେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ସନ୍ତାନଲାଭ, ବିଦ୍ୟାରେ ସଫଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ଯାତ୍ରାରେ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପଲାଭ, ଅର୍ଥକଷ୍ଟ, ଦ୍ରବ୍ୟପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ପାରିବାରିକ ସହଯୋଗ, ସମ୍ମାନଲାଭ, ପୁରାତନ ବିବାଦ, ସନ୍ତାନସମସ୍ୟା, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪ ଆରାଧନା-ଶଙ୍କର ଭଗବାନ ।

**ମିଥୁନ:** କାର୍ଯ୍ୟରେ ସଫଳ, ସମ୍ପତ୍ତିଲାଭ, ଶୁଭଖବର, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଦେବଦର୍ଶନ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସଫଳ, ବ୍ୟବସାୟିକ ଲାଭ, ବନ୍ଧୁଦର୍ଶନ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ବ୍ୟବସାୟରେ ସନ୍ତୁଷ୍ଟ, ନୂତନ କର୍ମଆରମ୍ଭ, ପାରିବାରିକ ଖୁସି, ବନ୍ଧୁ ସହଯୋଗ, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ଦାମ୍ପତ୍ୟଖୁସି, ବ୍ୟକ୍ତିସାହାଯ୍ୟ, ମାନସିକ ଅବସାଦ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**ସିଂହ:** ସୁସମାଚାର, ମାନସିକ ଶାନ୍ତି, ମାନସମ୍ମାନ ପ୍ରାପ୍ତି, ଲୋକସମ୍ପର୍କରେ ଉନ୍ନତି, ଦେବଦର୍ଶନ, କର୍ମକ୍ଷେତ୍ରେ ସମ୍ମାନ, ବିଦ୍ୟାରେ ସଫଳ, ଅନୁଷ୍ଠାନରୁ ଲାଭ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**କନ୍ୟା:** ଅଯଥା ଖର୍ଚ୍ଚ, ଶତ୍ରୁସମସ୍ୟା, ଭ୍ରମଣକଷ୍ଟ, ଭ୍ରାତୃସ୍ନେହ, ଲୋକସମ୍ପର୍କ ବୃଦ୍ଧି, କଚେରୀ ମାମଲା, ବ୍ୟବସାୟିକ କଷ୍ଟ, ଦାମ୍ପତ୍ୟ ଖୁସି, ଚୋରିଭୟ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ତୁଳା:** ଭ୍ରମଣ ସୁଖ, ଖୁସିଖବର, ଦାମ୍ପତ୍ୟସୁଖ, ସମ୍ପତ୍ତିବିବାଦ, ଉଚ୍ଚଆଶା ସଫଳ, ଦେବଦର୍ଶନ, ଅତିଥିସତ୍କାର, ପଡ଼ିଶା ଗଣ୍ଡଗୋଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା-ମା' ପାର୍ବତୀ ।

**ବିଛା:** ଖୁସିଖବର, ବ୍ୟବସାୟରେ ଲାଭ, ବ୍ୟକ୍ତିସାହାଯ୍ୟ, ଅର୍ଥପ୍ରାପ୍ତି, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସୁଖବର, ସମ୍ମାନବୃଦ୍ଧି, ଶତ୍ରୁବୃଦ୍ଧି, ଦାମ୍ପତ୍ୟଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** କାର୍ଯ୍ୟରେ ବାଧା, ଦ୍ରବ୍ୟନଷ୍ଟ, ବନ୍ଧୁସହଯୋଗ, ଅର୍ଥସମସ୍ୟା, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ଅପମାନଯୋଗ, ଶତ୍ରୁସମସ୍ୟା, ସମ୍ପତ୍ତିଲାଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଗୁରୁଜନଙ୍କ ସେବା ।

**ମକର:** ଯାତ୍ରାରେ ସତର୍କ, ବ୍ୟବସାୟିକ କଷ୍ଟ, ତୀର୍ଥଯାତ୍ରା ସଫଳ, ବନ୍ଧୁଦର୍ଶନ, ଶତ୍ରୁସମସ୍ୟା, ମାନସିକ ଦ୍ୱନ୍ଦ୍ୱ, ନୂତନ କର୍ମପ୍ରତି ଆଗ୍ରହ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୭, ଆରାଧନା-ମା' ଗ୍ରାମଦେବତୀ ।

**କୁମ୍ଭ:** ସମ୍ପର୍କରେ ଉନ୍ନତି, ବ୍ୟବସାୟିକ ଲାଭ, ଶୁଭଖବର, ଶରୀର ସୁସ୍ଥ, ସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ସ୍ଥାନାନ୍ତର, ଉଚ୍ଚଆଶା ସଫଳ, ଅର୍ଥଲାଭ, ବାନ୍ଧବୀଲାଭ, ସନ୍ତାନଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗେଣି, ସଂଖ୍ୟା-୯, ଆରାଧନା-ବଗଳାମୁଖୀ ।

**ମୀନ:** ଦ୍ରବ୍ୟଲାଭ, ଗୃହେ ସହଯୋଗ, ଶରୀର ସୁସ୍ଥ, ଦେବଦର୍ଶନ, ନୂତନ କାର୍ଯ୍ୟାରମ୍ଭ, ଦୂରଯାତ୍ରା ସଫଳ, ଗୃହଜଞ୍ଜାଳ ବୃଦ୍ଧି, ଶୁଭଖବର, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

**ଭାଦ୍ରବ କୃଷ୍ଣ ପକ୍ଷ ପ୍ରତିପଦା**
**୨୯.୮.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ନୟାଗଡ ଜିଲ୍ଲା ଲାଠିପଡାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

### ନଦୀ ଗର୍ଭରୁ ବେଆଇନ ବାଲି ଉଠାଣ ଯୋଗୁଁ ଅଘଟଣ

## ବ୍ରାହ୍ମଣୀ ନଦୀରେ ଭାସିଗଲେ ୩ ଯୁବକ : ଦୁଇ ଉଦ୍ଧାର, ଜଣେ ନିଖୋଜ

ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ଜେନାପୁର-ଯାବରା ସେତୁ ତଳେ ଗାଧୋଉଥିବା ବେଳେ ବେଆଇନ ବାଲି ଉତ୍ତୋଳନ ଯୋଗୁଁ ସୃଷ୍ଟି ହୋଇଥିବା ଗାଡରେ ପଡିଯାଇ



ତିନିଜଣ ଯୁବକ ଭାସିଯିବା ପରି ଏକ ଅଭାବନୀୟ ଘଟଣା ଘଟିଯାଇଛି । ଉକ୍ତ ଯୁବକମାନେ ଗଭୀର ବାଲି ଗାଡରେ ପଡି ନଦୀର ଜଳ ସ୍ରୋତରେ ଭାସି ଯାଉଥିବା ବେଳେ ସ୍ଥାନୀୟ ଲୋକେ ସାହସ କରି ଦୁଇ ଜଣଙ୍କୁ ଉଦ୍ଧାର କରିଥିଲେ। ହେଲେ ଅନ୍ୟଜଣେ ଯୁବକ ଏବେ ମଧ୍ୟ ନିଖୋଜ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଜେନାପୁର ଥାନା ଅଧିନ ବରହମପୁର ଗ୍ରାମର ବିଜୟ ଦଳେଇଙ୍କ ପୁଅ ପ୍ରତାପ ଦଳେଇ (୨୧), ଅମୂଲ୍ୟ ଦଳାଇଙ୍କ ପୁଅ ସିଦ୍ଧାର୍ଥ ଦଳାଇ, ଓରଫ ନଣ୍ଡା (୨୪) ଏବଂ ଯଇରାମ ଦଳାଇଙ୍କ ପୁଅ ଶାନ୍ତନୁ ଦଳେଇ, ଓରଫ କାଳିଆ (୨୩) ଦିନ ପ୍ରାୟ ଦୁଇଟା ବେଳେ ନଦୀକୁ ଗାଧେଇବା ପାଇଁ ଯାଇଥିଲେ । ତେବେ ନଦୀ ଗର୍ଭରୁ ବେଆଇନ ବାଲି ଉତ୍ତୋଳନ ଦ୍ୱାରା ସୃଷ୍ଟି ହୋଇଥିବା ଗଭୀର ଗର୍ତ୍ତରେ ସେମାନେ ଅଜାଣତରେ ପଡିଯାଇଥିଲେ। ଏହି ଗର୍ତ୍ତରେ ଜଳ ସ୍ରୋତ ପ୍ରଖର ଥିବାରୁ ସେମାନେ ଭାସିଯାଇ ଥିଲେ। ସମସ୍ତେ ପାଣିରେ ବୁଡି ଯାଉଥିବା ବେଳେ ସ୍ଥାନୀୟ ରବୀନ୍ଦ୍ର ପଣ୍ଡାଙ୍କ ପୁଅ ସତ୍ୟବ୍ରତ ପଣ୍ଡା (୨୫) ଜୀବନକୁ ବାଜି ଲଗାଇ ଜଳ ସ୍ରୋତକୁ ଲମ୍ଫମାରି ସିଦ୍ଧାର୍ଥ ଓ ଶାନ୍ତନୁଙ୍କୁ ଉଦ୍ଧାର କରିଥିବାକୁ ସକ୍ଷମ ହୋଇଥିଲା ବେଳେ ଅନ୍ୟଜଣେ ଯୁବକ ପ୍ରତାପଙ୍କୁ ଉଦ୍ଧାର କରି ପାରିନଥିଲେ । ପରେ ଖବର ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ ମଧ୍ୟ ରିପୋର୍ଟ ଲେଖାହେବି ପର୍ଯ୍ୟନ୍ତ ନିଖୋଜ ଯୁବକଙ୍କ ପତ୍ତା ମିଳିପାରି ନାହିଁ। ଏଭଳି ଦୂର୍ଘଟଣା ପାଇଁ ସ୍ଥାନୀୟ ଲୋକେ ବେଆଇନ ବାଲିଘାଟ ଦ୍ୱାରା ନଦୀ ଭିତରେ ସୃଷ୍ଟି ହୋଇଥିବା ବୃହତ ଗର୍ତ୍ତକୁ ଦାୟୀ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ତିବ୍ର ବିରୋଧ ସତ୍ତ୍ୱେ ଏଠାରୁ ମାଫିଆମାନେ ବେଆଇନ ଭାବେ ବାଲି ଉଠାଇ ନେଇ ଥିବାରୁ ଏଭଳି ଆଘଟଣ ଘଟିଲା ବୋଲି ଲୋକେ ଅଭିଯୋଗ କରିଛନ୍ତି । ପାଣିରୁ ଉଦ୍ଧାର ପରେ ଆହତ ଦୁଇ ଯୁବକଙ୍କୁ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ନିଖୋଜ ଯୁବକ ପ୍ରତାପରକୁ ଠାବ କରିବା ପାଇଁ ଉଦ୍ଧାରକାରୀ ଦଳ ଚେଷ୍ଟା ଯାରୀ ରଖିଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତିବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ।

### ସ୍ୱାୟତ୍ତ ଶାସନ ଦିବସ ପାଳନ ପ୍ରସ୍ତୁତିର ସମୀକ୍ଷା

## ସୁଚାରୁ, ସଫଳ, ଗୌରବମୟ ଭାବେ ପାଳନ କରିବାକୁ ପରାମର୍ଶ

ଭୁବନେଶ୍ୱର (ସବ୍ୟୁ): ଆସନ୍ତା ଅଗଷ୍ଟ ୩୧ ତାରିଖରେ ପାଳିତ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସର ପ୍ରସ୍ତୁତି ଓ ବ୍ୟବସ୍ଥା ସମ୍ପର୍କରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଶୁକ୍ରବାର ସମୀକ୍ଷା କରିଛନ୍ତି । ଆନୁଷ୍ଠାନିକ କାର୍ଯ୍ୟକ୍ରମ, ଜନସାଧାରଣଙ୍କ ପାଇଁ ବିଭିନ୍ନ ନାଗରିକମୁଖୀ ପଦକ୍ଷେପ, କାର୍ଯ୍ୟକ୍ରମ ସ୍ଥଳର ବ୍ୟବସ୍ଥା, ଜନଭାଗୀଦାରିତା, ପ୍ରଚାରପ୍ରସାର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟ ଉପରେ ସେ ବିସ୍ତୃତ ଆଲୋଚନା କରିଥିଲେ ।

ବୈଠକରେ ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ଚାଲିଥିବା ପ୍ରସ୍ତୁତିର ମଧ୍ୟ ସମୀକ୍ଷା କରାଯାଇଥିଲା । ସ୍ୱାୟତ୍ତ ଶାସନର ମହ%୦, ନଗର ଉନ୍ନୟନରେ ଏହାର ଅବଦାନ ଏବଂ ନାଗରିକ ସେବାକୁ ଅଧିକ ସୁଦୃଢ଼ କରିବାରେ ପୌର ପରିଷଦ ଗୁଡ଼ିକର ଭୂମିକା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ପାଇଁ ସକ୍ରିୟ ଜନଭାଗୀଦାରିତା ଓ ପ୍ରଭାବଶାଳୀ ପ୍ରଚାରପ୍ରସାର ନିଶ୍ଚିତ କରିବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ ।

ଖରାବେଳ ଭବନ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ଶାସନ ସଚିବ ଗଙ୍ଗାଧର ନାୟକ, ବିନୟ କୁମାର ଦାଶ ଓ ଶ୍ରୀମତୀ ଶିଖା ବିଶ୍ୱାଳ, ଅତିରିକ୍ତ ଶାସନ ସଚିବ ଶୁଭାନନ୍ଦ ମହାପାତ୍ର, ଶୁଭେନ୍ଦୁ କୁମାର ସାହୁ, ରବୀନ୍ଦ୍ର ସାହୁ ଓ ସୌରିନ୍ଦ୍ର ରାଉତରାୟଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଅଗଷ୍ଟ ୩୧ ତାରିଖରେ ସମଗ୍ର ରାଜ୍ୟରେ ସ୍ୱାୟତ୍ତ ଶାସନ ଦିବସକୁ ସୁଚାରୁ, ସଫଳ ଓ ଗୌରବମୟ ଭାବେ ପାଳନ କରିବା ନିମନ୍ତେ ପ୍ରଶାସନିକ, ଆନୁସଙ୍ଗିକ ଓ ପ୍ରଚାରପ୍ରସାର ସମ୍ପର୍କିତ ପ୍ରସ୍ତୁତିର ଚୂଡ଼ାନ୍ତ ସମୀକ୍ଷା ସହ ବୈଠକ ଶେଷ ହୋଇଥିଲା ।

### ଏସ୍‌ସିବିରେ ବଡଧରଣର ଆର୍ଥିକ କେଳେଙ୍କାରୀ

## କର୍ମଚାରୀଙ୍କ ଦରମା ବାବଦ ୨ କୋଟି ୪୦ ଲକ୍ଷ ଟଙ୍କା ହଡପ

କଟକ,(ସବ୍ୟୁ): ଏସସିବି ମେଡିକାଲରେ ବଡ ଧରଣର ଆର୍ଥିକ ଅନିୟମିତତା ସାମ୍ନାକୁ ଆସିଛି । କାର୍ଯ୍ୟରତ କର୍ମଚାରୀଙ୍କର ପ୍ରାପ୍ୟ ବାବଦ ପ୍ରାୟ ୨ କୋଟି ୪୦ ଲକ୍ଷ ଟଙ୍କା ହେରଫେର ହୋଇଛି । ଏନେଇ ଏସସିବି ଅଧୀକ୍ଷକ ଜ୍ୟୋତିଷ ଚନ୍ଦ୍ର ଚୌଧୁରୀଙ୍କ ଅଭିଯୋଗ ଆଧାରରେ ମଙ୍ଗଳାବାଗ ଥାନା ପୋଲିସ ଏକ ମାମଲା ରୁଜୁ କରିଛି । ପ୍ରାଥମିକ ତଦନ୍ତ ପରେ କେଳେଙ୍କାରୀ ପଛରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ମାଷ୍ଟରମାଇଣ୍ଡ ଥିବା ଜଣାପଡିଛି ।ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଗତ ୧୦ ବର୍ଷ ଭିତରେ ଅନେକ ଥର ଟଙ୍କା ଯାଇଛି । ତେଣୁ ପୋଲିସ ଉକ୍ତ ଡିଇଓଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି ।

ଏସସିବିରେ ଗଲା ୧୦ ବର୍ଷ ହେବ ଏକାଧିକ କର୍ମଚାରୀଙ୍କ ଟିଏ, ଡିଏ, ଏରିଅର, ଷ୍ଟଡି ଟୁର, ମାଟର୍ନିଟି ଲିଭ ବାବଦ ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇନାହିଁ ।ଗଲା ଏକ ମାସ ତଳେ ଏଜି ଅଡିଟ ବେଳେ ଏଭଳି ଆର୍ଥିକ ହେରଫେର ଧରାପଡ଼ିଥିଲା। ପ୍ରାଥମିକ ଭାବେ ଡିଡିଓଙ୍କ ଅଧିନରେ ଥିବା ଅଧିକାଂଶ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସ୍ତରରେ ଏଭଳି ହେରଫେର ହୋଇଥିବା ଜଣାପଡିଛି । ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରି ଟଙ୍କା ପାଇବାକୁ ଥିବା କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବଦଳରେ ଅନ୍ୟ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଟ୍ରାନ୍ସଫର ହୋଇଛି । ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କ ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟକୁ ଏହି ଟଙ୍କା ସ୍ଥାନାନ୍ତର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ୨୦୧୬ରୁ ଏଭଳି ହେରଫେର ନିୟମିତ ବ୍ୟବଧାନରେ ହୋଇଆସିଥିବା ଅଡିଟ ରିପୋର୍ଟରେ ଦର୍ଶାଯାଇଛି ।ଯେହେତୁ ଏସସିବିରେ ସମସ୍ତ କର୍ମଚାରୀଙ୍କ ଦରମା ମିଳିବା ପୂର୍ବରୁ ଡାଟା ଏଣ୍ଟ୍ରି ଅପରେଟର ଏହାକୁ କମ୍ପ୍ୟୁଟରରେ ଏଣ୍ଟ୍ରି କରିବା ପରେ ଡିଲିଂ ଆସିଷ୍ଟାଣ୍ଟ ଯାଞ୍ଚ କରିଥାନ୍ତି । ଆକାଉଣ୍ଟାଣ୍ଟ ଏବଂ କ୍ୟାସିୟରଙ୍କ ମାଧ୍ୟମରେ ଏହା ଡିଡିଓ(ଡ୍ରଇଂ ଏଣ୍ଡ ଡିସବର୍ସି ଅଫିସର)ଙ୍କ ନିକଟରେ ପହଞ୍ଚିଥାଏ। ଡିଡିଓ ଏହାକୁ ଅନୁମୋଦନ କରିବା ପରେ ଟ୍ରେଜେରିକୁ ଯାଇଥାଏ। ଟ୍ରେଜେରି ପକ୍ଷରୁ ଏହାକୁ ଯାଞ୍ଚ କରିବା ପରେ ପବ୍ଲିକଫାଇନାନ୍ସିଆଲମ୍ୟାନେଜମେଣ୍ଟ ସିଷ୍ଟମ(ପିଏଫଏମଏସ) ମାଧ୍ୟମରେ ସମ୍ପୃକ୍ତ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦରମା ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ଟଙ୍କା ଯାଇଥାଏ। ଏହି ସୁଯୋଗରେ ଡିଇଓ ଜଣକ ଅନ୍ୟ ଏକ ଆକାଉଣ୍ଟ ଖୋଲି କର୍ମଚାରୀଙ୍କ ଟଙ୍କାକୁ ସେଥିରେ ଟ୍ରାନ୍ସଫର କରିନେଉଥିଲେ ।ଏହିଭଳି ଭାବେ ୨୦୧୫-୧୬ରୁ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଟିଏ, ଡିଏ, ଏରିଅର, ଷ୍ଟଡି ଟୁର, ମାଟର୍ନିଟି ଲିଭ ବାବଦ ପ୍ରାୟ ୨ କୋଟି ୪୦ ଲକ୍ଷ ଟଙ୍କା ଡିଇଓଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିବା ଜଣାପଡ଼ିଛି ।ଏହି ବିଷୟ ସାମ୍ନାକୁ ଆସିବା ପରେ ପୋଲିସ ପକ୍ଷରୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ୨୦୧୫-୧୬ରୁ ୨୦୨୬ ଯାଏ ସମସ୍ତ ଆର୍ଥିକ କାରବାରର ତଥ୍ୟ ଦେବାକୁ ଚିଠି ଲେଖାଯାଇଛି ।

### ଜିଲ୍ଲାସ୍ତରୀୟ ସୁଭଦ୍ରାର ୫ମ କିସ୍ତି ପ୍ରଦାନ ସମାରୋହ -୨୦୨୬

## ସମୃଦ୍ଧ ଓଡିଶା ପାଇଁ ପ୍ରତ୍ୟେକ ମହିଳା ଉଦ୍‌ଯୋଗୀ ହେବାକୁ ପଡିବ : ମନ୍ତ୍ରୀ

ଖୋର୍ଦ୍ଧା, (ସବ୍ୟୁ): ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ସୁଭଦ୍ରା ପରିବାର ଓ ସମାଜକୁ ଠିକଣା ରାସ୍ତାରେ ଚାଲିବାକୁ ପଥ ଦେଖାଇ ଥାଏ। ଓଡ଼ିଶାର ମା, ଭଉଣି ମାନଙ୍କୁ ଶସକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଅଟେ। ମୁକ୍ତିମନ୍ତ ରୂପ ଓ ସକ୍ଷମ ହୋଇ ନିଷ୍ଠାର ସହ ମହିଳାମାନେ ସୁଭଦ୍ରା ସହାୟତାରେ ନିଜେ ଉଦଯୋଗି ହୋଇ ଅନ୍ୟ ପାଇଁ ପଥ ଉନ୍ମୁକ୍ତ କରି ପ୍ରେରଣା ଦେଲେ ସମୃଦ୍ଧ ଓଡିଶା ଗଠନ ଲକ୍ଷ୍ୟରେ ଆମେ ଅତି ଶୀଘ୍ର ପହଁଚି ପାରିବା ବୋଲି ଜି ଖୋର୍ଦ୍ଧା ପୌର ପରିଷଦ ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀ ରାଜ ହରିଚନ୍ଦନ ଯୋଗଦେଇ ପ୍ରକାଶ କରିଛନ୍ତି । ମନ୍ତ୍ରୀ କହିଥିଲେ ମୁଁ ଆର୍ଥିକ ସଶକ୍ତ ହେଲେ ସମାଜ ସଶକ୍ତ କହିବ, ସଫଳ ମଣିଷ, ସଫଳ ବ୍ୟବସାୟୀ ହେଲେ ମୋତେ ଗାଁ, ସମାଜ ଓ ସହରରେ ସୁନାମ ମିଳିବ ,ଏହି ଚିନ୍ତାଧାରା ନେଇ ମା, ଭଉଣି ମାନେ ଆଗକୁ ବଢ଼ିଲେ ସୁନାର ପରିବାର, ସମାଜ ଓ ଓଡ଼ିଶା ହସି ଉଠିବ । ସୁଭଦ୍ରା ଆମ୍ ନିର୍ଭର କେନ୍ଦ୍ର ଓ ଦରଜୀ ସିଲାଇ କେନ୍ଦ୍ର, ମିଶନ କାଫେ ଦ୍ୱାରା ଖୋର୍ଦ୍ଧାର ସୁଭଦ୍ରା



ଭଉଣି ମାନେ ସମଗ୍ର ଓଡ଼ିଶାକୁ ରାସ୍ତା ଦେଖାଇବେ। ସୁଭଦ୍ରା ଫଂଚମ କିସ୍ତି ପ୍ରଦାନରେ ଜିଲ୍ଲାର ୪,୫୯,୫୦୧ ଜଣ ହିତାଧିକାରୀ ମା,ଭଉଣୀ ମାନେ ଅନ୍ତର୍ଭୁକ୍ତ ହୋଇଛନ୍ତି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

ସଭାପତି ଭାଷଣରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ କହିଲେ ଭୁବନେଶ୍ୱର ମହାନଗର ନିଗମ ଓ ୧୦ ଟି ବ୍ଲକ୍ ଓ ସମସ୍ତ ପୌର ପରିଷଦ ଓ ବିଜ୍ଞାପିତ ଅଂଚଳ ରେ ପୂର୍ବରୁ ଗୋଷ୍ଠିଗତ ଋଣ ଆଣୁଥିଲେ। ଏବେ ସୁଭଦ୍ରା ମହିଳା ଓ ମାତୃ ଶକ୍ତିକୁ ସମ୍ମାନ ଦେଇ ଲକ୍ଷ ପତି ଦିଦି ସୃଷ୍ଟି କରିବାରେ ସାହାଯ୍ୟ କରୁଛି । ମହିଳା ମାନେ ସୁଭଦ୍ରା ସହାୟତାକୁ ଉପଯୁକ୍ତ ବିନିଯୋଗ କରି ଲକ୍ଷ ପତି ଦିଦି ରୁ କରୋଡ ପତି ଦିଦି ହୁଅନ୍ତୁ ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ସଫଳ ସୁଭଦ୍ରା ଭଉଣି କଲ୍ପନା ବଳିୟାର ସିଂହ, କବିତା ମାଥି, ରଶ୍ମିତା ସାହୁ, ଗୀତାଞ୍ଜଳି ରଣ ସିଂହ, ସନ୍ୟାସୀ ରାଣୀ ଦାସ ଏବଂ ହସନ୍ନା ବେଗମ୍ ସିଲାଇ ମେସିନ କାମ, ବଡି ତିଆରି, ଲେଡିସ୍ କର୍ଣ୍ଣର ଆଦି ଛୋଟ ଉଦ୍ୟୋଗ ଉପରେ ନିଜର ସଫଳ କାହାଣୀ ବଖାଣି ଥିଲେ।

ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂହ, ଉପସଭାପତି ଗୋପୀନାଥ ମହାରଣା, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ଯୋଗ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଡିବିଟିଏଲ ସୁଭଦ୍ରା କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ନୟାଗଡ଼ ଜିଲ୍ଲା ଲାଠି ପଡ଼ିଆରୁ ସିଧା ପ୍ରସାରଣ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

## ୨୭ ବର୍ଷ ପୁରୁଣା ହତ୍ୟା ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ

କଟକ, (ସବ୍ୟୁ) : ୨୭ ବର୍ଷ ତଳର ଏକ ହତ୍ୟା ମାମଲାରେ ଓଡ଼ିଶା ହାଇକୋର୍ଟ ଅଭିଯୁକ୍ତ ଲକ୍ଷ୍ମଣ ଓରାମଙ୍କୁ ଦୋଷମୁକ୍ତ କରିଛନ୍ତି। ଦେବଗଡ଼ର ଅତିରିକ୍ତ ସେସନ୍ସ ଜଜ୍‌ଙ୍କ ଦ୍ୱାରା ୨୦୦୧ ନଭେମ୍ବର ୨୩ରେ ଧାରା ୩୦୨ ଆଇପିସିରେ ଦିଆଯାଇଥିବା ଆଜୀବନ କାରାଦଣ୍ଡକୁ ରଦ୍ଦ କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି। ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଅପିଲ୍‌କୁ ମଞ୍ଜୁର କରିଛନ୍ତି।

ଘଟଣାଟି ୧୯୯୯ ଅଗଷ୍ଟ ୧୩ ତାରିଖର। ପୁରୁଣାପାଣି ସାପ୍ତାହିକ ହାଟରୁ ଫେରୁଥିବା ଶଙ୍କର୍ଷଣ ପ୍ରଧାନଙ୍କୁ ଜମି ବିବାଦକୁ କେନ୍ଦ୍ର କରି ଲକ୍ଷ୍ମଣ ଓରାମ କୁରାଢ଼ୀରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପରେ ମୃତଦେହକୁ ନିକଟସ୍ଥ ବୁଦା ମଧ୍ୟରେ ଲୁଚାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ୨୦୦୧ ନଭେମ୍ବର ୨୩ ତାରିଖରେ ଦେବଗଡ଼ର ଅତିରିକ୍ତ ସେସନ୍ସ ଜଜ୍ ଅଭିଯୁକ୍ତ ଲକ୍ଷ୍ମଣ ଓରାମଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ହାଇକୋର୍ଟ ଏହି ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣର ତର୍ଜମା କରି କହିଛନ୍ତି ଯେ ମାମଲାର ଦୁଇ ମୁଖ୍ୟ ସାକ୍ଷୀ କୋର୍ଟରେ ପୂର୍ବ ବକ୍ତବ୍ୟରୁ ଓହରି ଯାଇଥିଲେ। ଯାହାଦ୍ୱାରା ଅଭିଯୁକ୍ତଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ପ୍ରମାଣିତ ହୋଇପାରିନଥିଲା। ପୁଲିସ ଦ୍ୱାରା ଜବତ ହୋଇଥିବା କୁରାଢ଼ୀ ଏବଂ ରକ୍ତଭିଜା ପୋଷାକର ସେରୋଲୋଜିକାଲ୍ ପରୀକ୍ଷା କରାଯାଇନଥିଲା, ଯାହା ଫଳରେ ସେହି ରକ୍ତ ମୃତକଙ୍କର ବୋଲି ବୈଜ୍ଞାନିକ ସ୍ତରରେ ପ୍ରମାଣିତ ହୋଇପାରିନଥିଲା। କେବଳ ପୂର୍ବ ଶତ୍ରୁତା କିମ୍ବା ସନ୍ଦେହ ଆଧାରରେ କାହାକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ। ଟ୍ରାଏଲ୍ କୋର୍ଟଙ୍କ ରାୟରେ ଗାଁର ଲୋକେ ସାମାଜିକ ଦାୟିତ୍ୱ ନେଇ ସତ୍ୟ କହିନଥିବା ନେଇ କରାଯାଇଥିବା ମନ୍ତବ୍ୟ ଉପରେ ମଧ୍ୟ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଫୌଜଦାରୀ ମାମଲାର ବିଚାରରେ କେବଳ ଆଇନସମ୍ମତ ସାକ୍ଷ୍ୟ ଓ ପ୍ରମାଣ ହିଁ ଗୁରୁତ୍ୱପୂର୍ଣ୍ଣ। ଭାବନା, ସମ୍ବେଦନା କିମ୍ବା ନୈତିକ ଓ ନୀତିଗତ ବିଚାରର କୌଣସି ସ୍ଥାନ ନାହିଁ।

## ସାଂସଦଙ୍କୁ ଠକି ବନ୍ଧା ହେଲେ ପୂର୍ବତନ ମନ୍ତ୍ରୀଙ୍କ ପୁଅ

ଭୁବନେଶ୍ୱର, (ସବ୍ୟୁ) : ସାଂସଦଙ୍କୁ ଠକେଇ କରିବା ଅଭିଯୋଗରେ ପୂର୍ବତନ ମନ୍ତ୍ରୀଙ୍କ ପୁଅ ଅଜିତ ସାହୁଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୋଲିସ । ନୂଆପଲ୍ଲୀ ନୂଆସାହି ଆପାର୍ଟମେଣ୍ଟ ଘରୁ ତାଙ୍କୁ ୱାରେଣ୍ଟ ବଳରେ ଗିରଫ କରାଯାଇଥିବା ପୋଲିସ କହିଛି । ୨୦୨୪ ମସିହାରେ ସାଂସଦ ସୁଜିତ କୁମାରଙ୍କୁ ଜମି ଦେବାକୁ କହି ଠକେଇ କରିଥିଲେ ପୂର୍ବ ସରକାରରେ ପରିବହନ ମନ୍ତ୍ରୀ ଥିବା ନୃସିଂହ ସାହୁଙ୍କ ପୁଅ ଅଜିତ ସାହୁ । ସାଂସଦ ଦିଲ୍ଲୀ ତୁଗଲକରୋଡ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ୍ୟ ତାଙ୍କୁ ଗିରଫ କରିନଥିଲା । ଏହି ମାମଲାର କାଗଜପତ୍ର ଦିଲ୍ଲୀ ପାଟିଆଲ୍ଲା ହାଉସ୍ କୋର୍ଟକୁ ପୋଲିସ ପଠାଇବା ପରେ ଅଜିତଙ୍କୁ ବାରମ୍ବାର ସମନ ହୋଇଥିଲା । ସମନ ସତ୍ତ୍ୱେ ସେ କୋର୍ଟରେ ହାଜର ନହେବାରୁ ତାଙ୍କୁ ଦିଲ୍ଲୀ ପାଟିଆଲ୍ଲା କୋର୍ଟ ପଳାତକ ଘୋଷଣା କରିବା ସହ ୱାରେଣ୍ଟ ଇସୁ୍ୟ କରିଥିଲା । କୋର୍ଟଙ୍କ ୱାରେଣ୍ଟ ବଳରେ ନୂଆପଲ୍ଲୀ ଥାନା ପୋଲିସ ନୂଆସାହି ଆପାର୍ଟମେଣ୍ଟ ଘରୁ ଅଜିତଙ୍କୁ ଗିରଫ କରିବାରେ ସମର୍ଥ ହୋଇଛି ।



# ୬ ନଂ ୱାର୍ଡରେ ବିଧାୟିକା ସୋଫିଆଙ୍କ ଜନ ସଂପର୍କ ପଦଯାତ୍ରା



କଟକ, (ସ୍ୱପ୍ର): କଟକ ମହାନଗର ନିଗମ ଅଞ୍ଚଳର ୱାର୍ଡ ନଂ-୦୬ରେ ଶ୍ରୀମତୀ ଶୈଳବାଳା ଜେନାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦୋଷଙ୍କ ପକ୍ଷରୁ ଏକ ଜନ ସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ସମୟରେ ବିଧାୟିକା ୱାର୍ଡର ସେକ୍ଟର-୬ ଓ ୭, ବୀମାବିହାର ଅଞ୍ଚଳ ପରିକ୍ରମା କରିବା ସହ ସ୍ଥାନୀୟ ମୁରବି, ଯୁବକ ଓ ମହିଳାମାନଙ୍କୁ ସାକ୍ଷାତ କରି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ବିଭିନ୍ନ ସେକ୍ଟର ପକ୍ଷରୁ ବିଧାୟିକାଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା । ପଦଯାତ୍ରା ସମୟରେ ଅଞ୍ଚଳବାସୀ ବିଧାୟିକାଙ୍କ ନିକଟରେ ନିଜ ନିଜ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ଉପସ୍ଥାପନ କରିଥିଲେ । ବିଶେଷ କରି ଓ୍ୱାର୍ଡର ରାସ୍ତା ଘାଟର ଶୋଚନୀୟ ଅବସ୍ଥା, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ନେଇ ଲୋକେ ଅଭିଯୋଗ କରିଥିଲେ । ଜନସାଧାରଣଙ୍କ ଏହି ସବୁ ସମସ୍ୟାଗୁଡ଼ିକୁ ଶୁଣିବା ପରେ ବିଧାୟିକା ଶ୍ରୀମତୀ ଫିର୍ଦୋଷ ଏହାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହି ପଦଯାତ୍ରାରେ କଟକ ସହର ସଭାପତି ଗିରିବାଳା ବେହେରା, ପଦଯାତ୍ରା କମିଟି ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ସୋମ ରଞ୍ଜନ ପଟ୍ଟନାୟକ, ଯତୀନ୍ଦ୍ର ଦାସ, ପ୍ରଭାତୀ ପଟ୍ଟନାୟକ, ଜୟଦେବ ନାୟକ, ସୀମା ଜେନା, ମିନାକ୍ଷୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୨୬

ଭୁବନେଶ୍ୱର, (ସବ୍ୟୁ): ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଆସନ୍ତା ୫ରୁ ୯ ସେପ୍ଟେମ୍ବର ୨୦୨୬, ପ୍ରତ୍ୟେକ ସନ୍ଧ୍ୟା ୭ଟାରୁ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଆୟୋଜନ କରିବାକୁ ଯାଉଛି । ଏହି ୩୨ତମ ଜିକେସିଏମ୍ ପୁରସ୍କାର ଉତ୍ସବ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ପାଳନ ବର୍ଷ ଅବସରରେ ଆୟୋଜିତ ହେଉଥିବାରୁ ଚଳିତ ସଂସ୍କରଣ ଏକ ସ୍ୱତନ୍ତ୍ର ସ୍ମାରକୀ ମହତ୍ତ୍ୱ ବହନ କରୁଛି । ଏହି ପାଞ୍ଚଦିନିଆ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ରଙ୍କ ଚିରନ୍ତନ ଐତିହ୍ୟକୁ ସମ୍ମାନ ଜଣାଇବା ସହ ଭାରତର ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, ନାଟକ ଓ ସିନେମା କ୍ଷେତ୍ରର କେତେକ ଶ୍ରେଷ୍ଠ କଳାସାଧକଙ୍କୁ ଏକତ୍ରିତ କରିବ । ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୬ ଭାରତର ବିବିଧ ସାଂସ୍କୃତିକ ପରିମଣ୍ଡଳର ଚାରିଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ପ୍ରଦାନ କରାଯିବ । ୧,୦୦,୦୦୦ ନଗଦ ରାଶି ଓ ମାନପତ୍ର ସମ୍ବଳିତ ଏହି ସମ୍ମାନ ଚଳିତ ବର୍ଷ ବରିଷ୍ଠ କଳାକାର ଶ୍ରୀମତୀ ଶରନ୍ ଲୋୱେନ୍ (ଓଡ଼ିଶୀ ନୃତ୍ୟ), କେଶବ ଚନ୍ଦ୍ର ରାଉତ (ଓଡ଼ିଶୀ ସଙ୍ଗୀତ), ଧୀରେନ୍ଦ୍ରନାଥ ମଲ୍ଲିକ (ନାଟକ) ଏବଂ ଶ୍ରୀମତୀ ମହାଶ୍ୱେତା ରାୟ (ସିନେମା) ଙ୍କୁ ସେମାନଙ୍କ ଜୀବନବ୍ୟାପୀ ସାଧନା ଓ ନିଜ ନିଜ କ୍ଷେତ୍ରରେ ଅସାମାନ୍ୟ ଅବଦାନ ପାଇଁ ପ୍ରଦାନ କରାଯିବ । ପ୍ରତିଷ୍ଠାର ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଥିବା, ୪୦ରୁ ୫୫ ବର୍ଷ ବୟସର ପ୍ରତିଷ୍ଠିତ କଳାକାରଙ୍କ ପାଇଁ ପ୍ରବର୍ତ୍ତିତ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ ୨୦୨୬ରେ ଶ୍ରୀ ଅଗ୍ନିମିତ୍ର ବେହେରା (ଯନ୍ତ୍ର ସଙ୍ଗୀତ — ବେହେଲା) ଏବଂ ସୁଶ୍ରୀ ନାଜିଆ ଆଲମ୍ (କଣ୍ଠ ସଙ୍ଗୀତ) ଙ୍କୁ ପ୍ରତ୍ୟେକ ୫୦,୦୦୦ ଓ ମାନପତ୍ର ପ୍ରଦାନ କରାଯିବ । ସେହିପରି ୨୫,୦୦୦ ନଗଦ ରାଶି ଓ ମାନପତ୍ର ସମ୍ବଳିତ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ଚାରିଜଣ ପ୍ରତିଭାବାନ ଯୁବ କଳାକାର— ସୁଶ୍ରୀ ବୃନ୍ଦା ଚଢ଼ା ଓ ସୁଶ୍ରୀ ଐଶ୍ୱର୍ଯ୍ୟା ସିଂହଦେବ (ଓଡ଼ିଶୀ ନୃତ୍ୟ), ସୁଶ୍ରୀ ନିକିତା ବନାୱାଲିକର (କଥକ) ଏବଂ ସୌମ୍ୟ ରଞ୍ଜନ ନାୟକ (ଓଡ଼ିଶୀ ସଙ୍ଗୀତ— ମର୍ଦ୍ଦଳ) ଙ୍କୁ ପ୍ରଦାନ କରାଯିବ ।




## ସୁଭଦ୍ରା ୫ କିସ୍ତି ଅର୍ଥ ପ୍ରଦାନ, ପୁରୀ ଜିଲ୍ଲାର ହିତାଧିକାରୀ ଉପକୃତ

# ମହିଳା ସଶକ୍ତ ହେଲେ ସମାଜ ସୁଦୃଢ଼ ହେବ: ରାଜସ୍ୱ ମନ୍ତ୍ରୀ

ପୁରୀ (ସବ୍ୟୁ) : ମହିଳା ସଶକ୍ତ ହେଲେ ସମାଜ ସୁଦୃଢ ଓ ସଶକ୍ତ ହେବ । ସୁଭଦ୍ରା ଯୋଜନା ଆଜି ଜନ ଜାଗରଣରେ ପରିଣତ ହୋଇଛି । ସୁଭଦ୍ରା ମାଧ୍ୟମରେ ପରିବାର ଓ ସମାଜରେ ନାରୀ ମାନଙ୍କ ସମ୍ମାନ ଓ ପ୍ରତିଷ୍ଠା କେବଳ ବୃଦ୍ଧି ପାଇନାହିଁ, ବରଂ ଆର୍ଥିକ ମାନଦଣ୍ଡ ରେ ସେମାନଙ୍କ ଭାଗିଦାରୀ ବଢିଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଟାଉନ ହଲ ଠାରେ ପୁରୀ ଜିଲ୍ଲା ସ୍ତରୀୟ ସୁଭଦ୍ରାର ପଞ୍ଚମ କିସ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ପୂର୍ବରୁ ନାରୀ ମାନଙ୍କର କେବଳ ଘରେ କାମ କରିବା ଦାୟିତ୍ୱ ବୋଲି ବିବେଚନା କରାଯାଉଥିଲା । ତେବେ ନାରୀଟିଏ ଯେ ସବୁ କାମ କରିପାରେ, ତାଙ୍କ ପରିବାର, ରାଜ୍ୟ ଓ ଦେଶର ଆର୍ଥିକ ବିକାଶ ରେ ସହଭାଗୀ ହୋଇ ପାରେ ଏହା ସୁଭଦ୍ରା ର ଏକ ବଳିଷ୍ଠ ପରିଚୟ ଦେଇପାରିଛି ।

ସୁଭଦ୍ରା ପ୍ରତ୍ୟେକ ନାରୀ ମାନଙ୍କୁ ସ୍ୱାଭିମାନ, ସ୍ୱାବଲମ୍ବନ ଓ ସମ୍ମାନ ର ସୁଯୋଗ ଦେଇଛି ବୋଲି କହିଥିଲେ । ଆମ ରାଜ୍ୟ ସମଗ୍ର ଭାରତ ବର୍ଷ ରେ ସର୍ବାଧିକ ୨୨ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ଅଗ୍ରଣୀ ରାଜ୍ୟ ଭାବେ ସୁନାମ ଅର୍ଜନ କରିଛି । ୨୦୩୬ ମସିହା ଆମ ରାଜ୍ୟକୁ ଏକଶତ ବର୍ଷ ପୂର୍ତ୍ତି ଓ ୨୦୪୭ ଆମ ସ୍ୱାଧୀନତା ର ୧୦୦ ବର୍ଷ ପୂର୍ତ୍ତି ହେବ । ଏହି ଅବସରରେ ଏକ ବିକଶିତ ଓ ସମୃଦ୍ଧ ରାଜ୍ୟ ଓ ଦେଶ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଯୋଗ ଦେଇ ସୁଭଦ୍ରା ଯୋଜନା ମହିଳା ମାନଙ୍କ ଆତ୍ମବିଶ୍ୱାସ ବଢାଇବା ସହ ପରିବାର ର ଆର୍ଥିକ ସ୍ଥିତି କୁ ମଜବୁତ କରିପାରିଛି ବୋଲି କହିଥିଲେ ।




ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି, ଉପ ଜିଲ୍ଲାପାଳ ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ଆକାଉଣ୍ଟ କୁ ପାଞ୍ଚ ହଜାର ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା । ପରେ ୫ ଜଣ ମହିଳାଙ୍କୁ ପ୍ରତୀକାତ୍ମକ ଭାବେ ସୁଭଦ୍ରା ର ପଞ୍ଚମ କିସ୍ତିର ଚେକ ପ୍ରଦାନ କରାଯାଇଥିଲା । ଏହି ଅବସରରେ ୩ ଜଣ ସଫଳ ସୁଭଦ୍ରା ହିତାଧିକାରୀ ତାଙ୍କ ସଫଳତାର କାହାଣୀ ର ବର୍ଣ୍ଣନା କରିଥିଲେ । ରାକ୍ଷୀ ପୂର୍ଣ୍ଣିମା ଅବସରରେ ସମସ୍ତ ଅତିଥି ମାନଙ୍କ ହାତରେ ରାକ୍ଷୀ ବନ୍ଧନ କରାଯାଇଥିଲା । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସଭା କାର୍ଯ୍ୟ ପରିଚାଳନା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପୁରୀ ଜିଲ୍ଲାରେ ପ୍ରଥମ କିସ୍ତିରେ ୪୩୬୫୮୩, ଦ୍ୱିତୀୟ କିସ୍ତି ରେ ୪୨୫୫୫୯, ତୃତୀୟ କିସ୍ତିରେ ୪୨୫୫୬୩ ଓ ଚତୁର୍ଥ କିସ୍ତିରେ ୪୨୦୮୫୪ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି ।

# ଓଏଏସ୍ଏମ୍ଇ ପକ୍ଷରୁ ଏନପିଏସ ସଚେତନତା କର୍ମଶାଳା

ଭୁବନେଶ୍ୱର,(ସବ୍ୟୁ)- ଓଡ଼ିଶା ଆସୋସିଏସନ୍ ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓଏଏସଏମଇ ), ପେନସନ୍ ଫଣ୍ଡ ରେଗୁଲେଟରି ଆଣ୍ଡ ଡେଭଲପମେଣ୍ଟ ଅଥରିଟିର ସହଯୋଗରେ ଭୁବନେଶ୍ୱରଠାରେ ଓଡ଼ିଶାର ପ୍ରଥମ ଜାତୀୟ ପେନସନ୍ ବ୍ୟବସ୍ଥା ସଚେତନତା କର୍ମଶାଳା ସଫଳତାର ସହ ଆୟୋଜନ କରିଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାଜ୍ୟର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର କର୍ମଚାରୀମାନଙ୍କ ମଧ୍ୟରେ ସାମାଜିକ ସୁରକ୍ଷାର ପରିସର ବୃଦ୍ଧି, ପେନ୍ସନ୍ ସମ୍ପର୍କିତ ସଚେତନତା ସୃଷ୍ଟି ଏବଂ ବ୍ୟବସ୍ଥିତ ଅବସରକାଳୀନ ଆର୍ଥିକ ଯୋଜନାକୁ ଉତ୍ସାହିତ କରିବା । କର୍ମଶାଳାରେ ସରକାରୀ ସଂସ୍ଥା, ଆର୍ଥିକ ଅନୁଷ୍ଠାନ, ପେନ୍ସନ୍ ଫଣ୍ଡ ଏବଂ ଓଏଏସଏମଇ କ୍ଷେତ୍ରର ପ୍ରମୁଖ ନେତୃତ୍ୱ ଓ ପ୍ରତିନିଧିମାନେ ଯୋଗଦେଇଥିଲେ । ଉପସ୍ଥିତ ପ୍ରମୁଖ ଅତିଥି ଓ ଅଧିକାରୀମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଯୁଗ୍ମ ଶ୍ରମ କମିଶନର, ପିଏଫଆରଡିଏର ସହ ପ୍ରବନ୍ଧକ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ପ୍ରମୁଖ ପେନ୍ସନ୍ ଫଣ୍ଡ ପରିଚାଳକ ଓ ପ୍ରତିନିଧିମାନେ ସାମିଲ ଥିଲେ ।କାର୍ଯ୍ୟକ୍ରମ ଶେଷରେ ଓଏଏସଏମଇର ସାଧାରଣ ସମ୍ପାଦକ ସାତ୍ୱିକ ସ୍ୱାଇଁ କହିଥିଲେ ଏହି ସଚେତନତା କର୍ମଶାଳା ଓଡ଼ିଶାର ଏମଏସଏମଇ କର୍ମଚାରୀମାନଙ୍କ ପାଇଁ ସାମାଜିକ ସୁରକ୍ଷାକୁ ଏକ ସଂସ୍ଥାଗତ ରୂପ ଦେବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ହେବ ।

## ସରକାରୀ ନିର୍ଦ୍ଦେଶ ଉଲ୍ଲଂଘନ କରି

# ଛାତ୍ରଛାତ୍ରୀଙ୍କ ଠାରୁ ଘରୋଇ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଦ୍ୱାରା ଅତିରିକ୍ତ ଅର୍ଥ ଆଦାୟ ଅଭିଯୋଗ

ଭୁବନେଶ୍ୱର, (ସବ୍ୟୁ): ଏକ ଘରୋଇ ଇଂଜିନିୟରିଂ ଶିକ୍ଷାନୁଷ୍ଠାନ "ସୁବାସ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି", ବାରଙ୍ଗରେ ଶିକ୍ଷାବର୍ଷ ୨୦୨୫-୨୬ ଠାରୁ ଛାତ୍ରଛାତ୍ରୀଙ୍କଠାରୁ ନିର୍ଦ୍ଧାରିତ ଶିକ୍ଷା ଫି' ବ୍ୟତୀତ ଅତିରିକ୍ତ ଅର୍ଥ ଆଦାୟ କରାଯାଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ, ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ୨୨,୦୦୦/- ଫି' ଠାରୁ ଅଧିକ ଅର୍ଥ ଛାତ୍ରଛାତ୍ରୀଙ୍କଠାରୁ ଆଦାୟ କରାଯାଇଛି । ଓଡ଼ିଶା ସରକାରଙ୍କ ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଟେକ୍ନିକାଲ ଏଜୁକେସନ୍ ଡିପାର୍ଟମେଣ୍ଟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ୫୨୮୧ ତା ୧୧/୦୮/୨୦୨୫ ଅନୁସାରେ ସୁବାସ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ର ବି.ଟେକ୍ ପାଠ୍ୟକ୍ରମ ପାଇଁ ୨୦୨୫-୨୬ ରୁ ୨୦୨୭-୨୮ ଶିକ୍ଷାବର୍ଷ ନିମନ୍ତେ ସରକାରୀ ନିର୍ଦ୍ଧାରିତ ଫି' ୨୨୦୦୦/- ରହିଛି । ସରକାରୀ ଫି' ଗଠନ ସମ୍ବନ୍ଧୀୟ ଦଲିଲରେ ମଧ୍ୟଏହି ଶିକ୍ଷାନୁଷ୍ଠାନର ବି. ଟେକ୍ ପାଠ୍ୟକ୍ରମ ଫି' ୨୨୦୦୦/- ବୋଲି ଉଲ୍ଲେଖ ରହିଛି । କିନ୍ତୁ ଅଭିଯୋଗ ହେଉଛି ଯେ, ୨୦୨୫-୨୬, ୨୦୨୬-୨୭ ଶିକ୍ଷାବର୍ଷରେ ନାମ ଲେଖାଇଥିବା କେତେକ ଛାତ୍ରଛାତ୍ରୀଙ୍କଠାରୁ ଉକ୍ତ ସରକାରୀ ଭାବେ ନିର୍ଦ୍ଧାରିତ ୨୨୦୦୦/- ଠାରୁ ପ୍ରାୟ ତିନିଗୁଣ ଅଧିକ ଅର୍ଥ ଆଦାୟ କରାଯାଇଛି । ଏହି ଅତିରିକ୍ତ ଅର୍ଥ ଆଦାୟ ସମ୍ବନ୍ଧରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଏହି ଅତିରିକ୍ତ ଅର୍ଥ କେଉଁ ନିୟମ କିମ୍ବା ସରକାରୀ ଅନୁମୋଦନ ଆଧାରରେ ଆଦାୟ କରାଯାଇଛି, ତାହା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏହି ଘଟଣାର ଆହୁରି ଗୁରୁତର ପକ୍ଷ ହେଉଛି, ଅନୁଷ୍ଠାନର ଟ୍ରଷ୍ଟିମାନଙ୍କ ସମ୍ମୁଖରେ ଏହି ଅତିରିକ୍ତ ଅର୍ଥ ଆଦାୟ ସମ୍ପର୍କରେ ଆପତ୍ତି ଉଠାଯାଇଥିବା ବେଳେ, ଟ୍ରଷ୍ଟିମାନେ ଏହି ବିଷୟ ସମ୍ପର୍କରେ ଅବଗତ ଥିବା ଏବଂ ଅତିରିକ୍ତ ଅର୍ଥ ଆଦାୟ ହୋଇଥିବା କଥା ସ୍ୱୀକାର କରିଥିବା କୁହାଯାଉଛି । ଏପରି ପରିସ୍ଥିତିରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସରକାରୀ ନିର୍ଦ୍ଧାରିତ ଫି' ଠାରୁ ଅଧିକ ଅର୍ଥ ଆଦାୟ କରାଯାଇଥିଲେ, ଏହାର ଆଇନଗତ ବୈଧତା, ଅର୍ଥ ଆଦାୟର ଉଦ୍ଦେଶ୍ୟ ଏବଂ ଆଦାୟ ହୋଇଥିବା ଅର୍ଥର ବ୍ୟବହାର ସମ୍ପର୍କରେ ସ୍ୱଚ୍ଛ ତଦନ୍ତ ଆବଶ୍ୟକ ବୋଲି ଦାବି ହେଉଛି ।

ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷ ଘଟଣାର ନିରପେକ୍ଷ ତଦନ୍ତ କରି ୨୦୨୫-୨୬ ଠାରୁ ଆଦାୟ ହୋଇଥିବା ଅତିରିକ୍ତ ଅର୍ଥର ସମ୍ପୂର୍ଣ୍ଣ ହିସାବ ଯାଞ୍ଚ କରନ୍ତୁ, ନିୟମବହିର୍ଭୂତ ଭାବେ ଆଦାୟ ହୋଇଥିବା ଅର୍ଥ ଫେରସ୍ତ ପାଇଁ ବ୍ୟବସ୍ଥା କରନ୍ତୁ ଏବଂ ଦାୟୀ ବ୍ୟକ୍ତି/କର୍ତ୍ତୃପକ୍ଷଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନିଅନ୍ତୁ ବୋଲି ଦାବି ହେଉଛି । ଏହି ସମ୍ପର୍କରେ ଅନୁଷ୍ଠାନ ପକ୍ଷରୁ ମଧ୍ୟ ନିଜର ସ୍ପଷ୍ଟୀକରଣ ଦେବା ଆବଶ୍ୟକ । ଅଭିଯୋଗର ସତ୍ୟତା ନିର୍ଣ୍ଣୟ ପାଇଁ ସମ୍ପୃକ୍ତ ରସିଦ, ଫି' ଷ୍ଟ୍ରକ୍ଚର, ସରକାରୀ ନିର୍ଦ୍ଦେଶ ଏବଂ ଟ୍ରଷ୍ଟିମାନଙ୍କ ସମ୍ମତି/ସ୍ୱୀକୃତି ସମ୍ପର୍କିତ ଦଲିଲ ଯାଞ୍ଚ କରାଯିବା ଦାବି ହୋଇଥିବା ବେଳେ ଏହି ମୁଖ୍ୟ ଦାବି ଗୁଡିକକୁ ଦୃଷ୍ଟିପାତକରିବା ପାଇଁ ଅନୁରୋଧ କରାଯାଇଛି । ୨. ୨୦୨୫-୨୬ ଠାରୁ ଆଦାୟ ହୋଇଥିବା ସମସ୍ତ ଅର୍ଥର ଅଡିଟ୍ କରାଯାଉ । ଅନିୟମିତ ଭାବେ ଆଦାୟ ହୋଇଥିବା ଅର୍ଥ ଛାତ୍ରଛାତ୍ରୀଙ୍କୁ ଫେରସ୍ତ, ଟ୍ରଷ୍ଟିମାନଙ୍କ ସ୍ୱୀକୃତି/ ସମ୍ମତି ସମ୍ପର୍କିତ ଦଲିଲର ଯାଞ୍ଚ କରାଯାଉ । ସରକାରୀ ନିର୍ଦ୍ଦେଶ ଉଲ୍ଲଙ୍ଘନ ପ୍ରମାଣିତ ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଉପରୋକ୍ତ ଦାବିଗୁଡ଼ିକ ପୂରଣ ନ କରାଯାଇ ଯଦି ପୁନର୍ବାର ନିର୍ଦ୍ଧାରିତ ଦେୟଠାରୁ ଅଧିକ ଫି ଆଦାୟ କରାଯାଏ ତେବେ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଆଗାମୀଦିନରେ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି ।

## ୩୦ ବର୍ଷ କ୍ୟାପଟିଭ୍ ଭିତ୍ତିରେ ଡ୍ରାଏ ବଲ୍କ କାର୍ଗୋ ପରିଚାଳନା ପାଇଁ

# ଏଏମ୍/ ଏନ୍ଏସ୍ ପାରାଦୀପ ଲଜିଷ୍ଟିକ୍ସକୁ ଆୱାର୍ଡ ଅଫ୍ କନସେସନ୍ ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ, ଉପକୂଳବର୍ତ୍ତୀ ଜାହାଜ ଚଳାଚଳକୁ ଇନ୍ଧନ ସଂରକ୍ଷଣକାରୀ, ବ୍ୟୟସାପେକ୍ଷ ଏବଂ ପରିବେଶ ଅନୁକୂଳ ପରିବହନ ପଦ୍ଧତି ଭାବରେ ପ୍ରୋତ୍ସାହିତ କରିବା ନୀତି ସହିତ ସମନ୍ୱୟ ରକ୍ଷା କରି ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ), କ୍ୟାପଟିଭ୍ ଭିତ୍ତିରେ ବାର୍ଷିକ ୧୦ ନିୟୁତ ଟନ କ୍ଷମତାର ଡ୍ରାଏ ବଲ୍କ କାର୍ଗୋ ପରିଚାଳନା ପାଇଁ ସିକ୍ୟୁ-୩ ବର୍ଥର ଯାନ୍ତ୍ରିକୀକରଣ ନିମନ୍ତେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଏକ ଏସପିଭି, ଏଏମ୍/ଏନ୍ଏସ୍ ପାରାଦୀପ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏପିଏଲପିଏଲ) କୁ ଆନୁଷ୍ଠାନିକ ଭାବରେ ଆୱାର୍ଡ ଅଫ୍ କନସେସନ୍ ପ୍ରଦାନ କରିଛି । ଓଡ଼ିଶାର ପାରାଦୀପଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ବିଭାଗର ମାନ୍ୟବର କ୍ୟାବିନେଟ୍ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏଏମ୍/ ଏନ୍ଏସ୍ ଇଣ୍ଡିଆର କର୍ପୋରେଟ୍ ଆଫେୟାର୍ସ ବିଭାଗ ମୁଖ୍ୟ ଦୀପକ ଅରୋରାଙ୍କୁ ଏହି ଆୱାର୍ଡ ପ୍ରଦାନ କରିଥିଲେ । ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ରାଜ୍ୟ ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁରର ସାଂସଦ ବିଭୁ ପ୍ରସାଦ ତରାଇ, ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ପି.ଏଲ୍. ହାରନାଧ, ପାରାଦୀପ ବନ୍ଦର ପ୍ରାଧିକରଣ ଉପାଧ୍ୟକ୍ଷ ଟି. ଭେନୁ ଗୋପାଳ, ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶା ଅପରେସନ୍ସ ମୁଖ୍ୟ ୟୁ.ଏସ୍.ଆର୍. ରାଜୁ, ପାରାଦୀପ ବନ୍ଦରର ବରିଷ୍ଠ ଅଧିକାରୀ ଏବଂ ପାରାଦୀପର ଅନ୍ୟାନ୍ୟ କର୍ପୋରେଟ୍ ନେତୃବୃନ୍ଦ ଉପସ୍ଥିତ ଥିଲେ । ୩୦ ବର୍ଷ ପାଇଁ ପ୍ରଦାନ କରାଯାଇଥିବା ଏହି କନସେସନ୍, ସୁଗମ କାର୍ଗୋ ପରିବହନକୁ ସୁନିଶ୍ଚିତ କରିବା ସହିତ ଏଏମ୍/ଏନ୍ଏସ୍ ଇଣ୍ଡିଆର ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବ ଏବଂ ପରିବେଶର ଦୀର୍ଘସ୍ଥାୟିତ୍ୱ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ । ଏହି ବ୍ୟବସ୍ଥା ଏପିଏଲପିଏଲ କୁ ଏଏମ୍/ଏନ୍ଏସ୍ ଇଣ୍ଡିଆର ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରୁ ପିପିଏ ର ବର୍ଥ ସହିତ ସିଧାସଳଖ ସଂଯୁକ୍ତ ଏକ ସମ୍ପୂର୍ଣ୍ଣ ଯାନ୍ତ୍ରିକ କନଭେୟର ସିଷ୍ଟମ ମାଧ୍ୟମରେ ଲୁହା ପଥର ପେଲେଟ୍ ପରିବହନ ପରିଚାଳନା କରିବାକୁ ସକ୍ଷମ କରିବ । ଏଏମ୍/ଏନ୍ଏସ୍ ଇଣ୍ଡିଆ ଦ୍ୱାରା ପାରାଦୀପରୁ ହାଜିରାକୁ ଲୁହାପଥର ପେଲେଟର ତଟୀୟ ପରିବହନ ଏକ ପ୍ରତିଷ୍ଠିତ ଓ ପରିବେଶ ଅନୁକୂଳ ପଦ୍ଧତି । ସିକ୍ୟୁ-୩ ବର୍ଥର କ୍ୟାପ୍ଟିଭ୍ ବ୍ୟବହାର ଏଏମ୍/ଏନ୍ଏସ୍ ଇଣ୍ଡିଆର ଦୀର୍ଘକାଳୀନ ଅଭିବୃଦ୍ଧିରେ ସହାୟତା କରିବା ସହିତ କମ୍ପାନୀର ଦୃଢ଼ ଏବଂ ପରିବେଶ ଅନୁକୂଳ ଯୋଗାଣ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଭାବରେ କାର୍ଯ୍ୟ କରିବ । ଏହି ଆୱାର୍ଡ ଏଏମ୍/ ଏନ୍ଏସ୍ ଇଣ୍ଡିଆର ଲଜିଷ୍ଟିକ୍ସ କ୍ଷମତାକୁ ସୁଦୃଢ଼ କରିବା ଏବଂ ବନ୍ଦର କାର୍ଯ୍ୟଧାରାକୁ ଆଧୁନିକୀକରଣ କରିବା ଯାତ୍ରାରେ ଏକ ପ୍ରମୁଖ ସଫଳତା । ଏହା ପାରାଦୀପକୁ ଏକ ବିଶ୍ୱ ସାମୁଦ୍ରିକ ପଥ ରୂପେ ପରିଣତ କରିବା ପାଇଁ ପରିଚାଳନାଗତ ଉତ୍କର୍ଷତା, ନବସୃଜନ ଏବଂ ସହଭାଗୀତା ପ୍ରତି ଏଏମ୍/ଏନ୍ଏସ୍ ଇଣ୍ଡିଆର ର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି ।




# ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ଓ ବଳଭଦ୍ର ଜନ୍ମୋତ୍ସବ

ପୁରୀ, (ସବ୍ୟୁ): ପବିତ୍ର ଶ୍ରାବଣ ପୂର୍ଣ୍ଣମୀ ତଥା ଗହ୍ମା ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ପାଳିତ ହୋଇଛି ରକ୍ଷାବନ୍ଧନ ଓ ବଳଭଦ୍ର ଜନ୍ମୋତ୍ସବ । ପାଟରା ସେବାୟତଙ୍କ ଦ୍ୱାରା ବାସୁଙ୍ଗା ପାଟରେ ପ୍ରସ୍ତୁତ ହୋଇଥିବା ରାଖୀକୁ ଲାଗି କରାଯାଇଛି ପ୍ରଭୁ ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ । ଭଉଣୀ ସୁଭଦ୍ରା ଅତି ସ୍ନେହରେ ଦୁଇଭାଇଙ୍କ ହାତରେ ବାନ୍ଧିଛନ୍ତି, ରାଖୀ । ଆଜି ମଧ୍ୟ ପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଥିବାରୁ ମଧ୍ୟାହ୍ନ ଧୂପ ପରେ ମାର୍କଣ୍ଡ ପୁଷ୍କରିଣୀକୁ ଚକ୍ରରାଜ ସୁଦର୍ଶନ ବିଜେ କରି ଏହି ଜନ୍ମନୀତି ଅନୁଷ୍ଠିତ ହେବା ସହିତ ଚାରି ଆଶ୍ରମ ବିଜେ ପ୍ରଭୁ ସୁଦର୍ଶନ ବିଜେ କରିଥାନ୍ତି । ତେବେ ଗହ୍ମା ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବିଶେଷ ଦୃଷ୍ଟି ଦିଆଯାଇଛି ।ଶ୍ରୀମନ୍ଦିରରେ ଆଜି ପାଳିତ ହୋଇଛି ରକ୍ଷାବନ୍ଧନ ଉତ୍ସବ । ଭାଇ ଭଉଣୀଙ୍କ ପବିତ୍ର ସଂପର୍କର ଉତ୍ସବ ରକ୍ଷାବନ୍ଧନ ଅବସରରେ ଭଉଣୀ ସୁଭଦ୍ରା ବାସୁଙ୍ଗା ପାଟରେ ନିର୍ମିତ ଚାରିଟି ବୃହତ୍ତକାୟ ରାଖୀ ବାନ୍ଧିଛନ୍ତି ଭାଇ ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହାତରେ । ପାଟରା ବିଷୋୟୀ ସେବାୟତ ମାନେ ଦୀର୍ଘ ଏକ ମାସ ନିଷ୍ଠାରେ ରହି ତିଆରି କରିଥିବା ବାସୁଙ୍ଗା ପାଟର ରାଖୀକୁ ଶ୍ରୀମନ୍ଦିରକୁ ନେଇଥିଲେ । ସେଠାରେ ମେକାପ ସେବାୟତଙ୍କୁ ଏହି ରାଖୀ ଅର୍ପଣ କରିବା ପରେ ମେକାପ ସେବାୟତ ମାନେ ଏହାକୁ ସିଂହାରୀ ସେବାୟତଙ୍କ ହାତରେ ଦେଇଥିଲେ । ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ବେଶ ସମୟରେ ଭଉଣୀ ସୁଭଦ୍ରା ଦୁଇ ଭାଇଙ୍କ ହାତରେ ଏହି ରାଖୀ ବାନ୍ଧିଥିଲେ ।

ସେହିପରି ଶ୍ରୀମନ୍ଦିରରେ ଆଜି ରକ୍ଷା ବନ୍ଧନ ସହିତ ଅନୁଷ୍ଠିତ ହେଉଛି ବଳଭଦ୍ରଙ୍କ ଜନ୍ମୋତ୍ସବ । ପ୍ରଭୁ ବଳଭଦ୍ରଙ୍କ ସମ୍ମୁଖରେ କଳସ ସ୍ଥାପନ କରାଯାଇ ଷଷ୍ଠି ଦେବୀଙ୍କୁ ରଖାଯାଇ ପୂଜାବିଧି ସହ ତିଥି, ରାଶି, ନକ୍ଷତ୍ର ଅନୁଯାୟୀ ଏହି ନୀତି ଅନୁଷ୍ଠିତ ହୋଇଥାଏ । ବିମାନବଡୁ ସେବାୟତ ମାନେ ସୁଦର୍ଶନଙ୍କୁ ଚଉଦୋଳରେ ନେଇ ମାର୍କଣ୍ଡ ପୁଷ୍କରଣୀକୁ ଯାଇଥାନ୍ତି । ସେଠାରେ ଥିବା ଚକଡା ଉପରେ ସୁଦର୍ଶନ ବିଜେ କରିଥାନ୍ତି । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଏହି ନୀତି ଅନୁଷ୍ଠିତ ହୋଇଥାଏ । ଚକଡା ଉପରେ ଥିବା ଗୋଲ୍ ଚକା ଉପରେ କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ସୁଦୁସୁଆର ସେବକ ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିଥାନ୍ତି । ଏହାପରେ ପୂଜାପଣ୍ଡା ସାମନ୍ତ ମାଟି ମୂର୍ତ୍ତିକୁ ଜୀବନ୍ୟାସ ଦେବା ସହ ମନ୍ତ୍ର ପାଠ ଓ ଜାତକର୍ମ ନୀତି ସମ୍ପନ୍ନ କରିଥାନ୍ତି । ପରେ ସେହି ମୂର୍ତ୍ତିକୁ ମାର୍କଣ୍ଡେୟ ପୁଷ୍କରଣୀରେ ବିସର୍ଜନ କରିଥାନ୍ତି ।ପ୍ରଭୁ ବଳଭଦ୍ରଙ୍କ ଜନ୍ମ ନୀତି ସମ୍ପନ୍ନ ହେବା ପରେ ଚକ୍ରରାଜ ସୁଦର୍ଶନ ଚାରି ଆଶ୍ରମ ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥାନ୍ତି । ତେବେ ଆଜି ରାଖୀ ପୂର୍ଣ୍ଣିମା ଥିବାରୁ ଶ୍ରୀମନ୍ଦିରରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଛି । ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ସେବନ କରି ନିଜକୁ ଭାଗ୍ୟବାନ ମନେ କରିଛନ୍ତି । ଭକ୍ତମାନଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଆଦର୍ଶ ଥାନାର ନୂତନ ଥାନା ଅଧିକାରୀଭାବେ ଯୋଗଦେଲେ ରମେଶ ଦେବତା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଆଦର୍ଶ ଥାନାର ନୂତନ ଭାରପ୍ରାପ୍ତ ଥାନା ଅଧିକାରୀ ଭାବେ ରମେଶ ଦେବତା ଯୋଗଦେଇଛନ୍ତି । ଶ୍ରୀ ଦେବତା ସବ୍ ଇନ୍ସପେକ୍ଟର ଭାବରେ ପୂର୍ବରୁ କୋରାପୁଟ ଜିଲ୍ଲାରେ ୭ବର୍ଷ ବେଶ୍ ଦକ୍ଷତା ସହିତ କାର୍ଯ୍ୟ କରିଛନ୍ତି । ପରେ ପଦୋନ୍ନତି ପାଇ ଇନ୍ସପେକ୍ଟର ଭାବେ ନୟାଗଡ ଜିଲ୍ଲାରେ ୩ବର୍ଷ କାର୍ଯ୍ୟ କରିଥିଲେ । ପରେ ଖୋର୍ଦ୍ଧା ଜିଲ୍ଲାର ବାଣପୁର ଥାନାରେ ଇନ୍ସପେକ୍ଟରଭାବେ କାର୍ଯ୍ୟ କରିଥିଲେ । ବାଣପୁର ଭଳି ସମ୍ବେଦନଶୀଳ ସ୍ଥାନରେ ନିର୍ବାଚନ ସମୟରେ ଆଇନ୍ଶୃଙ୍ଖଳା ରେ ସୁଧାର କରି ପରିଚାଳନା କରିଥିଲେ । ସେହିପରି ତାଙ୍କ ସମୟରେ ନିଶା କାରବାର, ହତ୍ୟା, ରାହାଜାନୀ ପ୍ରଭୃତି ମାମଲା ଥାନା ଅଂଚଳରେ ଏକ ପ୍ରକାର କମିଥିବାବେଳେ ଖଣି ମାଫିଆ ଭୟରେ ରହିଥିଲେ । ଆଜି ଆଦର୍ଶ ଥାନାରେ ଶ୍ରୀ ଦେବତା ଙ୍କ ଯୋଗଦାନ ପରେ ଥାନା ରେ ଏକ ପୂଜା କରାଯାଇଥିଲା । ଥାନାର କର୍ମଚାରୀ ଓ ଶୁଭେଚ୍ଛୁ ତାଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ । ଥାନା ଅଂଚଳ ରେ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ଥାନା ସଦାସର୍ବଦା କାର୍ଯ୍ୟ କରିବ ବୋଲି ନୂତନ ଥାନା ଅଧିକାରୀ ଶ୍ରୀ ଦେବତା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ମହିଳାଙ୍କ ଜୀବନ ରକ୍ଷା କଲେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨ର ଡାକ୍ତରୀ ଟିମ୍

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨, ଫୁଲନଖରାର ଏକ ବହୁବିଭାଗୀୟ ଚିକିତ୍ସକ ଦଳ ଜଣେ ଗୁରୁତର ଭାବେ ଅସୁସ୍ଥ ଥିବା ମହିଳାଙ୍କର ଏକ ବିରଳ ତଥା ଜୀବନ ପ୍ରତି ବିପଦଜନକ ମାମଲାକୁ ସଫଳତାର ସହ ଚିହ୍ନଟ ଓ ଚିକିତ୍ସା କରି ତାଙ୍କ ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି । ସଂପୃକ୍ତ ମହିଳାଙ୍କର ଜୀବନ ପ୍ରତି ବିପଦ ଥିବା ବେଳେ ସେ ପ୍ରସବ ପରବର୍ତ୍ତୀ ବିଳମ୍ବିତ ରକ୍ତସ୍ରାବ ଯାହାକୁ କି ୟୁଟେରାଇନ୍ ଆର୍ଟେରୀ ସ୍ୟୁଡୋଆନ୍ୟୁରିଜମ୍ ସମସ୍ୟାରେ ପୀଡ଼ିତ ଥିବାର ଜଣାପଡ଼ିଥିଲା । ସିଜରିଆନ୍ ପ୍ରକ୍ରିୟାରେ ପ୍ରସବର ତିନି ଦିନ ପରେ ମହିଳା ଜଣଙ୍କ ପରିସ୍ରାଦ୍ୱାରରେ ଅତ୍ୟଧିକ ଯନ୍ତ୍ରଣା ଓ ରକ୍ତସ୍ରାବର ସମସ୍ୟା ନେଇ ହସ୍ପିଟାଲରେ ପହଂଚିଥିଲେ । ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କର ଶାରୀରିକ ସ୍ଥିତି ଅସ୍ଥିର ହୋଇପଡ଼ିଥିବାରୁ ତୁରନ୍ତ ଚିକିତ୍ସା ଆବଶ୍ୟକ ହୋଇଥିଲା ।



ତାଙ୍କୁ ତୁରନ୍ତ ଆଇସିୟୁରେ ଭର୍ତି କରାଯାଇ ସ୍ଥିର କରାଯାଇଥିଲା । ତାଙ୍କୁ କ୍ରିଟିକାଲ୍ କେୟାର ବିଭାଗର ଡାକ୍ତର ଶୁଭଙ୍କର, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଅଭିଜିତ୍ ଓ ନେଫ୍ରୋଲୋଜି ବିଭାଗର ଡାକ୍ତର ହାପି ପାତ୍ରଙ୍କ ନେତୃତ୍ୱରେ ଚିକିତ୍ସକମାନେ ମିଳିତ ଭାବେ ଚିକିତ୍ସା କରିବା ସହ ତାଙ୍କର ଜଟିଳ ପରିସ୍ଥିତିର ନିୟନ୍ତ୍ରଣ କରିଥିଲେ । ହସ୍ପିଟାଲରେ ଉପଲବ୍ଧ ଅତ୍ୟାଧୁନିକ ରୋଗ ନିରୂପଣ ସୁବିଧା ଓ ବିଶେଷଜ୍ଞ ଚିକିତ୍ସା ସେବା ଯୋଗୁଁ ରକ୍ତସ୍ରାବର ମୂଳ କାରଣକୁ ଶୀଘ୍ର ଚିହ୍ନଟ କରାଯାଇପାରିଥିଲା । ସେହିପରି ଡାକ୍ତର ଶ୍ରୀକାନ୍ତ ସୁନ୍ଦରାଙ୍କ ନେତୃତ୍ୱରେ ଇଂଟରଭେନସନାଲ୍ ରେଡିଓଲୋଜି ବିଭାଗର ଏକ ଟିମ୍ ତୁରନ୍ତ ୟୁଟେରାଇନ୍ ଆର୍ଟେରୀ ଏମ୍ବୋଲାଇଜେସନ୍ ପ୍ରକ୍ରିୟା ସଫଳତାର ସହ ସଂପାଦନ କରିଥିଲେ । ଏହି ଅତ୍ୟାଧୁନିକ ଓ ଅଳ୍ପ ଆକ୍ରମଣାତ୍ମକ ପ୍ରକ୍ରିୟା ମାଧ୍ୟମରେ ରକ୍ତସ୍ରାବକୁ ସଫଳତାର ସହ ନିୟନ୍ତ୍ରଣ କରାଯିବା ସହ ବଡ଼ ଧରଣର ଅସ୍ତ୍ରୋପଚାରର ଆବଶ୍ୟକତାକୁ ଏଡ଼ାଯାଇପାରିଥିଲା । ଚିକିତ୍ସା ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଉନ୍ନତି ଘଟିଥିଲା ଏବଂ କୌଣସି ଜଟିଳତା ବିନା ସେ ସୁସ୍ଥ ହୋଇଥିଲେ ।

# ଶିଶୁ ମୁଣ୍ଡରୁ ହାଣ୍ଡିକୁ ବାହାର କଲେ ଅଗ୍ନିଶମ କର୍ମଚାରୀ



ବ୍ରହ୍ମପୁର, (ସବ୍ୟୁ) : ଦୁଇ ବର୍ଷର ଶିଶୁ ମୁଣ୍ଡରେ ଚାପି ହୋଇ ରହିଯାଇଥିବା ଆଲୁମିନିୟମ ହାଣ୍ଡିକୁ କଟରରେ କାଟି ବାହାର କଲେ ଅଗ୍ନିଶମ ବିଭାଗର କର୍ମଚାରୀ। ରମ୍ଭା ଥାନା ଅଞ୍ଚଳର ବିଦ୍ୟାଧର ପ୍ରଧାନଙ୍କ ଦୁଇ ବର୍ଷର ପୁଅ ତ୍ରିଲୋଚନ ପ୍ରଧାନ ଘରେ ଖେଳିଥିବା ବେଳେ ଅସାବଧାନତା ଯୋଗୁଁ ଏକ ଆଲୁମିନିୟମ ହାଣ୍ଡିଟି ତାର ମୁଣ୍ଡରେ ପଶି ଯାଇଥିଲା । ଏହାକୁ ଦେଖିବା ପରେ ତ୍ରିଲୋଚନଙ୍କ ପରିବାର ଲୋକେ ମୁଣ୍ଡରୁ ହାଣ୍ଡିକୁ ବାହାର କରିବାକୁ ଦୀର୍ଘ ସମୟ ଧରି ଚେଷ୍ଟା କରିବା ପରେ କିଛି ସୁଫଳ ମିଳିନଥିଲା । ବିଳମ୍ବିତ ରାତି ଯୋଗୁଁ ମେଡିକାଲ ବନ୍ଦ ହୋଇଥିବା ଯୋଗୁଁ ରମ୍ଭାର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟକୁ ତ୍ରିଲୋଚନଙ୍କୁ ସେଭଳି ଅବସ୍ଥାରେ ତାଙ୍କ ପରିବାର ଲୋକେ ନେଇଥିଲେ । ତ୍ରିଲୋଚନଙ୍କ ମୁଣ୍ଡ ଭିତରେ ଆଲୁମିନିୟମ ହାଣ୍ଡିଟି ରହି ଯାଇଥିବା ଯୋଗୁଁ ତାକୁ ବାହାର କରିବା କଷ୍ଟସାଧ ଥିଲା । ତଥାପି ମଧ ରମ୍ଭାର ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଏକ କଟର୍ ଯୋଗେ ଧିରେ ଧିରେ ଆଲୁମିନିୟମ ହାଣ୍ଡିଟିକୁ କାଟିଥିଲେ । କିଛି ସମୟ ମଧ୍ୟରେ ହାଣ୍ଡିଟି ତ୍ରିଲୋଚନଙ୍କ ମୁଣ୍ଡରୁ ବାହାରି ଯାଇଥିଲା । ତେବେ ତ୍ରିଲୋଚନଙ୍କ ମୁଣ୍ଡରେ ଦୀର୍ଘ ସମୟ ଧରି ହାଣ୍ଡିଟି ଫସି ରହିଥିବା ବେଳେ ତାହାକୁ କଟର୍ ଯୋଗେ କାଟିବା ବି ବିପଦଜନକ ଥିଲା । ଅତ୍ୟନ୍ତ ସାବଧାନତାର ସହ ରମ୍ଭା ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ତ୍ରିଲୋଚନଙ୍କ ମୁଣ୍ଡରୁ ହାଣ୍ଡିଟି କାଟି ବାହାର କରିଥିଲେ । ରମ୍ଭା ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ଏଭଳି କାର୍ଯ୍ୟ ଯୋଗୁଁ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ ତ୍ରିଲୋଚନଙ୍କ ପରିବାର ଓ ଗାଁ ଲୋକେ ।

# ବାରିପଦାରେ ସୁଭଦ୍ରାର ପଞ୍ଚମ କିସ୍ତି ପ୍ରଦାନ ସମାରୋହ

ବାରିପଦା, (ସବ୍ୟୁ) : ପବିତ୍ର ରକ୍ଷାବନ୍ଧନ ଅବସରରେ ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ପାଇଁ ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କିସ୍ତି ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାର ୬ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀ ଉପକୃତ ହେବେ। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସେ ସ୍ୱାଗତ ଭାଷଣ ଦେଇ ସୁଭଦ୍ରା ଯୋଜନା ମହିଳାଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ଆତ୍ମବିଶ୍ୱାସ ବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ। ଯୋଜନାରୁ ମିଳୁଥିବା ଅର୍ଥକୁ ଉତ୍ପାଦନମୂଳକ ଓ ଜୀବିକାଭିତ୍ତିକ କାର୍ଯ୍ୟରେ ବିନିଯୋଗ କରି ଆୟ ବୃଦ୍ଧି ସହ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାକୁ ସେ ହିତାଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ରକ୍ଷାବନ୍ଧନ ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ରକ୍ଷାବନ୍ଧନ ପବିତ୍ର ସମ୍ପର୍କ ଓ ଭାଇଚାରାର ପ୍ରତୀକ। ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଓ ସମ୍ମାନଜନକ ଜୀବନଯାପନ ସୁନିଶ୍ଚିତ କରିବାରେ ସୁଭଦ୍ରା ଯୋଜନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ଷକୁ ଦୁଇଟି କିସ୍ତିରେ ମୋଟ ୧୦ହଜାର ଟଙ୍କା ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରଦାନ କରାଯାଉଥିବାରୁ ଏହା ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ଗ୍ରାମୀଣ ଓ ସହରାଞ୍ଚଳ ଅର୍ଥନୀତିକୁ ମଧ ସୁଦୃଢ଼ କରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାସ୍କର ମଢେଇ ଯୋଗଦେଇ ଯୋଜନାର ଅର୍ଥକୁ ଉପଯୁକ୍ତ ଓ ଉତ୍ପାଦନକ୍ଷମ କାର୍ଯ୍ୟରେ ବିନିଯୋଗ କରି ସ୍ୱାବଲମ୍ବୀ ହେବାକୁ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସାରସକଣା ବିଧାୟକ ଭାଦବ ହାଁସଦାଃ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବଡ଼ସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନଙ୍କ ସମେତ ବହୁ ଜନପ୍ରତିନିଧି ଓ ଅଧିକାରୀ ଉପସ୍ଥିତ ଥିଲେ। ସମାରୋହରେ ସୁଭଦ୍ରା ଯୋଜନାର ତିନିଜଣ ହିତାଧିକାରୀ ନିଜ ସଫଳତାର କାହାଣୀ ବଖାଣିଥିଲେ। ଯୋଜନାରୁ ମିଳିଥିବା ଆର୍ଥିକ ସହାୟତା କିପରି ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହ ଜୀବିକାର୍ଜନ ଓ ଆର୍ଥିକ ସ୍ୱାବଲମ୍ବନରେ ସହାୟକ ହୋଇଛି, ସେ ସମ୍ପର୍କରେ ସେମାନେ ଅନୁଭୂତି ବାଣ୍ଟିଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ମହିଳା ହିତାଧିକାରୀ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



# ସାଇବର ଠକେଇ ଓ ଡିଜିଟାଲ ଗିରଫ ସଚେତନତା କାର୍ଯ୍ୟକ୍ରମ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ପୋଲିସ ଥାନା ଅଧିନସ୍ଥ ବାଲିପଦର ଫାଣ୍ଡି ପରିସରରେ ସାଇବର ଠକେଇ ଓ ଡିଜିଟାଲ ଗିରଫ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭଞ୍ଜନଗର ଏସଡିପିଓ ଦୀପକ କୁମାର ମିଶ୍ର, ବୁଗୁଡ଼ା ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡ଼ି ଓ ମହେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ସମ୍ପ୍ରତି ସମାଜରେ ଘଟୁଥିବା ବିଭିନ୍ନ ପ୍ରକାରର ସାଇବର ଠକେଇ ଏବଂ ଡିଜିଟାଲ ଗିରଫ ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସାଇବର ଠକେଇ ଏବଂ ଡିଜିଟାଲ ଗିରଫ ଭଳି ଅପରାଧିକ ଘଟଣାର ଶିକାର ନହେବା ପାଇଁ କଣ କରିବା ଉଚିତ ଏବଂ କଣ କରିବା ଅନୁଚିତ ସେନେଇ ଆଲୋକପାତ କରାଯାଇଥିଲା ।

# ସବୁଜ ବାହିନୀ ପକ୍ଷରୁ ରାକ୍ଷୀ ବାନ୍ଧି ବୃକ୍ଷର ସୁରକ୍ଷାର ପାଇଁ ସଂକଳ୍ପ



ବ୍ରହ୍ମପୁର, (ସବ୍ୟୁ) : ପବିତ୍ର ରକ୍ଷା ବନ୍ଧନ ଏହି ଅବସରରେ ଭାଇ-ଭଉଣୀର ସମ୍ପର୍କ ଭଳି ବୃକ୍ଷ ଓ ମଣିଷ ସମ୍ପର୍କର ଏକ ନିଆରା ବାର୍ତ୍ତା ନେଇ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ବ୍ରହ୍ମପୁର ଗାନ୍ଧୀନଗର ମୁଖ୍ୟ ରାସ୍ତାରେ ବୃକ୍ଷ ହିଁ ଜୀବନ ଓ ବୃକ୍ଷ ସହ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଏବଂ ସମ୍ମାନିତ ଅତିଥି ଭାବେ ବୃକ୍ଷ ପ୍ରେମୀ ସୁବାସ ମହାରଣା ଯୋଗଦେଇ ବୃକ୍ଷକୁ କଣ୍ଟା ବେଦନା ଠାରୁ ମୁକ୍ତି ଦେଇ ରାକ୍ଷୀ ବାନ୍ଧିବା ସହ ଏହାର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ । ୨୦୧୮ ମସିହା ଠାରୁ ସଂଗଠନ ପକ୍ଷରୁ ମୁଁ ବି ବଞ୍ଚିବାକୁ ଚାହେଁ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଏହି ଅଧୀନରେ ରାସ୍ତା କଡ଼ର ବୃକ୍ଷ ଗୁଡ଼ିକରେ ବେଆଇନ ଭାବେ ଲଗାଯାଇଥିବା ଲୁହା କଣ୍ଟା, ଲୁହା ତାର ଓ ବିଜ୍ଞାପନ ବୋର୍ଡ ଆଦିକୁ ବାହାର କରାଯାଇଥିଲା। ବୃକ୍ଷରେ ହୋଇଥିବା କ୍ଷତ ସ୍ଥାନରେ ହଳଦୀ, ନୀମ ପତ୍ର, ଗୋବର ଓ ଧଳା ଚୂନର ପ୍ରାକୃତିକ ମିଶ୍ରଣ ପ୍ରୟୋଗ କରାଯାଇ ବୃକ୍ଷର ସୁରକ୍ଷା ପାଇଁ ପ୍ରାକୃତିକ ଉପାୟ ଅବଲମ୍ବନ କରାଯାଇଥିଲା। ସଂଗଠନ ପକ୍ଷରୁ ସବୁ ବର୍ଷ ଭଳି ଏହି ବର୍ଷ ମଧ ରାକ୍ଷୀ ବାନ୍ଧିବା କାର୍ଯ୍ୟକ୍ରମ କରଯାଇଥିଲା ବେଳେ ଏହି ବର୍ଷ ଗଛର ସୁରକ୍ଷା ଉପରେ ଅଧିକ ଧ୍ୟାନ ଦିଆ ଯାଇଥିଲା। ସେଥିପାଇଁ ମୁଁ ବି ବଞ୍ଚିବାକୁ ଚାହେଁ ଅଭିଯାନ ମାଧ୍ୟମରେ ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ଥିବା ବୃକ୍ଷଗୁଡ଼ିକୁ କଣ୍ଟାମୁକ୍ତ କରାଯାଇଥିଲା। ଚଳିତ ରକ୍ଷା ବନ୍ଧନରୁ ଏହି ଅଭିଯାନକୁ ଆହୁରି ବ୍ୟାପକ କରି ଆଗାମୀ ଦିନରେ ମଧ ଜାରି ରଖାଯିବ ବୋଲି ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି। ବୃକ୍ଷରେ ବାରମ୍ବାର କଣ୍ଟା ମାରିବା, ତାର କିମ୍ବା ବିଜ୍ଞାପନ ବୋର୍ଡ ବାନ୍ଧିବା ଦ୍ୱାରା ବୃକ୍ଷର ଛାଲ ଓ ତନ୍ତୁ କ୍ଷତିଗ୍ରସ୍ତ ହୋଇ ଧୀରେ ଧୀରେ ବୃକ୍ଷର ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ। ଏହା ସହିତ ବୃକ୍ଷର ମୂଳକୁ କଂକ୍ରିଟ୍ରେ ଆବଦ୍ଧ କରିବା ଏବଂ ଗଛକୁ ଲାଗି ଲୁହା ଜାଲି ଲଗାଇବା ମଧ ବୃକ୍ଷର ସ୍ୱାଭାବିକ ବୃଦ୍ଧିରେ ବାଧା ସୃଷ୍ଟି କରେ। ତେଣୁ ବୃକ୍ଷକୁ କଣ୍ଟା ଓ ତାରରୁ ମୁକ୍ତ କରିବା, ବୃକ୍ଷର ମୂଳକୁ କଂକ୍ରିଟ୍ ମୁକ୍ତ ରଖିବା, ଗଛକୁ ଲାଗିଥିବା ଲୁହା ଜାଲି ଅପସାରଣ କରିବା ଏବଂ ସହରର ସବୁଜ ସମ୍ପଦକୁ ସୁରକ୍ଷିତ ରଖିବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଗଛକୁ ରାକ୍ଷୀ ବାନ୍ଧିବା କେବଳ ଏକ ପରମ୍ପରା ନୁହେଁ, ଏହା ଆମ ଜୀବନ ଦାତା ବୃକ୍ଷର ସୁରକ୍ଷା ପାଇଁ ଏକ ସାମୂହିକ ପ୍ରତିଶ୍ରୁତି। ଏହି କାର୍ଯ୍ୟକ୍ରମକୁ ସଭାପତି ଶିବରାମ ପାଣିଗ୍ରାହୀ ଓ ସମ୍ପାଦକ ସାଗର ପ୍ରସାଦ ପାତ୍ର ପରିଚାଳିତ କରିଥିବା ବେଳେ ପରିବେଶ ବିତି ସ୍ୱାଧୀନ ସାହୁ ଓ ଏଭିପି ସଭାପିତି ସାଗର କୁମାର ପାତ୍ର , ଆଡଭୋକେଟ୍ ପଦ୍ମନାଭ ଡ଼ାଭେ ଓ ସଂଗଠନର ସଦସ୍ୟ ଏ ପ୍ରକାଶ, ପି ବିନଦ, ମ୍ ଦିଲ୍ଲୀପ କୁମାର, ଗଣେଷ ପାଣିଗ୍ରାହି, ପ୍ରବୀଣ ନାୟକ, ବି.ସତୀଶ କୁମାର୍ ପ୍ରମୁଖ ସହଯୋଗ କରିଥିଲେ ।

# ଦୁଇ ନାବାଳିକା ଭଉଣୀ ଅପହରଣ ମାମଲା ଅଭିଯୁକ୍ତକୁ ବର୍ଷେ ଜେଲଦଣ୍ଡ

ବ୍ରହ୍ମପୁର, (ସବ୍ୟୁ): ଫାଷ୍ଟଟ୍ରାକ ଜଜ ରୋହିତ ଲାଲ ପଣ୍ଡା ଦୁଇଜଣ ନାବାଳିକା ଭଉଣୀଙ୍କୁ ୨୦୨୪ ମସିହାରେ ଅପହରଣ ହୋଇଥିବା ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଗୋଶାଣିନୁଆଗାଁ ନେହୁରନଗରର ବିପିନି ଓରଫ ବାପୁନୀ ସାହୁ(୩୫)ଙ୍କୁ ଜଜ ପଣ୍ଡା ଦୋଷୀ ସାବ୍ୟସ୍ତ କରିବା ସହ ଏକ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡର ନିର୍ଦ୍ଦେଶ ମଧ ଦେଇଥିବା ତାଙ୍କ ରାୟରେ ଉଲ୍ଲେଖ ରହିଛି। ବିବରଣୀରୁ ପ୍ରକାଶ ଯେ, ୨୦୨୪ ମାର୍ଚ୍ଚ ୧ ତାରିଖ ସନ୍ଧ୍ୟାରେ ୧୨ ଓ ୧୦ ବର୍ଷ ବୟସର ଦୁଇ ଭଉଣୀ ଟିୟୁସନ ଯାଉଥିଲେ। ଆସ୍କରୋଡ ନିକଟରୁ ଉକ୍ତ ଦୁଇ ନାବାଳିକାଙ୍କୁ ଉକ୍ତ ବାପିନୀ ସାହୁ କୌଶଳକ୍ରମେ ନିଜ ବାଇକରେ ବସାଇ ଅପହରଣ କରି ନେଉଥିଲା। କିଛିଦୂର ଯିବା ପରେ ଦୁଇ ଭଉଣୀ ଚିତ୍କାର କରିଥିଲେ। ସେହି ରାସ୍ତାଦେଇ ଯାଉଥିବା ଲୋକମାନେ ଉକ୍ତ ବାଇକକୁ ଅଟକାଇ ବାପିନି ସାହୁଙ୍କୁ କାବୁ କରିବା ସହ ଟାଉନ ଥାନା ପୋଲିସ ଜିମାରେ ଦେଇଥିଲେ। ପୋଲିସ ଅପହୃତା ଦୁଇ ଭଉଣୀଙ୍କୁ ଉଦ୍ଧାର କରିଥିଲା। ତତ୍କାଳୀନ ଏସଆଇ ସିଲୁ ଧଳ ଅଭିଯୁକ୍ତ ବାପିନୀଙ୍କୁ ମାମଲା ନଂ ୮୬/୨୪ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିଦିନ ପରେ ତାଙ୍କୁ ଜାମିନ ମିଳିଥିଲା। ଉକ୍ତ ମାମଲାର ବିଚାରଣା ବେଳେ ୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନ ଆଧାରରେ ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ. ଶିବପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ ।

# ପାଟବସ୍ତ୍ର ଓ ରାଖି ସେବାରେ ଭକ୍ତିମୟ ବାରିପଦା

ବାରିପଦା, (ସବ୍ୟୁ) : ପବିତ୍ର ରକ୍ଷାବନ୍ଧନ ଅବସରରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦା ଶ୍ରୀଜଗନ୍ନାଥ ମନ୍ଦିରରେ ନିଖିଳ ଉତ୍କଳ ପାଟରା ସେବକ, ବାରିପଦା ଅଂଶ ପକ୍ଷରୁ ପାଟବସ୍ତ୍ର ଓ ରାଖି ସେବା କାର୍ଯ୍ୟକ୍ରମ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ଶ୍ରୀକ୍ଷେତ୍ର ପୁରୀରେ ପାଟରା ବିଷୋୟୀମାନେ ନିଜ ହାତରେ ପ୍ରସ୍ତୁତ କରିଥିବା ପାଟ ରାଖି ଓ ଗୁଆମାଳ ମହାପ୍ରଭୁଙ୍କୁ ପ୍ରଦାନ କରିଥାନ୍ତି। ସେହି ପରମ୍ପରାକୁ ଆଧାର କରି ବାରିପଦାର ଶତାଧିକ ପାଟରା ଓ ପାଟରାଣୀ ଏହି ସେବାରେ ସାମିଲ ହୋଇଥିଲେ। ପାଟରା ଗୋସେଇଁମାନେ ଏକ ବିରାଟ ଶୋଭାଯାତ୍ରାରେ ସଂକୀର୍ତ୍ତନ କରି ଶ୍ରୀଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ଶୋଭାଯାତ୍ରା ସମୟରେ ପାଟରା ଗୋସେଇଁଙ୍କ ସଂକୀର୍ତ୍ତନ ସାଙ୍ଗକୁ ଭାଇଭଉଣୀମାନଙ୍କ ହୁଳହୁଳି ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଉଠିଥିଲା। ମନ୍ଦିରରେ ପହଞ୍ଚିବା ପରେ ପାଟରା ସେବକଙ୍କ ପକ୍ଷରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ପ୍ରସ୍ତୁତ ଖଣ୍ଡୁଆ ପାଟବସ୍ତ୍ର ଓ ରାଖି ପୂଜକଙ୍କୁ ସମର୍ପଣ କରାଯାଇଥିଲା। ଏଥିସହ ପୂଜକମାନଙ୍କୁ ମଧ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା। ପରେ ମହାପ୍ରଭୁଙ୍କୁ ପାଟବସ୍ତ୍ର ଓ ରାଖି ଅର୍ପଣ କରାଯାଇଥିଲା। ଏହି ଭକ୍ତିପୂର୍ଣ୍ଣ ସେବା ଓ ଧାର୍ମିକ ପରିବେଶ ଦେଖି ଉପସ୍ଥିତ ଭକ୍ତମାନେ ଆବେଗଭରା କଣ୍ଠରେ ଜୟ ଜଗନ୍ନାଥ, ଜୟ ବଳଦେବ, ଜୟ ମା ସୁଭଦ୍ରା ଧ୍ୱନି ଦେଇଥିଲେ। ଏହାପରେ ଭକ୍ତମାନଙ୍କୁ ପ୍ରସାଦ ସେବନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବାରିପଦା ଶାଖା ସଭାପତି ଅମିତାଭ ସାହୁ ଓ ସମ୍ପାଦକ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଉପଦେଷ୍ଟା ପଦ୍ମନାଭ ପୃଷ୍ଟି, ସୁବାସ ସାହୁ, ବୀରେନ୍ଦ୍ରନାଥ ସାହୁ, ପ୍ରଭାସ ସାହୁ, ପ୍ରଦୀପ ପୃଷ୍ଟି, ଅରୁଣ ସାହୁ, ବିଜୟ ସାହୁ, ରବୀନ୍ଦ୍ର ପୃଷ୍ଟି, ରବୀନ୍ଦ୍ର ସାହୁ, ବୀରବର ମହାନ୍ତି, ଉମାଶଙ୍କର ସାହୁ, ମନୋଜ ସେଣ୍ଠ, ଗଗନ ସାହୁ, ବ୍ରହ୍ମାନନ୍ଦ ସାହୁ, ଦୁର୍ଗାଶଙ୍କର ପୃଷ୍ଟି, ରଞ୍ଜୀତ ସାହୁ, ଜଗନ୍ନାଥ ପୃଷ୍ଟି ଓ ଅଭିମନ୍ୟୁ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଗୋପବନ୍ଧୁ ଭବନରେ ସଦ୍‌ଭାବନା ସମିତିର ୫୬୬ତମ ମାସିକ ସନ୍ଥ ଦିବସ

ବାରିପଦା, (ସବ୍ୟୁ) : ମନ୍ଦିର, ମସ୍‌ଜିଦ୍ ଓ ଗିର୍ଜା ଭଳି ବିଭିନ୍ନ ଧର୍ମୀୟ ପରିଚୟ ମାଧ୍ୟମରେ ମଣିଷ ଏକମାତ୍ର ଈଶ୍ୱରଙ୍କୁ ବିଭିନ୍ନ ରୂପରେ ଦେଖିଥାଏ। ସେହିପରି ଏକମାତ୍ର ପୃଥିବୀକୁ ବିଭିନ୍ନ ଦେଶ ଓ ମହାସାଗରକୁ ବିଭିନ୍ନ ନାମରେ ବିଭକ୍ତ କରାଯାଇଛି। ମାତ୍ର ମାନବ ସମାଜକୁ ଜାତି, ଧର୍ମ ଓ ସ୍ୱାର୍ଥର ଆଧାରରେ ବିଭାଜିତ କରି ପରସ୍ପର ମଧ୍ୟରେ ବିଭେଦର ପ୍ରାଚୀର ଠିଆ କରାଯିବା ଉଚିତ ନୁହେଁ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ସାମାଜିକ ବିଷମତା ଓ ବିଭେଦବାଦୀ ଚିନ୍ତାଧାରାକୁ ସର୍ବଦା ବିରୋଧ କରିଆସୁଥିବା ସଦ୍‌ଭାବନା ସମିତି ପକ୍ଷରୁ ରାଖୀପୂର୍ଣ୍ଣିମା ଅବସରରେ ଏହାର ପାରମ୍ପରିକ ୫୬୬ତମ ମାସିକ ସନ୍ଥ ଦିବସ ସ୍ଥାନୀୟ ଗୋପବନ୍ଧୁ ଭବନସ୍ଥିତ ଓଁକାର ବାଟିକାରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ଦେଇ ଠାକୁର ନିଗମାନନ୍ଦ, ସନ୍ଥ ତୁଳସୀଦାସ, ଶ୍ରୀଅରବିନ୍ଦ ଓ ହଜରତ ମହମ୍ମଦଙ୍କ ପ୍ରତି ସାମୂହିକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସଭାରେ ସମାଜରେ ନିଜକୁ ଅତ୍ୟଧିକ ଚତୁର ବୋଲି ଭାବୁଥିବା କୁଟିଳ, କପଟୀ ଓ କୃପଣ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଉପରେ ଆଲୋଚନା ହୋଇଥିଲା। ଈଶ୍ୱରଙ୍କ ଲାଠିରେ ଶବ୍ଦ ନାହିଁ ବୋଲି ଉଦାହରଣ ଦେଇ ଅନ୍ୟାୟ ଓ ଅସତ୍ କାର୍ଯ୍ୟର ପରିଣାମ ସମ୍ପର୍କରେ ବକ୍ତମାନେ ମତ ରଖିଥିଲେ। ଅନ୍ୟପକ୍ଷରେ, ଦୁର୍ନାମର ପରିବର୍ତ୍ତେ ସୁନାମ ଅର୍ଜନ କରିବା ଏବଂ ସମାଜ ପ୍ରତି ଦାୟିତ୍ୱବୋଧର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଓଡ଼ିଶାରେ ମାନବ ଧର୍ମର ମାନ୍ତ୍ରିକ ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବାରିପଦା ଜେଲର ଶଶୀକାନ୍ତ ମହାଳିକ ମୁଖ୍ୟ ଅତିଥି ଏବଂ ଡଃ ଜଗତବନ୍ଧୁ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡଃ ଦାମୋଦର ପତି, ଗାୟତ୍ରୀ ପରିବାରର ଗଗନ ବିହାରୀ ବେହେରା, ଡଃ ଶଶଧର ବିଶ୍ୱାଳ, ଅଜିତ କୁମାର କବାଟ, ଅଶୋକ କୁମାର ପଲେଇ, ହିମାଂଶୁ ଶେଖର ଦାସ, ନରସିଂହ ବାରିକ ଓ ସତ୍ୟାନନ୍ଦ ସେଜପଡ଼ା ପ୍ରମୁଖ ଯୋଗ ଦେଇଥିଲେ। ବକ୍ତମାନେ କହିଥିଲେ ଯେ, କେବଳ ଲୋକଦେଖାଣିଆ ସଭାସମିତି ଆୟୋଜନ କରି ନିଜକୁ ପ୍ରଚାର କରିବା ଅପେକ୍ଷା ନିଜର ଆତ୍ମସମୀକ୍ଷା କରିବା ଅଧିକ ଆବଶ୍ୟକ। ସଦ୍‌ଭାବନା ସମିତି ଭଳି ଆତ୍ମସମୀକ୍ଷା ଓ ସାମାଜିକ ସଚେତନତା ଭିତ୍ତିକ ସଭା ସମାଜକୁ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରେ ବୋଲି ସେମାନେ ମତ ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କ ରଚିତ ଜାଣିବା ଜିଣିବା ପତ୍ରିକା ଲୋକାର୍ପିତ ହୋଇଥିଲା। ସୁଶ୍ରୀ ସନ୍ଧ୍ୟାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରେନରେ ନାବାଳକଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ସରକାରୀ ରେଳବାଇ ପୋଲିସ (ଜିଆରପି ) ଗୁରୁବାର ବିଳମ୍ବିତ ରାତ୍ର ଟ୍ରେନରେ ଯାତ୍ରା କରୁଥିବା ଜଣେ ୧୧ ବର୍ଷର ନାବାଳକଙ୍କ ମୃତଦେହ ଜବତ କରିଥିଲା। ମୃତକ ଜାଣଙ୍କ ଆସାମା ବିରକ୍ଷେତ୍ର ଜିଲ୍ଲା ଅଂଚଳର ସିକିମ ଅଲ୍ଲୀଙ୍କ ପୁଅ ରାକିବୁଲ ହୁସେନ। ରାତ୍ର ହୋଇଯାଇଥିବାରୁ ମୃତଦେହ ଏମକେସିଜି ସଂରକ୍ଷଣ ଗୃହରେ ରଖାଯାଇଥିବା ବେଳେ ଆଜି ତାହାର ବ୍ୟବଚ୍ଛେଦ ହୋଇଛି। ପୋଲିସ ଏସଂକ୍ରାନ୍ତରେ ୬୪/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଟଙ୍କା ବାପାଙ୍କୁ ହସ୍ତାନ୍ତର କରିଥିଲା। ମୃତକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ପୁଅର ମୃତଦେହ ଘରକୁ ନେବା ପାଇଁ ସେମାନଙ୍କ ନିକଟରେ କିଛି ଟଙ୍କା ନଥିଲା। ସେମାନେ ମୁସଲମାନ ସମ୍ପ୍ରଦାୟର ହୋଇଥିବାରୁ ପୋଲିସ ସହାୟତାରେ ସ୍ଥାନୀୟ ମୁସଲିମ ମାନଙ୍କ ସହାୟତାରେ ଶ୍ମଶାନ ନେଇ ସେଠାରେ ମୃତ ଶିଶୁଙ୍କ କବର ଦେଇଥିଲେ। ରାକିବୁଲ ହୁସେନ ଗୁରୁତର ଯକୃତ ସମସ୍ୟାରେ ଆକ୍ରାନ୍ତ ହୋଇ ଫେରୁଥିବା ବେଳେ ଟ୍ରେନ ଭିତରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, ଉକ୍ତ ନାବାଳକ ଜଣଙ୍କ ଲିଭର ଜନିତ ସମସ୍ୟାରେ ଆକ୍ରାନ୍ତ ଥିବା ବେଳେ ଚିକିତ୍ସା ପାଇଁ ତାଙ୍କ ବାପା -ମା କିଛିଦିନ ତଳେ ବେଙ୍ଗାଲୋର ଯାଇଥିଲେ। ସେଠାରେ ଡାକ୍ତର ତାଙ୍କ ଚିକିତ୍ସା ପରେ ପୁଅକୁ ଘରକୁ ନେଇଯିବାକୁ କହିଥିଲେ। ସେମାନେ ଏସଏମଭିଟି ବେଙ୍ଗାଲୋର - ଗୌହାଟି ଏକ୍ସପ୍ରେସ ଟ୍ରେନରେ ଘରକୁ ଫେରୁଥିଲେ। ରାସ୍ତାରେ ଉକ୍ତ ଶିଶୁଟିର ମୃତ୍ୟୁ ଘଟିଥିଲା। ପରେ ସେମାନେ ବ୍ରହ୍ମପୁର ରେଳଷ୍ଟେସନରେ ଗୁରୁବାର ବିଳମ୍ବିତ ରାତ୍ର ଓଲ୍ଲାଇଥିଲେ। ପରେ ଜିଆରପି ପୋଲିସ ଉକ୍ତ ମୃତଦେହ ଜବତ କାରି ଏମକେସିଜି ମେଡିକାଲ ପଠାଇଥିଲା ।

# ୨୩ ବର୍ଷରେ ପଦାର୍ପଣ କଲା ନିଆରା ଜଙ୍ଗଲ ରକ୍ଷା ବନ୍ଧନ ଉତ୍ସବ



ବାରିପଦା, (ସବ୍ୟୁ) : ପରିବେଶ ସୁରକ୍ଷା ଓ ଜଙ୍ଗଲ ସଂରକ୍ଷଣର ବାର୍ତ୍ତା ନେଇ ମୟୂରଭଞ୍ଜରେ ୨୦୦୪ ମସିହାରେ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକଙ୍କ ପରିକଳ୍ପନାରେ ଆରମ୍ଭ ହୋଇଥିବା ନିଆରା ଜଙ୍ଗଲ ରକ୍ଷା ବନ୍ଧନ ଉତ୍ସବ ୨୩ବର୍ଷରେ ପଦାର୍ପଣ କରିଛି। ମୟୂରଭଞ୍ଜରୁ ଆରମ୍ଭ ହୋଇଥିବା ଏହି ଅଭିନବ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆଜି ଦେଶର ବିଭିନ୍ନ ରାଜ୍ୟରେ ପାଳିତ ହେଉଥିବା ବେଳେ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଏହା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ଅବସରରେ ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ସଂରକ୍ଷିତ ଜଙ୍ଗଲ ନିକଟରେ ଆୟୋଜିତ ଉତ୍ସବରେ ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ୭୦୦ରୁ ଅଧିକ ଜଙ୍ଗଲ ସୁରକ୍ଷା ପ୍ରତିନିଧି, ଗ୍ରାମବାସୀ, ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରତିନିଧି, ବନ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ମହାବିଦ୍ୟାଳୟର ଅଧାପକ-ଅଧାପିକା ଓ ଛାତ୍ରଛାତ୍ରୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ। ଉପସ୍ଥିତ ଅଂଶଗ୍ରହଣକାରୀମାନେ ଦେଉଳି ସଂରକ୍ଷିତ ଜଙ୍ଗଲର ପ୍ରାୟ ୬ହଜାର ଏକର ଅଞ୍ଚଳକୁ ସ୍ଥାନୀୟ ଗ୍ରାମବାସୀ ଓ ବନ ବିଭାଗର ମିଳିତ ଉଦ୍ୟମରେ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବାକୁ ଶପଥ ନେଇଥିଲେ। ଜଙ୍ଗଲ ସୁରକ୍ଷା କମିଟିଗୁଡ଼ିକର ଭୂମିକା, ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣ ଓ ପରିବେଶ ସୁରକ୍ଷାର ଆବଶ୍ୟକତା ନେଇ ଏହି ଅବସରରେ ସଚେତନତା ସୃଷ୍ଟି କରାଯାଇଥିଲା। ଧରମପୁରା ଗ୍ରାମ ଜଙ୍ଗଲ ସୁରକ୍ଷା କମିଟି, ସ୍ୱାର୍ଡ଼। ସ୍ୱେଚ୍ଛାସେବୀ ସଂଗଠନ ଓ ବାରିପଦା ବନଖଣ୍ଡର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଦକ୍ଷିଣର ଉପନିର୍ଦ୍ଦେଶକ ସୁମିତ କୁମାର କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଛାୟତ, ଦେଉଳି ରେଞ୍ଜ ଅଫିସର ଜଗଦୀଶ କୁମାର ଦାସ, ମହାବିଲା ସରପଞ୍ଚ ଅନୁପ ସିଂ, କୃଷି ଶିଳ୍ପ ନିଗମର ପୂର୍ବତନ ଅଧକ୍ଷ ଦେବାଶିଷ ମହାନ୍ତି, ସ୍ୱାର୍ଡ଼। ସ୍ୱେଚ୍ଛାସେବୀ ସଂଗଠନର କୋଷାଧକ୍ଷ ସଞ୍ଜୟ ଦ୍ୱାରୀ ଓ ମୋହନ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମନୋରଞ୍ଜନ ନାୟକ, ଯୋଗେନ୍ଦ୍ର ସି, ପରେଶ ସର୍ଦ୍ଦାର, ଶତ୍ରୁଘନ ସର୍ଦ୍ଦାର, ଭଗବାନ ସର୍ଦ୍ଦାର, ଶଙ୍କର ମହାନ୍ତ, ଜନ୍ମେଜୟ ମହାନ୍ତ, ହରେନ୍ଦ୍ର ମହାନ୍ତ, ମୋହନ ମାର୍ଣ୍ଡି, ଜୟନ୍ତ ସର୍ଦ୍ଦାର, ଶ୍ରୀକାନ୍ତ ସର୍ଦ୍ଦାର, ଉପେନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ଦଳନାଇକ ଓ ବାବୁଲୁ ମାର୍ଣ୍ଡି ପ୍ରମୁଖ ବକ୍ତବ୍ୟ ରଖିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଉଦୟଗିରିରେ ପ୍ରତିଷ୍ଠା ହେବ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ପ୍ରତିମୂର୍ତ୍ତି

# ‘ଦେବତା ଗଠନ’ ପାଇଁ ପୂଜାର୍ଚ୍ଚନା, ବୁଧବାର ଠାରୁ ନିର୍ମାଣ କାମ ଆରମ୍ଭ



ବାଲିଚନ୍ଦ୍ରପୁର, (ସବ୍ୟୁ): ଓଡ଼ିଶାର ଐତିହ୍ୟପୂର୍ଣ୍ଣ ହୀରକତ୍ରିଭୁଜ ବୌଦ୍ଧପୀଠ ଏବଂ ତତସଂଲଗ୍ନ କୀର୍ତ୍ତିରାଜି ସମୂହକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ କାର୍ଯ୍ୟାରମ୍ଭ କରିଛନ୍ତି । ହୀରକ ତ୍ରିଭୁଜ ବୌଦ୍ଧସର୍କିଟ ଅନ୍ତର୍ଗତ ବଡ଼ଚଣାର ପ୍ରସିଦ୍ଧ ବୌଦ୍ଧବିହାର ଉଦୟଗିରି ପାହାଡ଼ର ପାଦଦେଶ ନିକଟରେ ଥିବା ଗୋପାଳପୁର ପଞ୍ଚାୟତର ଗଜେନ୍ଦ୍ରପୁର ଶନିଛକ ନିକଟରେ ପ୍ରତିଷ୍ଠିତ ହେବ ଦ୍ୱିତୀୟ ବୁଦ୍ଧଭାବେ ପରିଚିତ ଗୁରୁ ପଦ୍ମସମ୍ଭବଙ୍କର ୪୫ଫୁଟ ଉଚ୍ଚତା ବିଶିଷ୍ଟ ଏକ ଭବ୍ୟ ଏବଂ କମନୀୟ ପ୍ରସ୍ତର ପ୍ରତିମୂର୍ତ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲା ପ୍ରଶାସନ ଚିହ୍ନଟ କରିଥିବା ମଝିପଡା ଗ୍ରାମର ମୂର୍ତ୍ତିଶାଳଠାରେ ଦେବତା ଗଠନର ଶୁଭଦିନ ଦେଖି ମୂର୍ତ୍ତିନିର୍ମାଣର ଶୁଭାରମ୍ଭ କରାଯାଇଛି । ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ କଳାମଣି ରତ୍ନାକର ମହାରଣାଙ୍କ ତତ୍ତ୍ୱାବଧାନରେ ବିଶିଷ୍ଟ ପ୍ରସ୍ତର ଶିଳ୍ପୀ ପ୍ରମୋଦ କୁମାର ମହାରଣାଙ୍କ ସମେତ ପ୍ରାୟ ୧୫/୨୦ଜଣ ନିପୁଣ ଶିଳ୍ପୀଙ୍କ ନିହଣମୁଗୁରରେ ପ୍ରଥମେ ପାର୍ଶ୍ୱ ବୁଦ୍ଧଦେବାଦେବୀଙ୍କ ମୂର୍ତ୍ତି ନିର୍ମାଣ କାମ ବୁଧବାର ଠାରୁ ଆରମ୍ଭ ହୋଇଛି । ଆମେରିକାର କାଲିଫର୍ଣ୍ଣିଆ ସ୍ଥିତ ଲାଇଟ୍ ଅଫ ବୁଦ୍ଧଧର୍ମ ଫାଉଣ୍ଡେସନ ଇଣ୍ଟରନେସନାଲର ସମ୍ପୂର୍ଣ୍ଣ ସହଯୋଗରେ ଆର୍ଯ୍ୟାଦେଶ ସାଂସ୍କୃତିକ ସଂରକ୍ଷଣ କେନ୍ଦ୍ର ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହି ଐତିହ୍ୟମଣ୍ଡିତ ନୂତନ ବୌଦ୍ଧକୀର୍ତ୍ତିସ୍ଥଳ ନିର୍ମାଣ କରୁଛନ୍ତି ଯାଜପୁର ଜିଲ୍ଲା ପ୍ରଶାସନ ଗଜେନ୍ଦ୍ରପୁର-ଉଦୟଗିରି ବୌଦ୍ଧକ୍ଷେତ୍ର ସଂଲଗ୍ନ ଛକ ନିକଟରେ ପ୍ରାୟ ୪୦ ଡେସିମିଲ ଜମି ଯୋଗାଇ ଦେଇଛନ୍ତି । ପଦ୍ମସମ୍ଭବଙ୍କ ଏହି ବିଶାଳ ପ୍ରତିମା ଗଢିବା, ପାର୍ଶ୍ୱ ପ୍ରତିମା ନିର୍ମାଣ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟପାଇଁ ପ୍ରାୟ ୩ କୋଟି ଟଙ୍କାର ଅଟକଳ ପ୍ରସ୍ତୁତ ହୋଇଛି । ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଫାଉଣ୍ଡେସନର ମୁଖ୍ୟ କାଲିଫର୍ଣ୍ଣିଆର ବିଶିଷ୍ଟ ବୌଦ୍ଧଧର୍ମାଶ୍ରିତା ଓ୍ୱାଙ୍ଗମୋ ଡିକ୍ସି ଏବଂ ବିଶିଷ୍ଟ ସ୍ଥପତି ପଦ୍ମଶ୍ରୀ ପ୍ରଭାକର ମହାରଣା ସାକ୍ଷାତ କରିବାପରେ ଉଦୟଗିରିଠାରେ ଏହି ଅପୂର୍ବ ବୌଦ୍ଧ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଅଢେଇବର୍ଷ ଅବଧି ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରହିଛି । ରାଜସ୍ଥାନରୁ ଅଣାଯାଇଥିବା ଚୁନାର ପଥରରରେ ଗୁରୁ ପଦ୍ମସମ୍ଭବଙ୍କର ଏହି ୪୫ ଫୁଟ ଉଚ୍ଚତାର ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ । ପ୍ରାୟ ୩୦୦ଟନ୍ ଓଜନର ଏହି ବିଶାଳ ପ୍ରସ୍ତର ପ୍ରତିମାର ଭାର ବହନ ପାଇଁ ଉକ୍ତ ସ୍ଥାନର ମୃତ୍ତିକା ପରୀକ୍ଷା କରାଯିବ ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କହିଛନ୍ତି । ଏହା ପର୍ଯ୍ୟଟକମାନଙ୍କୁ ବିଶେଷ ଆକୃଷ୍ଟ କରିବ ବୋଲି କହିଛନ୍ତି ବିଶିଷ୍ଟ ଶିକ୍ଷାବିତ ଉମାକାନ୍ତ ବଳ, ଡଃ ଭାଗ୍ୟଧର ସାହୁ, ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ପ୍ରକାଶ ଚନ୍ଦ୍ର ନାୟକ, ରତ୍ନଗିରିର ବୌଦ୍ଧପ୍ରେମୀ ମୁରବୀ ଅତୁଳଚନ୍ଦ୍ର ମଙ୍ଗରାଜ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଆଶିଷ ସେନାପତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ।

# ଆଇଚର-ଟାଟା ମ୍ୟାଜିକ ଧକ୍କା, ଜଣେ ମୃତ



ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଥାନା ସାତମାଇଲ ଛକ ଠାରୁ ଶହେ ମିଟର ଦୂର ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟରେ ଶୁକ୍ରବାର ସକାଳ ୧୧ ଟା ସମୟରେ ଗୁଡ଼ିଆକାଟେଣୀ ପଟୁ ଆସୁଥିବା ଏକ ଧାନ ବୋଝେଇ ଆଇଚର ଏକ କମାଣ୍ଡର ଉପରେ ସମ୍ପୂର୍ଣ୍ଣ ମାଡି ମାଡିଯିବା ଫଳରେ ସେହିଠାରେ ଛିଡା ହୋଇଥିବା କମାଣ୍ଡାର ଡ୍ରାଇଭର ଚାପି ହୋଇ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ । ହିନ୍ଦୋଳ ପୋଲିସ ଉଦ୍ଧାରକାର୍ଯ୍ୟ ଜାରି ରଖିଥିବା ଜଣା ପଡ଼ିଛି। ମଦ୍ୟପ ଆଇଚର ଗାଡ଼ି ଡ୍ରାଇଭର ଜଣକ ହେଲେ ବାଉରୀ ପ୍ରଧାନ। ସେ ନିକଟସ୍ଥ ବାଲିମି ଥାନା ଖଜୁରିଆକଟା ସୀତାରା ସାହିର ଏବଂ ମୃତକ ଜଣକ ବନ୍ତଳା ଅଞ୍ଚଳରୁ ନିଜ ଗାଡ଼ିରେ କିଛି ଲୋକଙ୍କୁ ସାତମାଇଲ ନିକଟରେ ହେଉଥିବା ଯଜ୍ଞକୁ ନେଇ ଆସିଥିବାବେଳେ ମୃତକ ଜଣକ ହେଲେ ସେ ଅନୁଗୋଳ ବନ୍ତଳା ଥାନା ତଳିସରା ଅଞ୍ଚଳର ଗନ୍ଧର୍ବ ବେହେରା ବୋଲି ଜଣାପଡିଛି । ତେବେ ଧାନ ବୋଝେଇ ଆଇଚରଟି ପ୍ରକୃତରେ କୁଆଡେ ଯାଉଥିଲା? ଏହା ଚୋରା କାରବାର ପାଇଁ ଚାଲାଣ ହେଉ ଥିଲାକି ? ଏହା ଏକ ବଡ଼ଧରଣର ଆନ୍ତଃରାଜ୍ୟ ଧାନ ଚୋରା କାରବାର ସହିତ ସଂଶ୍ଲିଷ୍ଟ କି ନାହିଁ ଇତ୍ୟାଦି ସନ୍ଦେହ ଉପୁଜୁ ଥିବାବେଳେ ହିନ୍ଦୋଳ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି । ପୋଲିସ ମଦ୍ୟପ ଡ୍ରାଇଭର ବାଉରୀକୁ ଅଟକ ରଖି ପଚରାଉଚରା ଜାରି ରଖିଛି ।

## ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରା ଟଙ୍କା

# ଜିଲ୍ଲାର ୩ ଲକ୍ଷ ୬ ହଜାର ୪୭୩ ହିତାଧିକାରୀ ଉପକୃତ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳରେ ଥିବା ସୁଭଦ୍ରା ହିତାଧିକାରୀଙ୍କୁ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି। ଫଳରେ ଜିଲ୍ଲାର ୩ ଲକ୍ଷ ୬ ହଜାର ୪୭୩ ଜଣ ମହିଳା ହିତାଧିକାରୀ ଉପକୃତ ହୋଇଛନ୍ତି । ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ଅର୍ଥରାଶି ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲାର ଲାଠିପଡ଼ା ପଡ଼ିଆ ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ, ରାଜ୍ୟର ୧,୦୩, ୨୬, ୧୬୨ ଜଣ ମହିଳା ହିତାଧିକାରୀଙ୍କୁ ଡ଼ି.ବି.ଟି. ମାଧ୍ୟମରେ ୫ ହଜାର ଟଙ୍କା ଲେଖାଏଁ ମୋଟ୍ ୫୧୬୩ କୋଟି ୮ ଲକ୍ଷ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଏହି ଉପଲକ୍ଷେ ଆଜି ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚ଼ନ୍ଦ୍ର ପାତ୍ର ଯୋଗ ଦେଇଥିଲେ । ଆଜି ଢ଼େଙ୍କାନାଳ ଜିଲ୍ଲାର ୩ ଲକ୍ଷ ୬ ହଜାର ୪୭୩ ଜଣ ମହିଳା ହିତାଧିକାରୀ ଉପକୃତ ହେବେ ବୋଲି କହି, ଏହି ଅର୍ଥ ଅର୍ଥ ରାଶି ବିନିଯୋଗ କରି ଛୋଟ ଛୋଟ ବ୍ୟବସାୟ କରି ପରିବାରର ଆର୍ଥିକ ସ୍ଥିତି ସୁଧାରିବାକୁ ପରାମର୍ଶ




ଦେଇଛନ୍ତି । ମା' ମାନଙ୍କ ଉଦ୍ୟମ ଯୋଗୁଁ ପରିବାର ସମୃଦ୍ଧ ହେଉଛି, ସମାଜ ଆଗକୁ ବଢୁଛି ବୋଲି ମତବ୍ୟକ୍ତ କରିଛନ୍ତି । ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି ବୋଲି ସେ ପ୍ରକାଶ କରିଥିଲେ । ସମସ୍ତ ଯୋଗ୍ୟ ମହିଳାଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯିବା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରକାଶ କରିଛନ୍ତି । ଆତ୍ମ ନିର୍ଭରଶୀଳ ହୋଇ ରାଜ୍ୟକୁ ଆଗେଇ ନେବାରେ ସହାୟକ ହେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଂଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ପୌର ଅଧକ୍ଷା ଜୟନ୍ତୀ ପାତ୍ର, ଉପ-ଜିଲ୍ଲାପାଳ ପଦ୍ମ ଚରଣ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, ସୁଭଦ୍ରା ଯୋଜନାର ହିତାଧିକାରୀମାନେ ଯୋଗ ଦେଇଥିଲେ । ସୁଶାନ୍ତ ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବନ ସୁରକ୍ଷା ସମିତି ଗୃହ ସ୍ଥାନାନ୍ତର ଦାବି

ଆଠମଲ୍ଲିକ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କିଆକଟା ଗ୍ରାମପଞ୍ଚାୟତର ନାଏକପଡ଼ା ଗ୍ରାମରେ ବ୍ଲକ ତରଫରୁ ନିର୍ମାଣାଧୀନ ବନ ସୁରକ୍ଷା ସମିତି ଗୃହକୁ ନେଇ ବିବାଦ ଦେଖାଦେଇଛି। ଗ୍ରାମବାସୀଙ୍କ ସହିତ ଆଲୋଚନା ନକରି ଓ କୌଣସି ସାଧାରଣ ବୈଠକ ନକରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବାନୁସାରେ, ଯେଉଁ ସ୍ଥାନରେ ବନ ସୁରକ୍ଷା ସମିତି ଗୃହ ନିର୍ମାଣ ଚାଲିଛି, ସେହି ସ୍ଥାନଟି ପୂର୍ବପୁରୁଷ ଅମଳରୁ ଗ୍ରାମର ସାମୂହିକ, ସାଂସ୍କୃତିକ ଓ ପାରମ୍ପରିକ କାର୍ଯ୍ୟକ୍ରମ ପାଇଁ ବ୍ୟବହୃତ ହୋଇଆସୁଛି। ଏଭଳି ସ୍ଥାନରେ ଗୃହ ନିର୍ମାଣ ହେଲେ ଗ୍ରାମର ପାରମ୍ପରିକ ବ୍ୟବସ୍ଥା ଓ ସାଂସ୍କୃତିକ କାର୍ଯ୍ୟକଳାପ ପ୍ରଭାବିତ ହେବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ବେଳେ, ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରି ଗ୍ରାମର ସହମତି କ୍ରମେ ଅନ୍ୟ ଏକ ଉପଯୁକ୍ତ ସ୍ଥାନରେ ବନ ସୁରକ୍ଷା ସମିତି ଗୃହ ନିର୍ମାଣ କରିବାକୁ ଦାବି କରିଛନ୍ତି । ଏହି ପ୍ରସଙ୍ଗରେ ଗ୍ରାମବାସୀମାନେ ଆଠମଲ୍ଲିକ ବନଖଣ୍ଡ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀଙ୍କ ଦସ୍ତଖତ ଥାଇ ଦାବିପତ୍ର ଦାଖଲ କରିଛନ୍ତି। ଏ ବାବଦରେ ବିଡ଼ିଓ ଟିଟସ ମହାନନ୍ଦିଆଙ୍କୁ ଯୋଗାଯୋଗ କଲାରୁ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ ।

## ବାବା ବିଶ୍ୱକର୍ମା ରଙ୍ଗମିସ୍ତ୍ରୀ ସଂଘ ବୈଠକ

ଆଗରପଡ଼ା, (ସବ୍ୟୁ) : ଆଗରପଡ଼ା ବାବା ବିଶ୍ୱକର୍ମା ରଙ୍ଗ ମିସ୍ତ୍ରୀ ସଂଘ ବୈଠକ ଅନୁଷ୍ଠିତ ହୋଇ ମିସ୍ତ୍ରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ କମିକର୍ତ୍ତା ଚୟନ କରାଯାଇଥିଲା। ଶ୍ୟାମସୁନ୍ଦର ଜେନା-ସଭାପତି,ଦାମୋଦର ଜେନା-ଉପସଭାପତି,ରାଜୀବ ସାହୁ-ସଂପାଦକ,ରମେଶ ମହାନ୍ତି- ସହ ସଂପାଦକ,ରାମଚନ୍ଦ୍ର ବେହେରା-କୋଷାଧକ୍ଷ,ସନ୍ତୋଷ ସାହୁଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ସ୍ଥାନୀୟ ଅଂଚଳର ଶତାଧିକ ରଙ୍ଗମିସ୍ତ୍ରୀ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମାନବ ସେବାଶ୍ରମରେ ରକ୍ଷାବନ୍ଧନ ଉତ୍ସବ

ବଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ତୁରଙ୍ଗ ଅଞ୍ଚଳରେ ଅବସ୍ଥିତ ମାନବ ସେବା ଚାରି ଟେବୁଲ ଟ୍ରଷ୍ଟ ପରିସରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସମାଜସେବୀ ଅଭିମନ୍ୟୁ ସାହୁ ଉପସ୍ଥିତ ରହି ରକ୍ଷାବନ୍ଧନ ଉତ୍ସବ ପାଳନର ଐତିହାସିକ, ପୌରାଣିକ, ସାମାଜିକ ଓ ବୈଜ୍ଞାନିକ କାରଣ ବିଷୟରେ ଆଶ୍ରମରେ ରହି ଶିକ୍ଷା ଲଭ କରୁଥିବା ଶିଶୁଙ୍କ ଅବଗତ କରାଇଥିଲେ। ଏହି ଅବସରରେ ଟ୍ରଷ୍ଟର ଅନ୍ତେବାସୀ ମାନେ ସମାଜସେବୀ ଅଭିମନ୍ୟୁ ସାହୁ ଓ ଉପସ୍ଥିତ ଥିବା ଅତିଥି ମାନଙ୍କୁ ରକ୍ଷାସୂତ୍ର ବାନ୍ଧିବା ସହିତ ଗୋମାତା ଓ ପ୍ରକୃତିର ସୁରକ୍ଷା ପାଇଁ ବୃକ୍ଷକୁ ମଧ୍ୟ ରକ୍ଷା ସୂତ୍ର ବାନ୍ଧିଛନ୍ତି । କାର୍ଯ୍ୟକ୍ରମରେ ଜିତୁ ବାରିକ, ସୁବ୍ରତ ସାହୁ, ଗଣେଶର ନାହକ, ଗଣମାଧ୍ୟମ ପ୍ରତିନିଧି ସୁଧାକର ସାହୁ, ଦିନେଶ ନାଏକ, ଅଶୋକ କୁମାର ଜେନାଙ୍କ ସମେତ ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ। ଅତିଥି ମାନେ ଆଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପିନ୍ଧିବା ବସ୍ତ୍ର ପ୍ରଦାନ କରିଥିଲେ। ଶେଷରେ ମାନବ ସେବା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଓ ଓଡ଼ିଆ ସରକାରଙ୍କ ଠାରୁ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିବା ଚିନ୍ମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ହକି ସମ୍ରାଟ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ପ୍ରଶାସନ ତରଫରୁ ହକି ସମ୍ରାଟ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶ କ୍ରମେ ଜିଲ୍ଲାପ୍ରଶାସନ ପକ୍ଷରୁ ହକି ସମ୍ରାଟ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମତିଥି ଅବସରରେ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡ଼ିୟମରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି । ଉତ୍ସବରେ ସଦର ଉପ-ଜିଲ୍ଲାପାଳ ପଦ୍ମ ଚ଼ରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଧ୍ୟାନ ଚାନ୍ଦଙ୍କ ଫଟୋ ଚ଼ିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରିବା ସହିତ ଜିଲ୍ଲା କ୍ରୀଡା ଅଧିକାରୀ ଦୟାନିଧି ପାତ୍ର, ସହକାରୀ ଜିଲ୍ଲା ଅଗ୍ନିଶମ ଅଧିକାରୀ ଦୀନ ବନ୍ଧୁ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ନଳିନୀ କୁମାର ଦାସ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନିଷ୍ଠାପର ଭାବେ କ୍ରୀଡ଼ା ଅଭ୍ୟାସ ଜାରି ରଖି ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଅର୍ଜନ କରିବାକୁ କହି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସାହୁ ଉପସ୍ଥିତ କୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ ।

## ଶଶୁର ଘରେ ଜ୍ୱାଇଁର ଝୁଲନ୍ତା ମୃତ ଦେହ ଉଦ୍ଧାର

ରାସୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ବ୍ରହ୍ମପୁର ଗାଁରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି । ଶଶୁର ଘର ନିକଟସ୍ଥ କାଜୁ ଜଙ୍ଗଲରୁ ଜ୍ୱାଇଁର ଝୁଲନ୍ତା ମୃତ ଦେହ ଉଦ୍ଧାର ହୋଇଛି। ଝିଅ ଘର ଲୋକେ ମାରି ଗଛରେ ଝୁଲେଇ ଦେଇଥିବାର ଅଭିଯୋଗ ଆଣିଛନ୍ତି ପୁଅ ଘର ପରିବାର ଲୋକେ। ସୂଚନା ଅନୁଯାୟୀ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ବ୍ରହ୍ମପୁର ଗାଁର ଦାସିଆ ସାହୁଙ୍କ ଝିଅ ସରସ୍ୱତୀ ସାହୁ ମୋଟଙ୍ଗା ଥାନା ନିମିଧା ଜଗନ୍ନାଥ ପୁର ଗାଁର ପ୍ରଭାକର ସାହୁଙ୍କ ପୁଅ ପିଙ୍କୁ ସାହୁଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ସଦାସର୍ବଦା କଳହ ଲାଗି ରହୁଥିଲା। କଳହ ଉଗ୍ରରୁପ ଧାରଣ କରି ମାମଲା ଥାନାରେ ପହଞ୍ଚିଥିଲା। କିଛିଦିନ ପୂର୍ବେ ରାସୋଳ ଥାନାରେ ଉଭୟ ପରିବାରଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା। କିଛି ଦିନ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ଠିକଠାକ ଚାଲିଥିଲା। କିଛିଦିନ ପରେ ଉଭୟଙ୍କ ମଧ୍ୟରେ ପୁଣି ଝଗଡା ଆରମ୍ଭ ହେଲା। ଆଜି ସକାଳ ସମୟରେ ସରସ୍ୱତୀ ଫୋନ୍ ଯୋଗେ ସ୍ୱାମୀଙ୍କୁ ଡାକିଥିଲେ ସ୍ୱାମୀ ପିଙ୍କୁ ସାହୁ ସକାଳ ୧୦ଟା ସମୟରେ ଆସି ଶଶୁରଘରେ ପହଞ୍ଚିଥିଲେ। ଅପରାହ୍ନ ୩ଟା ସମୟରେ ଶଶୁର ଘରୁ ଫୋନ୍ ଯୋଗେ ପିଙ୍କୁର ମୃତ୍ୟୁ ହୋଇଥିବା ଖବର ଦେଇଥିଲେ ଖବରପାଇ ପରିବାର ଲୋକ ଆସି ପହଞ୍ଚି ଦେଖନ୍ତି ପୁଅ ଗଛରେ ଝୁଲୁଛି। ସଙ୍ଗେ ସଙ୍ଗେ ରାସୋଳ ଥାନାକୁ ଜଣାଇବା ପରେ ରାସୋଳଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନାକୁ ପଠେଇଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟା ସତ୍ୟ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି ।

## ଶିକାର ପାଇଁ ବିଛା ଯାଇଥିବା ସାମଗ୍ରୀ ଜବତ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ବନ ବିଭାଗ ଅଂଚଳରେ ବ୍ୟାପକ ଜନ୍ତୁ ଶିକାର ବଢ଼ିବାରେ ଲାଗିଛି । ବନ ବିଭାଗର ନୀରବତା ଯୋଗୁଁ ଶିକାରୀମାନେ ନିରାପଦରେ ଶିକାର କରୁଥିବା ବେଳେ ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ବିଭାଟ୍ର ଦେଖା ଦେଇଛି । ଗୁରୁବାର ରାତିରେ ବଇଣ୍ଡା ଅଞ୍ଚଳରୁ ଯାଇଥିବା ୧୧ କେଭି ବିଦ୍ୟୁତ ତାରରେ ହୁକ ପକାଇ ଜନ୍ତୁ ଶିକାର କରିବା ପାଇଁ ବିଛା ଯାଇଥିବା ବେଳେ ବଇଣ୍ଡା ବିଦ୍ୟୁତ ବିଭାଗର ଏକ ସ୍ୱତନ୍ତ୍ର ଟିମ ଚଢ଼ାଉ କରି ବିଭିନ୍ନ ସାମଗ୍ରୀ ଜବତ କରିଛି । ଶିକାରୀ ମାନେ ମାମୁରି ଝରଣ, ଖଜୁରୀଜୁଡା ଅଞ୍ଚଳର ଜଙ୍ଗଲରେ ୧୧ କେଭି ବିଦ୍ୟୁତ ତାରରୁ ହୁକ ପକାଇ ଜନ୍ତୁ ଶିକାର କରିବା ପାଇଁ ଫାସ ବସାଇ ଥିଲେ । ଏହି ଖବର ଜଣା ପଡିବା ପରେ ବିଦ୍ୟୁତ ବିଭାଗର ଲାଇନମ୍ୟାନ କୈଳାସ ପ୍ରଧାନ, ଲିପୁନା ସାହୁ, ରାଜେନ୍ଦ୍ର ସାହୁ, ନବୀନ ଚନ୍ଦ୍ର ପ୍ରଧାନ, ପ୍ରମୁଖ ଉକ୍ତ ଫାସ ଗୁଡିକକୁ ବିଦ୍ୟୁତ ତାରରୁ ହଟାଇ ଥିଲେ। ପରେ ବ୍ୟବହୃତ ଜିଆଇ ତାର, ବାଉଁଶ, ସହ ଅନ୍ୟାନ୍ୟ ସାମଗ୍ରୀ ଗୁଡିକକୁ ଜବତ କରି ଧଣ୍ଡା ତୋପା ବନ ବିଭାଗକୁ ହସ୍ତାନ୍ତର କରିଥିଲେ।

## ରାକ୍ଷୀ ପୂର୍ଣ୍ଣିମା ଅବସରରେ ଗୋକୃପା

# ଗୋଶାଳାଠାରେ ଗୋ ପୂଜନ ଓ ସମ୍ବର୍ଦ୍ଧନା

ବଇଣ୍ଡା, (ସବ୍ୟୁ) : ରାକ୍ଷୀ ପୂର୍ଣ୍ଣମା ଅବସରରେ ବିଶ୍ୱ ଯୁବ କେନ୍ଦ୍ର, ବଣିନାଳୀ ଦ୍ୱାରା ପରିଚାଳିତ ଗୋକୃପା ଗୋଶାଳା ପରିସରରେ ଏକ ଗୋପୂଜନ ଉତ୍ସବ ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱ ଯୁବ କେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନ, ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସହ ସମ୍ପାଦକ ଖିରେନ୍ଦ୍ର ମୋହନ ଦେହୁରୀ, କୋଷାଧକ୍ଷ ଭାରତୀ ସ୍ୱାଇଁ, ହରମୋହନ ମହାପାତ୍ର, ତ୍ରିଧାରା ସାହିତ୍ୟ ସାଂସଦର ସଭାପତି ରମେଶ ଚନ୍ଦ୍ର ମିଶ୍ର ଓ ଅତିଥି ଭାବେ କୃତିବାସ ପ୍ରଧାନ, ଅକ୍ଷୟ ପ୍ରଧାନ, ନୀଳକଣ୍ଠ ସାହୁ, ଦୀପକ ସାହୁ, ବିନୋଦ ବିଶ୍ୱାଳ, ଗୋବିନ୍ଦ ଶଙ୍ଖାରୀ, ବ୍ରଜେନ୍ଦ୍ର ମିଶ୍ରଙ୍କ ସମେତ ନିକଟସ୍ଥ ଗ୍ରାମର ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରଥମେ ଗୋଶାଳାରେ ଥିବା ସମସ୍ତ ଗାଈ ଗୋରୁ ମାନଙ୍କୁ ପୂଜା କରାଯାଇ ରାକ୍ଷୀ ବନ୍ଧା ଯାଇ ପିଠା ଓ ମିଠା ଖାଇବାକୁ ଦିଆଯାଇଥିଲା। ସମସ୍ତ ଅତିଥିମାନଙ୍କୁ ନେଇ ଏକ ସଭା ଆୟୋଜନ କରଯାଇଥିଲା। ସରକାର ପ୍ରାଣୀ ବିଭାଗଙ୍କ ସହାୟତାରେ ବିଗତ ୨ ବର୍ଷ ହେଲା ୫୦ଟି ଅସହାୟ ଓ ବୁଲା ଗାଈ ଗୋରୁଙ୍କ ରକ୍ଷଣା ବେକ୍ଷଣ ହେଉଥିବା ନିର୍ଦ୍ଦେଶକ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବ୍ୟକ୍ତିବିଶେଷ ମାନେ ଏହି ପରମ୍ପରା ବିଷୟରେ ସେମାନଙ୍କ ମନ୍ତବ୍ୟ ରଖିଥିଲେ। ଏ ଅବସରରେ ଗୋ ସେବକ କପିଳେନ୍ଦ୍ର ଦେହୁରୀ ଓ ଗୋ ସେବିକା ଉମା ଦେହୁରୀଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ପରିଶେଷରେ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱ ଯୁବ କେନ୍ଦ୍ରର ଅଭିଷେକ ମହାପାତ୍ର, ରଞ୍ଜିତା ଧଳ, ଗୋଲକ ବିହାରୀ, ପୂନିଆ ସାହୁ, ଅଭୟ ଚରଣ ସ୍ୱାଇଁ, ପୂଜା ସ୍ୱାଇଁ ସହଯୋଗ କରିଥିଲେ ।

## ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଠାକୁରଗଡ଼ ପୋଲିସର ସଚେତନତା

ଠାକୁରଗଡ଼, (ସବ୍ୟୁ): ନିଶାମୁକ୍ତ ସମାଜ ଗଠନ ଓ ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ଦୂରେଇ ରଖିବା ଲକ୍ଷ୍ୟରେ ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ପକ୍ଷରୁ ଠାକୁରଗଡ଼ ହାଇସ୍କୁଲ ପରିସରରେ ଶୁକ୍ରବାର ଦିନ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀମାନେ ଛାତ୍ରଛାତ୍ରୀଙ୍କୁ ନିଶା ବିରୋଧରେ ସଚେତନ କରିଥିଲେ। ଏହି ଅବସରରେ ନିଶା ସେବନ ଦ୍ୱାରା ଯୁବପିଢ଼ିର ଭବିଷ୍ୟତ ବିପଥଗାମୀ ହେବା ସହ ପରିବାରର ଶାନ୍ତି, ସାମାଜିକ ଜୀବନ ଓ ଶିକ୍ଷା କ୍ଷେତ୍ରରେ ପଡୁଥିବା ନକାରାତ୍ମକ ପ୍ରଭାବ ସମ୍ପର୍କରେ ପୋଲିସ ପକ୍ଷରୁ ବିସ୍ତୃତ ଭାବେ ବୁଝାଇ ଦିଆଯାଇଥିଲା। ଛାତ୍ରଛାତ୍ରୀ ମାନେ ନିଶାଠାରୁ ଦୂରେଇ ରହି ସୁସ୍ଥ, ସୁନ୍ଦର ଓ ଶୃଙ୍ଖଳିତ ଜୀବନ ଗଢ଼ିବା ସହ ନିଜ ପରିବାର ଓ ସମାଜରେ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଥିଲା। 'ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ହିଁ ପ୍ରଥମ ପଦକ୍ଷେପ' ବାର୍ତ୍ତା ଦେଇ ଯୁବପିଢ଼ିଙ୍କୁ ନିଶା ବିରୋଧରେ ସଚେତନ ଓ ସଂକଳ୍ପବଦ୍ଧ ହେବାକୁ ପୋଲିସ ଅଧିକାରୀମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଠାକୁରଗଡ଼ ଥାନା ଅଧିକାରୀ ଶ୍ୟାମଲାଲ ଓରାମ, ସବ୍-ଇନ୍ସପେକ୍ଟର ମନୋଜ କୁମାର ବେହେରା, ଯୋଶବନ୍ତି ନାୟକ, ଶେଷଦେବ ସାମଲଙ୍କ ସମେତ ଥାନାର ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ, ଚିଦାନନ୍ଦ ଦେହୁରୀ, ବିକାଶ ଧଳ, କ୍ରୀଷ୍ଣା ନାଏକ, ଲୋପାମୁଦ୍ରା କଅଁର, ଅନୁସୟା ନାୟକ, ବର୍ଷାରାଣୀ ସିଂ, ଶୁଭଲକ୍ଷ୍ମୀ ସାହୁ ଓ ଦଶରଥ ବେହେରାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଦୋରାବଜୀ ଟାଟାଙ୍କ ୧୬୭ତମ ଜୟନ୍ତୀ ସମାରୋହ



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ସ୍ଥିତ ଟାଟା ଷ୍ଟିଲ ମେରାମଣ୍ଡଳୀରେ ସାର୍ ଦୋରାବଜୀ ଟାଟାଙ୍କ ୧୬୭ତମ ଜୟନ୍ତୀ ସମାରୋହଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ଲାଣ୍ଟ କାର୍ଯ୍ୟାଳୟଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଏହି ମହାନ ଦୂରଦ୍ରଷ୍ଟାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦେଶ, ସମାଜ ଓ ଶିଳ୍ପ ଜଗତ ପ୍ରତି ତାଙ୍କର ଯୋଗଦାନକୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ମେରାମଣ୍ଡଳୀ ମେକାନିକାଲ୍ ମେଣ୍ଟେନାନ୍ସ ଚିଫ୍ ରାଜୀବ ଗର୍ଗ, କୋର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା, ପାୱାର ସିଷ୍ଟମ ଚିଫ୍ ରାଜେଶ ଅଗ୍ରୱାଲଙ୍କ ସମେତ ମେରାମଣ୍ଡଳୀ ପ୍ଲାଣ୍ଟର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଟାଉନସିପ୍ ପରିସରରେ କର୍ମଚାରୀଙ୍କ ନିମନ୍ତେ ଫୁଟବଲ ଓ ବିଭିନ୍ନ କୌତୁହଳପୂର୍ଣ୍ଣ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସାର୍ ଦୋରାବଜୀ ଟାଟାଙ୍କ ନେତୃତ୍ୱ, ଉତ୍କର୍ଷତା ଓ ତାଙ୍କ ମହାନ ଆଦର୍ଶକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ୍ ପ୍ରତି ବର୍ଷ ନିଜର ସମସ୍ତ କାର୍ଯ୍ୟକ୍ଷେତ୍ରରେ ତାଙ୍କ ଜୟନ୍ତୀ ପାଳନ କରିଆସୁଛି।

## ତାଳଚେର କେନ୍ଦ୍ରୀୟ ଗଣେଶ ପୂଜା କମିଟିର ପ୍ରସ୍ତୁତି ବୈଠକ

# ୧୪ ରେ ପୂଜା, ୨୬ ରେ ଭସାଣି

ତାଳଚେର, (ସବ୍ୟୁ) : କେନ୍ଦ୍ରୀୟ ଗଣେଶପୂଜା କମିଟିର ସଭାପତି ତଥା ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ତାଳଚେରର ପ୍ରସିଦ୍ଧ ଗଣେଶପୂଜାର ପ୍ରଥମ ବୈଠକ ଦେଉଳବେଡ଼ା ସ୍ଥିତ ଡ଼ିସିଆଇ ହଲରେ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ପୌରପରିଷଦ ନଗରପାଳ ପବିତ୍ର ଭୂତିଆ, କମିଟିର କାର୍ଯ୍ୟକାରୀ ସଭାପତି ତଥା ଏସଡ଼ିପିଓ ଭରତ ଚନ୍ଦ୍ର ସାହୁ, ଉପସଭାପତି କେଶବ ଭୂତିଆ, ପ୍ରଭାତ ପଟ୍ଟନାୟକ, ସାଧାରଣ ସମ୍ପାଦକ ଜିତେନ୍ଦ୍ର ଦାସ, ଥାନା ଅଧିକାରୀ ବିଭୂଦତ ରାଉତରାଏ ଯୋଗଦେଇ ଚଳିତବର୍ଷ ପ୍ରସିଦ୍ଧ ଗଣେଶପୂଜା କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବା ନେଇ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ଆସନ୍ତା ୧୪ ତାରିଖରେ ଆରମ୍ଭ ହୋଇ ୨୬ତାରିଖ ଇନ୍ଦ୍ରପୂର୍ଣ୍ଣିମା ତିଥିରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଯାଇଥିଲା । ଘୋଡ଼ାଶାଳ ଠାରୁ ଆରମ୍ଭ କରି ୫କିମି ବ୍ୟାପି ହାଣ୍ଡିଧୂଆଁ ପର୍ଯ୍ୟନ୍ତ



ଶତାଧିକ ପୂଜାମଣ୍ଡପରେ ପ୍ରଭୁ ଗଣେଶ ପୂଜା ପାଇଥାନ୍ତି ଓ ଅଧିକ ଆକର୍ଷଣ କରାଯିବା ନେଇ ପୂଜାମଣ୍ଡପର କର୍ମକର୍ତାମାନେ ନିଜର ମତ ରଖିଥିଲେ । ଶବ୍ଦପ୍ରଦ୍ୟୁଷଣ ରୋକିବା ନେଇ ଡ଼ିଜେକୁ ବାରଣ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା । ସହରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା ସମୟରେ ଶାନ୍ତିଶୃଙ୍ଖଳାର ସହ କରାଯିବାକୁ ନେଇ କମିଟି ଗୁଡ଼ିକ ମଧ୍ୟରେ ତତ୍ପରତା ପ୍ରକାଶ କରିଥିଲେ । ଭସାଣୀ ପୂର୍ବଦିନ ୩.୫ଶହରୁ ଉର୍ଦ୍ଧ୍ୱ ଲଡୁ କରିବାକୁ ମତପ୍ରକାଶ ପାଇଥିଲା । ଏଥିନେଇ ସାଂସଦ ରୁଦ୍ରନାରାୟଣ ପାଣି ୩ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ପୂର୍ବତନ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆର୍ଥିକ ସହାୟତା ପ୍ରଦାନ କରିବାକୁ କହିଛନ୍ତି ବୋଲି ସାଧାରଣ ସମ୍ପାଦକ ପ୍ରକାଶ କରିଛନ୍ତି । ପ୍ରଦେଶିକା ଦେୟ କ'ବିଭାଗ ୫ହଜାର ଓ ଖ'ବିଭାଗ ପୂଜାକମିଟି ୪ହଜାର ଟଙ୍କା ଆଗାମୀ ୭ତାରିଖ ମଧ୍ୟରେ କେନ୍ଦ୍ରୀୟ କମିଟିର କୋଷାଧକ୍ଷ ହୃଷିକେଶ ସାହୁଙ୍କୁ ପୈଠ କରିବାକୁ କୁହାଯାଇଛି । ମେ ଗୁଡ଼ିକର ଉଚ୍ଚତା କମ କରିବା, ପରିମଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବଦ୍ୟୁତ ଯୋଗାଣ, ଅଘଟଣ ପାଇଁ, ଅଗ୍ନିଶମ ବିଭାଗକୁ ଦାୟୀତ୍ୱ ଦିଆଯାଇଥିବା ବେଳେ ରାସ୍ତା ମରାମତି ପାଇଁ ପିଡ଼ବ୍ଲୁ ବିଭାଗକୁ କୁହାଯାଇଛି । ପୂଜା ଠାରୁ ଭସାଣୀ ମଧ୍ୟରେ କୋଇଲା ପରିବହନ ଅପରାହ୍ନ ୪ଘଟିକା ରୁ ରାତ୍ରୀ ୧୨ଘଟିକା ପର୍ଯ୍ୟନ୍ତ ବନ୍ଦ ରହିବାକୁ ମତପାଇଥିଲା। ଶେଷରେ କୋଷାଧକ୍ଷ ଶ୍ରୀ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି

# ଆଭାସିରେ ଯୋଡିହେଲେ ଅନୁଗୁଳର ପାଞ୍ଚଶହ ମହିଳା

ଅନୁଗୋଳ, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ନୟାଗଡ ଜିଲ୍ଲାର ଲାଠିପଡା ଠାରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସର ଅବସରରେ ରାଜ୍ୟର କୋଟିଏରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ଅନୁଗୋଳର ୫୦୦ରୁ ଉର୍ଦ୍ଧ୍ୱ ମହିଳାମାନେ ଆଭାସି ମାଧ୍ୟମରେ ସ୍ଥାନୀୟ ସଭାଘର ଠାରେ ଆୟୋଜିତ କାର୍ଯ୍ୟକ୍ରମ ଦ୍ୱାରା ଯୋଡି ହୋଇଥିଲେ। ସଭାଘର ଠାରେ ଆୟୋଜିତ ହୋଇଥୁବା କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଭାବେ ଯୋଗ ଦେଇ ମହିଳା ସଶକ୍ତିକରଣ ରଣକୁ ଜିଲ୍ଲା ଓ ରାଜ୍ୟର ପ୍ରଗତିର ମୂଳଦୁଆ ବୋଲି ଅଭିହିତ କରିବା ସହ ୨୦୩୬ ବିକଶିତ ଓଡିଶା ନିର୍ମାଣରେ ମାଆ ମାନଙ୍କର ନଙ୍କର ନିର୍ଣ୍ଣାୟକ ଯୋଗଦାନ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ଲକ୍ଷପତି ଦିଦି ଓ ସୁଭଦ୍ରା ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇଛନ୍ତି ବୋଲି ସେ କହିଥିଲେ । ପବିତ୍ର ରାକ୍ଷୀ ପୂର୍ଣ୍ଣିମାର ଶୁଭ ଅବସରରେ ଅନୁଗୋଳ ଜିଲ୍ଲା ଜିଲ୍ଲାର ମୋଟ ୩ ଲକ୍ଷ ୩ ହଜାର ୬୨୨ ଜଣ ଯୋଗ୍ୟ ପାଗ୍ୟ ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ମୋଟ ୧୫୧ କୋଟି ୮୧ ଲକ୍ଷ ୧୦ ହଜାର ଟଙ୍କା ହସ୍ତାନ୍ତର



କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାଆ ଓ ଭଉଣୀମାନେ ଅତିଥି ମାନଙ୍କୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ । ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ମାଆମାନଙ୍କ ଦ୍ୱାରା ସମଗ୍ର ଓଡିଶାର ଗ୍ରାମୀଣ ତଥା ସହରାଞ୍ଚଳ ଅର୍ଥନୀତି ସୁଦୃଢ ହେବ ବୋଲି କହିଥିଲେ। ସେହିପରି ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଅଶୋକ ମହାନ୍ତି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ଅଗସ୍ତି ବେହେରା ଯୋଗ ଦେଇ ମହିଳା ସଶକ୍ତିକରଣ ବିନା ସମୃଦ୍ଧ ସମାଜ ଗଠନ ଅସମ୍ଭବ ବୋଲି କହିଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନାର ସୁଫଳ ବିଷୟରେ ଉପସ୍ଥିତ ମହିଳାମାନଙ୍କୁ ଅତିଥି ବୃନ୍ଦ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦିପ ଗଡନାୟକ, ସ୍ୱତନ୍ତ୍ର ସମନ୍ୱୟ ବୋର୍ଡର ଅଧକ୍ଷ୍ୟ ବଶିଷ୍ଠ ନାୟକ, ଜିଲ୍ଲା ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର, ଆଇଏଏସ୍ ପ୍ରୋବେସନର ଅଭି ଜୈନ୍, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ସୁଭଦ୍ରା ହିତାଧୋକାରୀ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳିଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ।

### ବଧୂହତ୍ୟା ମାମଲାରେ ପୋଲିସର ଟାଳଟୁଳ ନୀତି

## ଏସ୍‌ପିଙ୍କୁ ଭେଟିଲେ ମୃତକଙ୍କ ପରିବାର

ଭଦ୍ରକ, (ସବ୍ୟୁ) : ବଧୂ ହତ୍ୟା ଅଭିଯୋଗର ଦୁଇ ମାସ ବିତିଲା କିନ୍ତୁ ପୋଲିସର କାର୍ଯ୍ୟାକୁ ନାପସନ୍ଦ କଲେ ମୃତକଙ୍କ ପରିବାର। ବାଧ୍ୟ ହୋଇ ନ୍ୟାୟ ପାଇବା ଆଶା ନେଇ ଏସ୍‌ପିଙ୍କୁ ଭେଟିଲେ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀଥାନା ଅଧୀନ କୁରିଗାଁରେ। ସୂଚନା ମୁତାବକ କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧୀନ ସଂଖୋ ଗ୍ରାମର ନରେନ୍ଦ୍ର ଦାସଙ୍କ ଝିଅ ଝରଣା ଦାସ ବୈଦିକ ରୀତିନୀତିରେ ଭଣ୍ଡାରିପୋଖରୀ ଥାନା କୁରିଗାଁର ଦେବବ୍ରତ ବେହେରାଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଆରମ୍ଭ ହୋଇଥିଲା ଝରଣାଙ୍କ ଉପରେ ଯୌତୁକ ନିର୍ଯାତନା। ଦୁଇ ବର୍ଷ ଭିତରେ ଅନେକ ଥର ଅଧିକ ଯୌତୁକ ଦାବି କରି ଝରଣାଙ୍କୁ ମାନସିକ ତଥା ଶାରୀରିକ ନିର୍ଯାତନା ଦେଉଥିଲେ ଶଶୁର ଘର ଲୋକେ। ଗତ ୨୮ ଜୁଲାଇରେ ଝରଣାଙ୍କୁ ଶଶୁର ଘର ଲୋକେ ଜୀବନରୁ ମାରିଦେଇଥିବା ନେଇ ଭଣ୍ଡାରିପୋଖରୀ ଥାନାରେ ଏତଲା ଦେଇଥିଲେ ମୃତ ଝରଣାଙ୍କ ପରିବାର। ତଦନ୍ତ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ମାମଲାକୁ ସଠିକ ତଦନ୍ତ କରିବା ଠାରୁ ଅଭିଯୁକ୍ତମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ଆଣିଛି ପୀଡ଼ିତ ପରିବାର। ଯାହାପାଇଁ ବର୍ତ୍ତମାନ ଅଭିଯୁକ୍ତମାନେ ବିନାଦ୍ୱିଧାରେ ବାହାରେ ବୁଲୁଛନ୍ତି। ଏହାକୁ ନେଇ ଏସ୍‌ପିଙ୍କୁ ଭେଟି ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଇବାକୁ ଅନୁରୋଧ କରିଛନ୍ତି ମୃତକଙ୍କ ପରିବାର।

## ଶହଶହ ଏକର ଜମିରେ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ

ବାଲେଶ୍ୱର, (ସବ୍ୟୁ) :ଲଗାତର ବର୍ଷା ଓ ବନ୍ୟା ପରେ ଗ୍ରାମାଂଚଳର ବନ୍ୟାପାଣି କମିଥିଲେ ମଧ୍ୟ ଚାଷିମାନଙ୍କର ଦୁର୍ଦ୍ଦଶା ବଢିବାରେ ଲାଗିଛି । ଏଠାରେ ଉଲ୍ଲେଖଯୋଗ୍ୟ କ୍ରମାଗତ ବନ୍ୟାଯୋଗୁଁ ଧାନରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହାଛଡ଼ା ବାଲେଶ୍ୱର ସହର ଏବଂ ତାର ଆଖପାଖ ଅଞ୍ଚଳ ସମେତ ରାଜ୍ୟ ତଥା ରାଜ୍ୟ ବାହାରକୁ ମଧ୍ୟ ପନିପରିବା ଚାଷୀମାନେ ପରିବା ପଠାଇ ବେଶ ଦି ପଇସା ପାଉଥିବା ବେଳେ ଏବେ ଫଳନ୍ତି ପରିବା ଗଛ ସବୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ବିଶେଷକରି କଇଁଚ,ଲଙ୍କା, ପୋଟଳ, କୁନ୍ଦୁରୀ, କାକୁଡ଼ି, ବାଇଗଣ, ଭେଣ୍ଡି, ଜହ୍ନି, ମକା ଇତ୍ୟାଦି ବିଭିନ୍ନ କିସମର ପନିପରିବା ଚାଷ ସମ୍ପୂର୍ଣ୍ଣ ଧୋଇଯାଇଛି । ଚାଷୀମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି । ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶର କିଛି ଅଂଚଳକୁ ଏହି ପରିବା ବ୍ୟବସାୟୀମାନେ କ୍ରମାଗତ ଭାବରେ ପରିବା ପଠାଇ ବେଶ୍ ଟଙ୍କା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ । ବିଶେଷକରି ସଦର ବ୍ଲକ ଅନ୍ତର୍ଗତ କୁଡ଼ିଆ, ସିନ୍ଧିଆ, ବର୍ଗଡ଼ା,ଓଲଦା ସାରଗାଁ, ନଗରମ ଏବଂ ରେମୁଣା ବ୍ଲକର ନରାଚପୁର,ହାତୀଆଗଡ଼, ଗଣ୍ଡର୍ଦ୍ଦା, କଲ୍ୟାଣପୁର, ବଡ଼ପାଳ, ସାହୁପଡ଼ା,ପତ୍ରିପାଳ ଓ ହରିପୁର ପଂଚାୟତର ଶହ ଶହ ଏକର



ଚାଷଜମିରେ ପନିପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବା ବେଳେ ଆଉ କେତେକ ଜମିରେ ଜମିରେ ବାଲି ଚରିଯାଇଥିବା ଲକ୍ଷ୍ୟ କରାଯାଇଛି । ଏବାବଦରେ ଝୁଆଁକ ଅଂଚଳର କିଶୋର ପରିଡ଼ା ନାମକ ଜଣେ ଚାଷୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ତାଙ୍କ ଅଂଚଳର ଅଧିକାଂଶ ଚାଷୀମାନେ ଓଡ଼ିଶା ବାହାରକୁ ବିଶେଷ କରି କୁଇଶାଳ କଞ୍ଚାଲଙ୍କା ବିଲ୍ଲାକୁ ପଠାଇ ବେଶ୍ ଦି ପଇସା ଲାଭ କରୁଥିଲେ । ତେବେ ଏହି ବନ୍ୟା ଯୋଗୁଁ ସେମାନଙ୍କର ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ଲକ୍ଷ ଲକ୍ଷ ଟଙ୍କା ଋଣ କରି ଚାଷୀମାନେ ବିଭିନ୍ନ ପରିବା ଚାଷ କରିଥିବା ବେଳେ ଏବାଦୃଶ ବନ୍ୟା ମାଡ଼ ଚାଷୀଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି ବୋଲି ସେ କହିଛନ୍ତି । କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ଦିଆନଗଲେ ଚାଷୀମାନେ ଆଉ ସଳଖ ଛିଡ଼ା ହୋଇପାରିବେ ନାହିଁ ବୋଲି ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଚାଷୀମାନେ ମତବ୍ୟକ୍ତ କରିଛନ୍ତି । ଏପଟେ ଧାନ ଫସଲର ତଳି ସମ୍ପୂର୍ଣ୍ଣ ଧୋଇଯାଇଥିବା ବେଳେ ପନିପରିବା ଚାଷ ଉଜୁଡ଼ି ଯାଇଥିବାରୁ ଚାଷୀମାନେ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରୁଛନ୍ତି । ଏହାଛଡ଼ା ଶତାଧିକ କ୍ଷୁଦ୍ର ଚାଷୀମାନଙ୍କର ବାସଗୃହ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବାରୁ ତୁରନ୍ତ ସେମାନଙ୍କୁ ଘରଭଙ୍ଗା ସାହାଯ୍ୟ ଯୋଗାଇଦେବାକୁ ଦାବି ହେଉଛି । ପରିବା ଚାଷ ନଷ୍ଟ ହୋଇଯାଇଥିବାରୁ ବାଲେଶ୍ୱର ମାର୍କେଟରେ ପରିବା ମୂଲ୍ୟ ଆକାଶ ଛୁଆଁ ହୋଇଛି ।

## ରାକ୍ଷୀ ପୂର୍ଣ୍ଣିମା ଅବସରରେ ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ସୁଭଦ୍ରା କାର୍ଯ୍ୟକ୍ରମ



ବାଲେଶ୍ୱର, (ସବ୍ୟୁ) : ରାକ୍ଷୀ ପୂର୍ଣ୍ଣିମାର ପବିତ୍ର ଅବସରରେ ବାଲେଶ୍ୱର ଜିଲ୍ଲାରେ ମହିଳା ସଶକ୍ତିକରଣର ଏକ ପ୍ରମୁଖ ପଦକ୍ଷେପ ସୁଭଦ୍ରା କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଉତ୍ସବ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ପାଳିତ ହୋଇଛି। ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ବାଲେଶ୍ୱରସ୍ଥିତ ଗାନ୍ଧୀ ସ୍ମୃତି ଭବନଠାରେ ପୂର୍ବାହ୍ନ ୧୧ଟା ସମୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼ ଜିଲ୍ଲାରୁ ଭର୍ଚୁଆଲ୍ ମାଧ୍ୟମରେ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମ ସହ ବାଲେଶ୍ୱରରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ସଂଯୋଜିତ କରାଯାଇଥିଲା।ବାଲେଶ୍ୱର ଜିଲ୍ଲାରେ ମୋଟ ୬,୦୪,୮୩୫ ଜଣ ହିତାଧିକାରୀ ସୁଭଦ୍ରା ଯୋଜନାର ସହାୟତା ରାଶି ପାଇଛନ୍ତି। ଗାନ୍ଧୀ ସ୍ମୃତି ଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିଲେ। ତାଙ୍କ ସହିତ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି,ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ସଭାପତି, ଜିଲ୍ଲା ପରିଷଦ, ବାଲେଶ୍ୱର ନାରାୟଣ ପ୍ରଧାନ, ଅଧ୍ୟକ୍ଷା ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ବାଲେଶ୍ୱର ଉପ ଜିଲ୍ଲାପାଳ ଶିବ ମାଳବ୍ୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜେଯାସ୍ମାରାଣୀ ମହାନ୍ତି ଏବଂ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ସୁଭଦ୍ରା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା, ସେମାନଙ୍କ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବା ଏବଂ ପରିବାର ଓ ସମାଜର ଆର୍ଥିକ ଓ ସାମାଜିକ ବିକାଶରେ ସେମାନଙ୍କ ଭୂମିକାକୁ ଅଧିକ ସୁଦୃଢ଼ କରିବା। ଏହି ଉତ୍ସବକୁ ଅଧିକ ସାରସ୍ୱତ ଓ ଆକର୍ଷଣୀୟ କରିବା ପାଇଁ ଜିଲ୍ଲାର ସମସ୍ତ ଡେପୁଟି ଜିଲ୍ଲାପାଳ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ,ସହାୟକ ଜିଲ୍ଲାପାଳ, ବ୍ଲକ୍ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଆଶା କର୍ମୀ, ସୁଭଦ୍ରା ହିତାଧିକାରୀ, ପ୍ରକଳ୍ପସ୍ତରୀୟ ସୁଭଦ୍ରା ସହାୟତା କେନ୍ଦ୍ରର କର୍ମକର୍ତ୍ତା ଓ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ପଦାଧିକାରୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା ।କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଭାବେ ୫ ଜଣ ସୁଭଦ୍ରା ହିତାଧିକାରୀଙ୍କୁ ପ୍ରତୀକାତ୍ମକ ଭାବେ ଚେକ୍ ପ୍ରଦାନ କରାଯାଇଥିଲା। ମଞ୍ଚାସୀନ ଅତିଥିମାନେ ହିତାଧିକାରୀମାନଙ୍କୁ ଚେକ୍ ପ୍ରଦାନ କରିଥିଲେ। ।

## ଭଦ୍ରକରେ ଜିଲ୍ଲାସ୍ତରୀୟ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମାରୋହ

ଭଦ୍ରକ, (ସବ୍ୟୁ) : ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ,ସ୍ୱାବଲମ୍ବନ ଓ ସମ୍ମାନଜନକ ଜୀବନଯାପନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ପଂଚମ କିସ୍ତି ପ୍ରଦାନ ଅବସରରେ ଆଜି ଭଦ୍ରକସ୍ଥିତ ସହୀଦ ସ୍ମୃତି ଭବନ ଠାରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। 'ସୁଭଦ୍ରା' ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରତିବର୍ଷ ଦୁଇଟି କିସ୍ତିରେ ମୋଟ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଅନ୍ତର୍ଜାତୀୟ ମହିଳା ଦିବସ ଓ ରାକ୍ଷୀ ପୂର୍ଣ୍ଣିମା ଅବସରରେ ପ୍ରତ୍ୟେକ କିସ୍ତିରେ ୫,୦୦୦ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ଏହି ଆର୍ଥିକ ସହାୟତା ଆର୍ଥିକ ବର୍ଷ ୨୦୨୪-୨୫ ଠାରୁ ୨୦୨୮-୨୯ ପର୍ଯ୍ୟନ୍ତ ପ୍ରଦାନ କରାଯିବ। ଭଦ୍ରକ ଜିଲ୍ଲାରେ 'ସୁଭଦ୍ରା' ଯୋଜନାର ପଂଚମ କିସ୍ତି ପାଇଁ ସର୍ବମୋଟ ୪,୪୮,୩୯୬ଜଣ ଆବେଦନ କରିଛନ୍ତି। ୪,୧୦,୭୫୯ଜଣ ହିତାଧିକାରୀ ପ୍ରଥମ କିସ୍ତି, ୪,୦୧,୧୯୬ଜଣ ଦ୍ୱିତୀୟ କିସ୍ତି, ୪,୦୧,୨୧୦ଜଣ ତୃତୀୟ କିସ୍ତି ଏବଂ ୩,୯୬,୭୫୨ଜଣ ହିତାଧିକାରୀ ଚତୁର୍ଥ କିସ୍ତି ପାଇ ସାରିଥିବା ବେଳେ ଆନୁମାନିକ ୪,୦୨,୦୭୩ଜଣ ଯୋଗ୍ୟ ହିତାଧିକାରୀ 'ସୁଭଦ୍ରା' ଯୋଜନାର ପଂଚମ କିସ୍ତି ପାଇବାକୁ ଯାଉଛନ୍ତି। ଏହି ଅର୍ଥରାଶି ସିଧାସଳଖ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ହସ୍ତାନ୍ତର କରାଯାଉଛି। ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଆୟୋଜିତ ଏହି ସମାରୋହରେ ମହିଳା ହିତାଧିକାରୀମାନେ ଅତିଥିମାନଙ୍କୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇବା ସହ ଚାରାବୃକ୍ଷ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସମାରୋହର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇବା ସହ 'ସୁଭଦ୍ରା' ଯୋଜନା ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଓ ସ୍ୱାବଲମ୍ବନ ଦିଗରେ ଏକ ଐତିହାସିକ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସିତାଂଶୁ ଶେଖର ମହାପାତ୍ର ଯୋଗଦେଇ ମହିଳା ସଶକ୍ତିକରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। 'ସୁଭଦ୍ରା' ଯୋଜନା ମହିଳାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ସହ ସେମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାରେ ସହାୟକ ହେଉଛି ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭେନ୍ଦ୍ର ସାମଲ,ଡେପୁଟି ଆରକ୍ଷୀ ଅଧିକ୍ଷକ ଦୀପ୍ତିକା ସାହୁ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ ବକ୍ତାମାନେ କହିଥିଲେ ଯେ,ମହିଳାଙ୍କ ଆର୍ଥିକ ସଶକ୍ତିକରଣ ହେଉଛି ପରିବାର ଓ ସମାଜର ସାମଗ୍ରିକ ବିକାଶର ମୁଖ୍ୟ ଆଧାର। 'ସୁଭଦ୍ରା' ଯୋଜନାରୁ ମିଳୁଥିବା ଆର୍ଥିକ ସହାୟତାକୁ ମହିଳାମାନେ ଜୀବିକା,ଛୋଟ ବ୍ୟବସାୟ ଓ ଅନ୍ୟାନ୍ୟ ଉତ୍ପାଦନକ୍ଷମ କାର୍ଯ୍ୟରେ ବିନିଯୋଗ କରି ନିଜକୁ ଆର୍ଥିକ ଭାବେ ସଶକ୍ତ କରିପାରିବେ। ଏହି ଅବସରରେ 'ସୁଭଦ୍ରା' ଯୋଜନାର କିଛି ହିତାଧିକାରୀ ନିଜ ନିଜ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ।ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଙ୍ଗୀତା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାରୋହ ଆୟୋଜିତ ହୋଇଥିଲା। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର ମଂଚ ପରିଚାଳନା କରିଥିଲେ।

## ଭିଜିଲାନ୍ସ ଜାଲରେ ତହସିଲର କନିଷ୍ଠ ସହାୟକ

ଢେଙ୍କିକୋଟ ,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ସାମପାଟଣା ବ୍ଲକ ତହସିଲରେ କାର୍ଯ୍ୟରତ ଜୁନିଅର ରେଭେନ୍ୟୁ ଆସିଷ୍ଟାଣ୍ଟ ଉମାଶଙ୍କର ବିଶାଳ ଆଜି ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ତେବେ ଖବର ନେବାରୁ ଜଣାଯାଏ ଯେ ଉକ୍ତ ବ୍ଲକ ଡଳଙ୍କ ଗ୍ରାମର ଝାଡେଶ୍ୱର ମହାନ୍ତ ଙ୍କ ଜମିପଟା ପାର୍ଟିସନ କରାଇଦେବାକୁ ସେ ୧୦ ହଜାର ଟଙ୍କା ମାଗିଥିଲେ । ତେବେ ୬ ହଜାର ଟଙ୍କା ରେ କଥା ଛିଣ୍ଡିଥିଲା । ଆଜି ଟଙ୍କା ନେଲାବେଳକୁ ଭିଜିଲାନ୍ସ ହାତରେ ସେ ଧରାପଡିଥିଲେ।

## ବଜ୍ରପାତରେ ଚାଷୀମୃତ

ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ଅଧୀନ ସୁଙ୍ଗୁଡା ଗ୍ରାମର ଚାଷୀ ସୁଦର୍ଶନ ଶଙ୍ଖୁଆ(୩୫) ବଜ୍ରାଘାତରେ ଜୀବନ ହାରିଛନ୍ତି । ଶୁକ୍ରବାର ଅପରାହ୍ନରେ ସେ ନିଜ ଜମିରେ ଧାନ ତଳି ପୋତୁଥିବା ବେଳେ ବଜ୍ରପାତ ପ୍ରଭାବରୁ ସେ ଗୁରୁତର ହୋଇ ପଡିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଉକ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ବିଜେଡିର ନବ ନିଯୁକ୍ତ ବ୍ଲକ ଉପସଭାପତି ପ୍ରହଲ୍ଲାଦ ପତି ସରକାରଙ୍କ ନିକଟରେ ଦାବି କରିଛନ୍ତି ।

## ନୀଳଗିରି ସତ୍ୟସାଇ ସେବା ସମିତି ଆବାହକଙ୍କ ଦୁଇ ଆଖି ଅନ୍ଧଙ୍କୁ ଦେଖାଇବ ଆଲୋକ

ନୀଳଗିରି, (ସବ୍ୟୁ) :ନୀଳଗିରି ଶ୍ରୀ ଶ୍ରୀ ସତ୍ୟସାଇ ସେବା ସମିତିର ପୂର୍ବତନ ଆବାହକ ଦିଲୀପ କୁମାର ଲେଙ୍କା ଗତ ରାତି ତିନିଟା ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।ସତ୍ୟ ସାଇ ସଂଗଠନ ର ପୂର୍ବ ଯୋଜନା ଅନୁସାରେ ତାଙ୍କ ଦୁଇ ଚକ୍ଷୁ ଦାନ କରାଯାଇଛି।ନୀଳଗିରି ଶ୍ରୀ ଶ୍ରୀ ସତ୍ୟସାଇ ସେବା ସମିତିର ପୂର୍ବତନ ଆବାହକ ଦିଲ୍ଲୀପ କୁମାର ଲେଙ୍କା ୫୫ ବର୍ଷରେ ହୃଦଘାତ ଜନିତ ରୋଗରେ ପୀଡିତ ହୋଇ ଗତ ରାତିରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ନୀଳଗିରି ସେବା ସମିତିର ଆବାହକ ଭାବେ ବେଶ୍ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ସେ ନୀଳଗିରି ସମିତି ଅଧୀନରେ ଥିବା ବିଭିନ୍ନ ଭଜନ ମଣ୍ଡଳୀ କୁ ତ୍ୱରାନ୍ୱିତ କରିବା ତାଙ୍କର ବହୁତ ଅବଦାନ ରହିଛି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ମଦ୍ୟପାନ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠନରେ ସାମିଲ କରି ପରିବର୍ତ୍ତନ କରି ଥିଲେ। ତାଙ୍କ ପରଲୋକ ଖବରପାଇ ନୀଳଗିରି ଅଞ୍ଚଳର ସତ୍ୟସାଇ ସେବା ସଂଗଠନର ସାଆନ୍ତା, ଖଜିରା, ଅଯୋଧ୍ୟା ମଲିଆଣୀ, ଜୋକଲଣ୍ଡା, ପୋଡ଼ାଶୂଳ ନୀଳଗିରି, ବାବନ୍ଧ ଭଜନ ମଣ୍ଡଳୀର କର୍ମକର୍ତ୍ତା ମାନେ ଶେଷ ଦର୍ଶନ କରିବା ସହିତ ପାର୍ଥିବ ଶରୀରକୁ ବାଉଁଶନାଳ ଗ୍ରାମରୁ ଶୋଭାଯାତ୍ରା ରେ ନୀଳଗିରି ସତ୍ୟସାଇ ମନ୍ଦିର କୁ ନିଆଯାଇ ପୋଡାଶୁଳ ବଜାର ପରିକ୍ରମା କରି ଗ୍ରାମ ମଶାଣିରେ ଶେଷକୃତ୍ୟ ସଂପନ୍ନ ହୋଇଛି ତାଙ୍କ ଦୁଇ ଚକ୍ଷୁ କୁ ଦାନ କରାଯାଇଛି। ତାଙ୍କ ଆଖିରେ ଅନ୍ୟ ଦୁଇ ଲୋକ ଦେଖିପାରିବେ ସେ ମରି ଅମର ହୋଇ ରହିଲେ ଖବରପାଇ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ବରିଷ୍ଠ ଚକ୍ଷୁ ଚିକିତ୍ସା ଅଧିକାରୀ ଚକ୍ରଧର ଦାଶ, ଟେକ୍ନିସିଆନ୍ ସନ୍ଧ୍ୟାରାଣୀ ନାୟକ ବାଉଁଶନାଳ ଗ୍ରାମରେ ପହଞ୍ଚି ଦିଲ୍ଲୀପ କୁମାର ଲେଙ୍କା ଙ୍କ ଦୁଇ ଚକ୍ଷୁ ସଂଗ୍ରହ କରିଛନ୍ତି। ବର୍ତ୍ତମାନ ଚକ୍ଷୁଦାନ ପକ୍ଷ ପାଳନ ରେ ଦୁଇଟି ଆଖି ସଂଗ୍ରହ କରି ଅନ୍ୟ ଦୁଇ ଅନ୍ଧଙ୍କ ଆଖିରେ ପ୍ରତି ରୋପଣ କରାଯିବ। ବାପା ମା ବସିଛନ୍ତି ତାଙ୍କ ଆଖି ଆଗରେ ରୋଜଗାରିଆ ପୁଅ ଚାଲିଗଲା ହେଲେ ତା ଦୁଇ ଆଖିରେ ପୁଣି ଦୁଇ ବ୍ୟକ୍ତି ପ୍ରଭୁଙ୍କୁ ଦେଖି ପାରିବେ। ଉପସ୍ଥିତ ଜନତା ସାଇ ଆଶ୍ରିତ ଭାଇ ଭଉଣୀ ଶେଷ ଦର୍ଶନ କରି ଆତ୍ମାର ସଦଗତି କାମନା କରିଥିଲେ।

## ସ୍ୱାମୀଙ୍କୁ ହରାଇ ଦୁଇ ଝିଅଙ୍କ ଭବିଷ୍ୟତ ନେଇ ଚିନ୍ତାରେ ଫୁଲନ

ତିହିଡି, (ସବ୍ୟୁ) : ଘର କହିଲେ ଚାରି କାନ୍ଥ ନାହିଁ,ମୁଣ୍ଡ ଉପରେ ଛାତ ନାହିଁ। ଭଙ୍ଗା ଦଦରା ଝାଟିମାଟି ଘର ଉପରେ ଟଙ୍ଗା ହୋଇଛି ପଲିଥିନ୍। ବର୍ଷା ହେଲେ ଘର ଭିତରେ ପାଣି,ଖରା ହେଲେ ତତଲା ଛାତ। ଏହି ଭଙ୍ଗା ଘର ହିଁ ଏବେ ଅସହାୟ ଫୁଲନ ଦେବୀ ସେଠୀ ଓ ତାଙ୍କ ଦୁଇ ଝିଅଙ୍କ ଏକମାତ୍ର ଆଶ୍ରୟ। ତିହିଡି ବ୍ଲକ ବାମନବିନ୍ଧା ପଂଚାୟତ ଅଧୀନ ଖେଦରପୁର ଗାଁର ଫୁଲନ ଦେବୀ। ସ୍ୱର୍ଗତ ନିଶାକର ସେଠୀଙ୍କ ପତ୍ନୀ। କିଛି ଦିନ ତଳେ ଗାଁ ପୋଖରୀରେ ପଡ଼ି ନିଶାକରଙ୍କ ମୃତ୍ୟୁ ଘଟିବା ପରେ ଯେପରି ତାଙ୍କ ପରିବାର ଉପରୁ ଭାଙ୍ଗି ପଡ଼ିଛି ସମସ୍ତ ଆକାଶ। ସ୍ୱାମୀ ବଂଚିଥିବାବେଳେ ମୂଲମଜୁରୀ କରି ଯାହା ରୋଜଗାର କରୁଥିଲେ, ସେଥିରେ ଦୁଇ ଝିଅଙ୍କୁ ନେଇ ପରିବାରଟି କଷ୍ଟେମଷ୍ଟେ ହସଖୁସିରେ ଚଳି ଯାଉଥିଲା। ହେଲେ ନିଶାକରଙ୍କ ଅକାଳ ମୃତ୍ୟୁ ପରେ ଫୁଲନଙ୍କ ମୁଣ୍ଡ ଉପରୁ ଚାଲିଗଲା ଏକମାତ୍ର ରୋଜଗାରର ଆଶ୍ରୟ। ଆଜି ଫୁଲନଙ୍କ ଆଗରେ ନା ଅଛି ନିଜର ଜମିବାଡ଼ି,ନା ଅଛି କୌଣସି ସ୍ଥାୟୀ ରୋଜଗାର। ପାଖରେ ଫୁଟି କଉଡ଼ିଟିଏ ନାହିଁ। ଦୁଇ ଝିଅଙ୍କୁ ପାଠ ପଢ଼ାଇବା ତ ଦୂରର କଥା,ଦିନକୁ ଦୁଇ ଓଳି ଦାନା ଯୋଗାଡ଼ କରିବା ମଧ୍ୟ ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଭଙ୍ଗା ଘରର ଗୋଟିଏ କୋଣରେ ଦୁଇ ଝିଅଙ୍କୁ ଧରି ଅସହାୟ ମାଆ ଫୁଲନ ଦିନ କାଟୁଛନ୍ତି। ପଲିଥିନ୍ ତଳେ ବିତୁଥିବା ପ୍ରତିଟି ଦିନ ତାଙ୍କୁ ନିଜ ଅସହାୟତାର କଥା ମନେ ପକାଇ ଦେଉଛି। ଆଖି ଆଗରେ ଦୁଇ ଝିଅଙ୍କ ଭବିଷ୍ୟତ,ହେଲେ ସେମାନଙ୍କ ପାଇଁ କିଛି କରିବାକୁ ସମ୍ବଳ ନାହିଁ। ତେବେ ଏହି ଦୁର୍ଦ୍ଦିନରେ ଫୁଲନଙ୍କ ପାଖରେ ଛିଡ଼ା ହୋଇଛି ପ୍ରଦେଶ ସେବା ସଂଗଠନ। ସଂଗଠନ ପକ୍ଷରୁ ତାଙ୍କ ପରିବାରକୁ ମାସିକ ରାସନ୍ ଯୋଗାଇ ଦିଆଯାଉଛି। ସେହିପରି ସଂଗଠନର ଉଦ୍ୟମରେ ଫୁଲନଙ୍କ ନାମ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସାମିଲ ହୋଇଛି। ସରକାରୀ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ଫୁଲନ କାର୍ଯ୍ୟାଦେଶ ପାଇଥିବା ସହ ଅଗ୍ରୀମ ଟଙ୍କା ମଧ୍ୟ ପାଇଛନ୍ତି। ହେଲେ ଅର୍ଥାଭାବ ଓ ଅସହାୟତା ଯୋଗୁଁ ନୂଆ ଘର ନିର୍ମାଣ ତାଙ୍କ ପାଇଁ ଏବେ ବି ଏକ ବଡ଼ ଚ୍ୟାଲେଞ୍ଜ। ସ୍ୱାମୀଙ୍କୁ ହରାଇଥିବା ଫୁଲନଙ୍କ ପରିବାର ଚଳାଇବା ପାଇଁ ଏବେ ବିଧବା ଭତ୍ତା ହିଁ ଏକ ବଡ଼ ଆଶା। ତାଙ୍କ ଦୁଇ ଝିଅଙ୍କ ଭବିଷ୍ୟତ ଓ ପରିବାରର ଜୀବନଜୀବିକାକୁ ଦୃଷ୍ଟିରେ ରଖି ତୁରନ୍ତ ତାଙ୍କୁ ବିଧବା ଭତ୍ତା ଯୋଗାଇ ଦେବା ସହ ଆବାସ ଯୋଜନାର ଘରକୁ ସମ୍ପୂର୍ଣ୍ଣ କରିବାରେ ପ୍ରଶାସନ ସହଯୋଗ କରୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ମହିଳାମାନେ ବାନ୍ଧିଲେ ନୀଳରକ୍ତ କଙ୍କଡ଼ା ମୁଦ୍ରିତ ରାକ୍ଷୀ

ବାଲେଶ୍ୱର, (ସବ୍ୟୁ) : ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଅବସରରେ ବାଲେଶ୍ୱର ସଦର ବ୍ଲକର ଦୁବଲାଗଡିରେ ନୀଳରକ୍ତ କଙ୍କଡ଼ା ମୁଦ୍ରିତ ରାକ୍ଷୀ ଗ୍ରାମବାସୀଙ୍କୁ ମହିଳାମାନେ ବାନ୍ଧି ନୀଳରକ୍ତ କଙ୍କଡ଼ାର ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିଥଲେ। ବାଲେଶ୍ୱରର ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ ତଥା ଦୁବଲାଗଡିର ୟୁନାଇଟେଡ କ୍ଲବ୍ ର ମିଳିତ ଉଦ୍ୟମରେ ଦୁବଲାଗଡିର ୟୁନାଇଟେଡ କ୍ଲବ୍ ପରିସରରେ ୧୦ମ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଛି। ପୂର୍ବାହ୍ନରେ କ୍ଲବର ସଦସ୍ୟ ସଦସ୍ୟା ମାନେ ଦୁବଲାଗଡି ବେଳାଭୂମି ସଫେଇ କରଯାଇଥିବା ବେଳେ ଅପରାହ୍ନରେ ସଭାକାର୍ଯ୍ୟ ଆୟୋଜନ କରାଯାଇଥିଲା । ଏହି ସଭାକାର୍ଯ୍ୟରେ ୟୁନାଇଟେଡ କ୍ଲବ୍ ର ସଭାପତି ଗୋବିନ୍ଦ ପ୍ରସାଦ ଦାସ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚର ସଭାପତି ଶିଳ୍ପୀ କେଶୁ ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସମ୍ପାଦକ ଗବେଷକ ଡ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ନୀଳରକ୍ତ କଙ୍କଡ଼ାର ଜୀବନ ଶୈଳୀ ତଥା ଉପକାରିତା ଉପରେ ଆଲୋକପାତ କରି ଗ୍ରାମବାସୀ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ । ମୁଖ୍ୟ ଅତିଥି ଭାବେ ଯୁବ ବିକାଶର ମୁଖ୍ୟ ଗୋବିନ୍ଦ ଦଳାଇ , ସମ୍ମାନିତ ଅତିଥି ଭାବରେ କବି ଗଗନ ସେଠୀ ଏବଂ ଗ୍ରାମ୍ୟ ମୁଖ୍ୟ ନନ୍ଦଦୁଲାଲ ସାହୁ ଯୋଗଦେଇ ନୀଳରକ୍ତ ସୁରକ୍ଷା ପାଇଁ ସଚେତନ ବାର୍ତ୍ତା ଦେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ନେପାଳର ଭୟଙ୍କର ବନ୍ୟା ଜନିତ ମୃତକଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ବ୍ୟାଙ୍କ ଖାତାକୁ ଆସିଲା 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି

କେନ୍ଦୁଝର,(ସବ୍ୟୁ/ଜିପ୍ର) : ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ଟଙ୍କା ପ୍ରଦାନ କାର୍ଯ୍ୟକ୍ରମ କେନ୍ଦୁଝର ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପବିତ୍ର ଉତ୍ସବରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମ୍ମାନିତ ଅତିଥିବୃନ୍ଦ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପବିତ୍ର ଦୀପଶିଖା ପ୍ରଜ୍ୱଳନ ସହ ଅତିଥିମାନେ ମା' ତାରିଣୀ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରି ସମଗ୍ର ଜିଲ୍ଲାବାସୀଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରି ପ୍ରାର୍ଥନା କରିଥିଲେ। ଏହାପରେ ଉପସ୍ଥିତ ମା' ଓ ଭଉଣୀମାନେ ଅତିଥିମାନଙ୍କ ହାତରେ ସ୍ନେହ ଓ ଶ୍ରଦ୍ଧାର ପ୍ରତୀକ ରକ୍ଷାସୂତ୍ର ବାନ୍ଧି ସେମାନଙ୍କୁ ଭାବପୂର୍ଣ୍ଣ ସଂବର୍ଦ୍ଧନା ଓ ସ୍ୱାଗତ ଜଣାଇଥିଲେ। ଏହି ସମାରୋହରେ ମନ୍ତ୍ରୀ ପ୍ରଥମେ ଜିଲ୍ଲା ତଥା ସମଗ୍ର ରାଜ୍ୟର ସମସ୍ତ ମା' ଓ ଭଉଣୀମାନଙ୍କୁ ପବିତ୍ର ରାକ୍ଷୀ ପୂର୍ଣ୍ଣିମାର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଆର୍ଥିକ ସହାୟତା ମାଧ୍ୟମରେ ମହିଳାମାନେ ନିଜ ପରିବାରର ଆବଶ୍ୟକତା ପୂରଣ କରିବା ସହ ସମାଜର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇପାରିବେ। ରାଖୀ ପୂର୍ଣ୍ଣିମାର ପବିତ୍ର ଅବସରରେ ନୟାଗଡ଼ର ଲାଠିପଡ଼ାଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ମା'-ଭଉଣୀ ଓ 'ସୁଭଦ୍ରା' ହିତାଧିକାରୀଙ୍କୁ ପବିତ୍ର ରକ୍ଷାବନ୍ଧନର ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଯୋଜନା ଆଜି



ମହିଳାମାନଙ୍କ କଲ୍ୟାଣ ଓ ଅଗ୍ରଗତିକୁ ଆଖିଆଗରେ ରଖି କାର୍ଯ୍ୟକାରୀ କରାଯାଉଛି।

ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ଦୁଇଜଣ ସଫଳ 'ସୁଭଦ୍ରା' ହିତାଧିକାରୀ ଆଭାସୀ ମାଧ୍ୟମରେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ସହ ଯୋଡ଼ି ହୋଇ ନିଜର ଆତ୍ମବିଶ୍ୱାସୀ ସଫଳତା କାହାଣୀ ବାଣ୍ଟିଥିଲେ – ଝୁମ୍ପୁରାର ରେଣୁକା ବାରିକ ଛତୁ ଚାଷ ତାଲିମ ନେବା ପରେ 'ସୁଭଦ୍ରା' ଯୋଜନାରୁ ପାଇଥିବା ୪ଟି କିସ୍ତିର ୨୦,୦୦୦ ଟଙ୍କାକୁ ସେ ଛତୁ ଚାଷର ଉପକରଣ ଓ ଭିତ୍ତିଭୂମିରେ ବିନିଯୋଗ କରିଛନ୍ତି। ଆଗାମୀ ପଞ୍ଚମ କିସ୍ତି ଅର୍ଥକୁ ଉନ୍ନତ ମଞ୍ଜି ଓ କଞ୍ଚାମାଲ କିଣି ବ୍ୟବସାୟର ସମ୍ପ୍ରସାରଣ କରିବା ସହ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି ଏବଂ ଘଟଗାଁର ଜୟନ୍ତୀ ଓଝା ସିଲେଇ ଓ ଟେଲରିଂ ତାଲିମ ପରେ ଏହି ଯୋଜନାର ୨୦,୦୦୦ ଟଙ୍କାରେ ସେ ନୂତନ ସିଲେଇ ମେସିନ ଓ ଆବଶ୍ୟକୀୟ ଯନ୍ତ୍ରାଂଶ କିଣିଛନ୍ତି। ପଞ୍ଚମ କିସ୍ତି ଟଙ୍କାରେ କପଡ଼ା ଓ କଞ୍ଚାମାଲ କିଣିବା ସହ ଗାଁର ଅନ୍ୟ ଭଉଣୀମାନଙ୍କୁ ସିଲେଇ ତାଲିମ ଦେଇ ସେମାନଙ୍କୁ ରୋଜଗାରକ୍ଷମ କରିବାକୁ ସେ ନିଷ୍ପତ୍ତି ନେଇଛନ୍ତ ବୋଲି ଉଭୟ ହିତାଧିକାରୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ,ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ ଯୋଗ ଦେଇଥିଲେ।

ପ୍ରଶାସନିକ ସ୍ତରରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ,ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଭାନୁମତୀ ବେହେରା,ଜିଲ୍ଲାର ସମସ୍ତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ସ୍ୱତନ୍ତ୍ରକାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ବ୍ଲକ, ପଂଚାୟତରୁ ସ୍ୱୟଂସହାୟକ ଗୋଷ୍ଠୀ, ସୁଭଦ୍ରା ହିତାଧିକାରୀ ଅଂଶ ଗ୍ରହଣ କରିଥିଲେ।

## ରାକ୍ଷୀ ବାନ୍ଧି ନିଶାମୁକ୍ତି ପ୍ରତିଜ୍ଞା କଲେ ବରିଷ୍ଠ ନାଗରିକ

ବେତନଟୀ, (ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ବଜାର ଉପକଣ୍ଠ କେନ୍ଦୁଆ ଶିବ ମନ୍ଦିର ପ୍ରାଙ୍ଗଣରେ ରକ୍ଷା ବନ୍ଧନ ପର୍ବ ଏବଂ ନିଶା ମୁକ୍ତି ପ୍ରତିଜ୍ଞା ମହାଅଭିଯାନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ବୈଶିଙ୍ଗା ବରିଷ୍ଠ ନାଗରିକ ବିକାଶ ମଞ୍ଚର ସଭାପତି ସୀତାନାଥ ବେହେରା ଏବଂ ସମ୍ପାଦକ ଅଶ୍ୱନୀ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୈଶିଙ୍ଗା ଥାନାର ଥାନାଧିକାରୀ ବାରିଣୀ ଦାସ ଏବଂ ମୂଖ୍ୟବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶରୀୟ ବିଶ ବିଦ୍ୟାଳୟର ବୈଶିଙ୍ଗା ସେବାକେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁପମା ଭଉଣୀ ଯୋଗଦାନ କରିଥିଲେ । ବରିଷ୍ଠ ସଦସ୍ୟ ମାନଙ୍କ ତରଫରୁ ସମସ୍ତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଥାନାଧିକାରୀ ଶ୍ରୀଯୁକ୍ତ ଦାସ ଯୋଗେ ଦେଇ ଉତ୍ତମ ସମାଜ ଗଠନ ପାଇଁ ନିଶା ନିବାରଣ ନିହାତି ଆବଶ୍ୟକ ଅଟେ ଏଥିରେ ବରିଷ୍ଠ ନାଗରିକ ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଆଧ୍ୟାତ୍ମିକତା ଚିନ୍ତାଧାରା, ଆତ୍ମଚିନ୍ତନ



ଏବଂ ରାଜଯୋଗ ଦାରା କେବଳ ବର୍ତ୍ତମାନ ସମୟର ବିଭିନ୍ନ ପ୍ରକାରର ଖରାପ ନିଶାରୁ ମୁକ୍ତି ହୋଇ ପାରିବ ବୋଲି ମୂଖ୍ୟବକ୍ତା ବ୍ରହ୍ମାକୁମାରୀ ଅନୁପମା ଭଉଣୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଯୁବ ସମାଜ ସହ ସମସ୍ତ ବର୍ଗଙ୍କ ଠାରୁ ନିଶାଠୁ କିପରି ଦୂରେଇ ହେବ ସେଥି ନିମନ୍ତେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନେ ନିଜ ନିଜର ମତାମତ ରଖିଥିଲେ । ବ୍ରହ୍ମାକୁମାରୀ ଅନୁପମା ଭଉଣୀ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ପବିତ୍ର ଭଗବାନଙ୍କ ସ୍ମୃତିଯୁକ୍ତ ରାକ୍ଷୀ ବାନ୍ଧିବା ସହ ନିଶାମୁକ୍ତି ନିମନ୍ତେ ସାମୁହିକ ପ୍ରତିଜ୍ଞା କରିଥିଲେ । ଏହି ପବିତ୍ର କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ସୀତାନାଥ ବେହେରା, ଉପସଭାପତି ହରିଶ୍ଚନ୍ଦ୍ର ରାଉତ, ମନୋରଞ୍ଜନ ଲେଙ୍କା,ସମ୍ପାଦକ ଅଶିନୀ କୁମାର ମହାରଣା,ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ନାଥ,ଗିରିଶ ଚନ୍ଦ୍ର ରାଉତ,ମହେନ୍ଦ୍ର ସାହୁ, ଜଳ ଧର ପାଣି,ଭୀମ ଚରଣ ମାଝୀ , ସଞ୍ଜୟ କୁମାର ମିଶ୍ର,ପଦ୍ମ ଲୋଚନ ଦାସ,ସୁଦର୍ଶନ ପଣ୍ଡା,ବ୍ରଜ କୁମାର ଦାସ ,ପ୍ରଭାତ କୁମାର ପତି,ବୈଦ୍ୟନାଥ ସାହୁ , ନବୀନ ପଣ୍ଡା ଏବଂ ଅନ୍ୟ ବରିଷ୍ଠ ସଦସ୍ୟ ଉପସ୍ଥିତ ରହିଥିବା ବେଳେ ପ୍ରଜାପିତା ବ୍ରହ୍ମାକୁମାରୀ ସେବାକେନ୍ଦ୍ର ତରଫରୁ ବ୍ରହ୍ମାକୁମାର ଦିବ୍ୟରଞ୍ଜନ , ବ୍ରହ୍ମାକୁମାର ସତ୍ୟପ୍ରକାଶଙ୍କ ସମେତ ବ୍ରକୁ କନିକା ଓ ବ୍ରକୁ ମୀରା ମଧ୍ୟ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ଅଶ୍ୱନୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ପାଦକୀୟ

## ମାମଲାରେ ଅଯଥା ସମୟ ନଷ୍ଟ

ଆମେ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଯେତେବେଳେ ତତ୍ପର ହେଉଛୁ, ଆଉ କେତେଜଣ ଆମ ଦେଶ ବା ରାଜ୍ୟର ବିନାଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସେମାନେ ଖର୍ଚ୍ଚାନ୍ତ ହୋଇ ଅଦାଲତରେ ବିଭିନ୍ନ ଅଯଥା ମାମଲାରେ ବ୍ୟସ୍ତ ରହି ନିଜର ତଥା ଅଦାଲତରେ ସମୟ ତ ନଷ୍ଟ କରିଥାନ୍ତି, ଦେଶର ବା ରାଜ୍ୟର କିଛି ଲାଭ ସେମାନେ ତଦ୍ଦ୍ୱାରା କରି ନଥାନ୍ତି ।

ଏପରି ଏକ ମାମଲା ଓଡ଼ିଶା ହାଇକୋର୍ଟରେ ଦାଏର କରାଯାଇଛି, ସମ୍ବିଧାନରେ ଯଦିଓ 'ଉପ ମୁଖ୍ୟମନ୍ତ୍ରୀ' ପଦବୀ ବିଷୟରେ କୌଣସି ଉଲ୍ଲେଖ ନାହିଁ, ତଥାପି ଉପ ମୁଖ୍ୟମନ୍ତ୍ରୀ ପଦବୀର ସାମ୍ବିଧାନିକ ବୈଧତାକୁ ଆହ୍ୱାନ କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି, ଯାହାର ଶୁଣାଣି ଗତ ତା ୨୭/୦୮/୨୦୨୬ରେ ହୋଇଥିଲା । ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଜନସ୍ୱାର୍ଥ ମାମଲାର ଶୁଣାଣି କରିଥିଲେ ।

> **ଦଳ ବା ମୁଖ୍ୟମନ୍ତ୍ରୀ ଚାହିଁଲେ ଉପମୁଖ୍ୟମନ୍ତ୍ରୀ ଭାବେ ଯେଉଁ ତାଲିକା ପଠାଯିବ, ରାଜ୍ୟପାଳ ତାଙ୍କୁ ଶପଥପାଠ କରାଇବାକୁ ବାଧ । ଏ କଥା ନ ବୁଝି, ଆବେଦନକାରୀ ଜଣକ ଏହି ମାମଲାରେ ଉପ-ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ସମେତ ମୁଖ୍ୟ ଶାସନ ସଚିବ, ରାଜ୍ୟପାଳଙ୍କ ସଚିବ, ଆଡ୍‌ଭୋକେଟ୍ ଜେନେରାଲ ପ୍ରଭୃତିଙ୍କୁ ପକ୍ଷ କରିବା ଉଚିତ ହୋଇ ନାହିଁ । ଆବେଦନକାରୀ ତାହେଲେ ସମ୍ବିଧାନର ମୁଖ୍ୟ, ରାଷ୍ଟ୍ରପତି ବା ରାଜ୍ୟର ପ୍ରଥମ ନାଗରିକ ରାଜ୍ୟପାଳ ବା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏହି ମାମଲା କରି ପାରିଥା'ନ୍ତେ । କଲେ ନାହିଁ କାହିଁକି ?**

ଆବେଦନକାରୀ ଏହି ମାମଲାରେ ଆବେଦନ କରିଥିଲେ ଯେ ଭାରତୀୟ ସମ୍ବିଧାନରେ ଯେହେତୁ ଉପ-ମୁଖ୍ୟମନ୍ତ୍ରୀ ପଦବୀ ବିଷୟ ନାହିଁ ଏବଂ ସମ୍ବିଧାନର ଧାରା ୧୬୩ ଓ ୧୬୪ରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରି ପରିଷଦ ରାଜ୍ୟପାଳଙ୍କୁ ପରାମର୍ଶ ଦେବା କଥା କେବଳ ଉଲ୍ଲେଖ କରାଯାଇଛି । ମାତ୍ର ସମ୍ବିଧାନରେ ଉପମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କର ଭୂମିକା ବିଷୟରେ ଉଲ୍ଲେଖ ନ ଥିଲେ ମଧ ମୁଖ୍ୟମନ୍ତ୍ରୀ ବା ତାଙ୍କ ଦଳ ବା ଦଳର ସଦସ୍ୟମାନେ ଚାହିଁଲେ ଉପମୁଖ୍ୟମନ୍ତ୍ରୀ ପଦବୀ ରଖାଯାଇ ପାରିବ ।

ପୂର୍ବ ସରକାରମାନଙ୍କରେ ଉପମୁଖ୍ୟମନ୍ତ୍ରୀ ପଦବୀ ମଧ ରହିଥିଲା । ୧୯୬୭ରେ ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ସରକାରରେ ସ୍ୱତନ୍ତ୍ର ଦଳରୁ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ହେବାରୁ ଜନକଂଗ୍ରେସ ଦଳରୁ ପବିତ୍ର ମୋହନ ପ୍ରଧାନଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଥିଲା । ପରେ ବିଶ୍ୱନାଥ ଦାସ ୧୯୭୧ ମସିହାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନାରାୟଣ ସିଂହଦେଓ ଓ ନୀଳମଣି ରାଉତରାୟ ଏ ଦୁଇଜଣ ଯାକ ଉପ-ମୁଖ୍ୟମନ୍ତ୍ରୀ ହୋଇଥିଲେ । ପରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ବସନ୍ତ କୁମାର ବିଶ୍ୱାଳ ଓ ହେମାନନ୍ଦ ବିଶ୍ୱାଳ, ଏ ଦୁଇଜଣଯାକ ୧୯୯୫ରେ ଉପ-ମୁଖ୍ୟମନ୍ତ୍ରୀ ହୋଇଥିଲେ । ଅବଶ୍ୟ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଯଦିଓ ବିଜେଡି-ବିଜେପି ମିଳିତ ସରକାର ୨୦୦୦ରେ ଗଢ଼ି ଉଠିଥିଲା, ସେ ସମୟରେ ଉପ-ମୁଖ୍ୟମନ୍ତ୍ରୀ ଭାବେ ବିଜେପି ଦଳରୁ ବିଶ୍ୱଭୂଷଣ ହରିଚନ୍ଦନ ହେବେ ବୋଲି ଆଶା କରାଯାଉଥିଲା, ମାତ୍ର କାହିଁକି ବିଶ୍ୱଭୂଷଣ ବାବୁ ବା ଅନ୍ୟ କେହି ଉପ-ମୁଖ୍ୟମନ୍ତ୍ରୀ ନ ହେଲେ, ସେ କଥା ବିଜେଡି ଓ ବିଜେପି ପକ୍ଷରୁ ସେତେବେଳେ ସ୍ପଷ୍ଟ କରାଯାଇ ପାରି ନଥିଲା ।

ମାତ୍ର ଦଳ ବା ମୁଖ୍ୟମନ୍ତ୍ରୀ ଚାହିଁଲେ ଉପମୁଖ୍ୟମନ୍ତ୍ରୀ ଭାବେ ଯେଉଁ ତାଲିକା ପଠାଯିବ, ରାଜ୍ୟପାଳ ତାଙ୍କୁ ଶପଥପାଠ କରାଇବାକୁ ବାଧ । ଏ କଥା ନ ବୁଝି, ଆବେଦନକାରୀ ଜଣକ ଏହି ମାମଲାରେ ଉପ-ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ସମେତ ମୁଖ୍ୟ ଶାସନ ସଚିବ, ରାଜ୍ୟପାଳଙ୍କ ସଚିବ, ଆଡ୍‌ଭୋକେଟ୍ ଜେନେରାଲ ପ୍ରଭୃତିଙ୍କୁ ପକ୍ଷ କରିବା ଉଚିତ ହୋଇ ନାହିଁ । ଆବେଦନକାରୀ ତାହେଲେ ସମ୍ବିଧାନର ମୁଖ୍ୟ, ରାଷ୍ଟ୍ରପତି ବା ରାଜ୍ୟର ପ୍ରଥମ ନାଗରିକ ରାଜ୍ୟପାଳ ବା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏହି ମାମଲା କରି ପାରିଥା'ନ୍ତେ । କଲେ ନାହିଁ କାହିଁକି ?

ଲୋକେ ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଘୋର ଅସୁବିଧାରେ ଅଛନ୍ତି, ସେତିକିବେଳେ ଏପରି ମାମଲା କରାଯିବା କିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ନୁହେଁ । ତେବେ ଦେଖାଯାଉ, ଭବିଷ୍ୟତରେ ଏହି ମାମଲା କେଉଁ ମୋଡ଼ରେ ପହଞ୍ଚୁଛି ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅନିଶ୍ଚିତ ସମୟର ଛବି : ତରଳ ଆଧୁନିକତା

**ଡ. ମୃଣାଳ ଚାଟାର୍ଜୀ**

ଏକବିଂଶ ଶତାବ୍ଦୀର ମଣିଷ ଏମିତି ଏକ ସମୟରେ ବଞ୍ଚୁଛି, ଯେଉଁଠାରେ ସବୁ କିଛି ଦ୍ରୁତ ବଦଳୁଛି । ପ୍ରଯୁକ୍ତି, ସମ୍ପର୍କ, ପରିଚୟ, ଜୀବନ ଶୈଳୀ- ସବୁ ଦ୍ରୁତ ବଦଳୁଛି । ପ୍ରଯୁକ୍ତି ପ୍ରତିଦିନ ଆମ ଜୀବନଶୈଳୀ ବଦଳାଉଛି, ଚାକିରି ଆଉ ଆଜୀବନ ସ୍ଥାୟୀ ନୁହେଁ, ସମ୍ପର୍କ ଅଧିକ ଅନିଶ୍ଚିତ, ମଣିଷର ପରିଚୟ ମଧ ସ୍ଥିର ରହୁନାହିଁ । ଏହି ପରିବର୍ତ୍ତନଶୀଳ ସମାଜକୁ ବୁଝିବା ପାଇଁ ପୋଲାଣ୍ଡର ପ୍ରଖ୍ୟାତ ସମାଜତତ୍ତ୍ୱବିତ୍ ଜିଗମୁଣ୍ଟ ବାଉମାନ (Zygmunt Bauman, ୧୯୨୫-୨୦୧୭) 'ତରଳ ଆଧୁନିକତା' (Liquid Modernity) ଅବଧାରଣା କଥା କହିଥିଲେ । ୨୦୦୦ ମସିହାରେ ପ୍ରକାଶିତ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ତରଳ ଆଧୁନିକତା' (Liquid Modernity) ଆଧୁନିକ ସମାଜକୁ ବିଶ୍ଳେଷଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଭାବେ ବିବେଚିତ ହୁଏ ।

ବାଉମାନଙ୍କ ମତରେ, ଆଧୁନିକ ସମାଜ କ୍ରମଶଃ 'କଠିନ' ଅବସ୍ଥାରୁ ତରଳ ଅବସ୍ଥାକୁ ଆସିଯାଇଛି ବର୍ତ୍ତମାନର ସମାଜ ଆଉ କଠିନ (Solid) ନୁହେଁ ଏହା ତରଳ (Liquid) । ଅର୍ଥାତ୍ ଏଠାରେ କୌଣସି ଗଠନ, ସମ୍ପର୍କ କିମ୍ବା ମୂଲ୍ୟବୋଧ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ଥିର ରହେନାହିଁ । ସବୁକିଛି ପ୍ରବାହମାନ, ପରିବର୍ତ୍ତନଶୀଳ ଏବଂ ଅନିଶ୍ଚିତ ।

**'ତରଳ ଆଧୁନିକତା' କ'ଣ?**

ବାଉମାନ ଆଧୁନିକତାକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରନ୍ତି-'କଠିନ ଆଧୁନିକତା' (Solid Modernity) ଓ ତରଳ ଆଧୁନିକତା' (Liquid Modernity) ।

ପ୍ରଥମ ପର୍ଯ୍ୟାୟରେ ସମାଜର ମୁଖ୍ୟ ପ୍ରତିଷ୍ଠାନଗୁଡ଼ିକ - ପରିବାର, ବିବାହ, ଧର୍ମ, ରାଷ୍ଟ୍ର, ଶିକ୍ଷା, ଚାକିରି- ଅପେକ୍ଷାକୃତ ସ୍ଥିର ଥିଲା । ଜଣେ ବ୍ୟକ୍ତି ଗୋଟିଏ ଚାକିରିରେ ଅବସର ପର୍ଯ୍ୟନ୍ତ କାମ କରୁଥିଲେ, ପରିବାରିକ ସମ୍ପର୍କ ଦୀର୍ଘସ୍ଥାୟୀ ଥିଲା ଏବଂ ସାମାଜିକ ପରିଚୟ ପ୍ରାୟ ଅପରିବର୍ତ୍ତିତ ରହୁଥିଲା ।

କିନ୍ତୁ ବିଶ୍ୱାୟନ, ଉଦାରୀକରଣ, ବଜାର ଅର୍ଥନୀତି ଏବଂ ସୂଚନା-ପ୍ରଯୁକ୍ତିର ବିସ୍ଫୋରଣ ପରେ ସମାଜର ଏହି ସ୍ଥିରତା ଭାଙ୍ଗିବାକୁ ଲାଗିଲା । ଏବେ ଚାକିରି ବଦଳିବା ସାଧାରଣ କଥା, ସହର ବଦଳିବା ସହଜ, ସମ୍ପର୍କ ଦ୍ରୁତ ଗଢ଼େ ଓ ଭାଙ୍ଗେ ଏବଂ ମଣିଷକୁ ବାରମ୍ବାର ନିଜ ପରିଚୟ ଗଢ଼ିବାକୁ ପଡୁଛି । ଏହାହିଁ 'ତରଳ ଆଧୁନିକତା' ।

**'ତରଳ' ଶବ୍ଦର ଅର୍ଥ**

ବାଉମାନ 'ତରଳ' ଶବ୍ଦକୁ ଏକ ରୂପକ ଭାବେ ବ୍ୟବହାର କରିଛନ୍ତି । କଠିନ ପଦାର୍ଥର ନିଜସ୍ୱ ଆକାର ଥାଏ କିନ୍ତୁ ତରଳ ପଦାର୍ଥ ପାତ୍ର ଅନୁଯାୟୀ ନିଜ ଆକୃତି ବଦଳାଇଦିଏ । ଆଧୁନିକ ସମାଜ ମଧ ସେହିପରି । ଏଠାରେ ମୂଲ୍ୟବୋଧ, ପେଶା, ସମ୍ପର୍କ, ଜୀବନଶୈଳୀ ଓ ପରିଚୟ କ୍ରମାଗତ ଭାବେ ବଦଳୁଛି । ଜୀବନରେ ସ୍ଥାୟିତ୍ୱ ଅପେକ୍ଷା ଅନିଶ୍ଚିତତା ଅଧିକ ।

**'ତରଳ ଆଧୁନିକତା'ର ପ୍ରମୁଖ ବୈଶିଷ୍ଟ୍ୟ**

**୧) ଅନିଶ୍ଚିତତାର ସମାଜ:** ଆଜିର ମଣିଷ ଜାଣେ ନାହିଁ ତା'ର ଚାକିରି କେତେଦିନ ରହିବ । ବଜାରର ପରିବର୍ତ୍ତନ, ସ୍ୱୟଂଚାଳନ, କୃତ୍ରିମ ବୁଦ୍ଧିମତ୍ତା ଓ ପ୍ରତିଯୋଗିତା ଜୀବନକୁ ଅଧିକ ଅନିଶ୍ଚିତ କରିଦେଇଛି ।

**୨) କ୍ଷଣଭଙ୍ଗୁର ସମ୍ପର୍କ:** ବାଉମାନ କହନ୍ତି, ଆଜିର ସମ୍ପର୍କଗୁଡ଼ିକ ଦୀର୍ଘସ୍ଥାୟୀ ପ୍ରତିବଦ୍ଧତା ଅପେକ୍ଷା ସୁବିଧା ଉପରେ ଅଧିକ ନିର୍ଭରଶୀଳ । ସାମାଜିକ ଗଣମାଧମ ହଜାର ହଜାର ସଂଯୋଗ ସୃଷ୍ଟି କରିଛି, କିନ୍ତୁ ଗଭୀର ମାନବିକ ସମ୍ପର୍କ କମିଯାଇଛି ।

> **୨୦୨୫ରେ ପୃଥିବୀର ବିଭିନ୍ନ ଦେଶରେ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ପାଖାପାଖି ସାଢେ ତିନି କୋଟି । ଏଥିରୁ ଅଧାଅଧି (୧.୭ କୋଟି) ଅନ୍ୟ ଦେଶର ନାଗରିକତ୍ୱ ନେଇ ସାରିଲେଣି । ଯେଉଁ ଭାରତୀୟମାନେ ଦୀର୍ଘ ଦିନ ବିଦେଶରେ ରହିଯାଉଛନ୍ତି, ସେମାନଙ୍କର ସାମାଜିକ ଓ ସାଂସ୍କୃତିକ ପରିଚୟ ମଧ ଅଧିକ ତରଳ ହେଉଛି ।**

**୩) ଉପଭୋକ୍ତାବାଦ:** ବର୍ତ୍ତମାନ ସମାଜରେ ମଣିଷ କେବଳ ବସ୍ତୁ ନୁହେଁ, ନିଜକୁ ମଧ ବଜାରରେ ପ୍ରଦର୍ଶନ କରୁଛି । ସାମାଜିକ ଗଣମାଧମରେ ନିଜର ଛବି, ଜୀବନଶୈଳୀ ଓ ସଫଳତାକୁ ନିରନ୍ତର ପ୍ରଦର୍ଶନ କରିବା ଏହାର ଏକ ଉଦାହରଣ ।

**୪) ବ୍ୟକ୍ତିକେନ୍ଦ୍ରିକତା:** ପୂର୍ବରୁ ସମାଜ ସମସ୍ୟାର ସମାଧାନ ସାମୂହିକ ଭାବେ ଖୋଜୁଥିଲା । ଏବେ ସଫଳତା ଓ ବିଫଳତାକୁ ବ୍ୟକ୍ତିଗତ ବୋଲି ଧରାଯାଉଛି । ଫଳରେ ମାନସିକ ଚାପ, ଏକାକୀତ୍ୱ ଓ ଉଦବେଗ ବଢୁଛି ।

**୫) ସ୍ଥାୟୀ ପରିଚୟର ଅଭାବ:** ଆଜି ଜଣେ ବ୍ୟକ୍ତି ଗୋଟିଏ ଜୀବନରେ ଅନେକ ପେଶା ବଦଳାଇପାରେ, ଅନେକ ସହରରେ (ଏପରିକି ବିଦେଶରେ) ରହିପାରେ ଏବଂ ବାରମ୍ବାର ନିଜକୁ ନୂଆ ଭାବେ ପରିଚିତ କରାଇପାରେ । ପରିଚୟ ଆଉ ସ୍ଥିର ନୁହେଁ ।

**ପୁସ୍ତକର ମୂଳ ବାର୍ତ୍ତା**

'Liquid Modernity' ପୁସ୍ତକରେ ବାଉମାନ ଦେଖାଇଛନ୍ତି ଯେ, ଆଧୁନିକତା ମଣିଷକୁ ସ୍ୱାଧୀନତା ଦେଇଛି, କିନ୍ତୁ ସେହି ସ୍ୱାଧୀନତା ସହିତ ଅନିଶ୍ଚିତତା, ଭୟ ଓ ଦାୟିତ୍ୱ ମଧ ବଢ଼ାଇଛି । ପୂର୍ବରୁ ସାମାଜିକ ପ୍ରତିଷ୍ଠାନଗୁଡ଼ିକ ମଣିଷକୁ ସୁରକ୍ଷା ଦେଉଥିଲା ଏବେ ସେହି ସୁରକ୍ଷା କ୍ରମେ କମୁଛି । ମଣିଷ ଅଧିକ ସ୍ୱାଧୀନ ହୋଇଛି, କିନ୍ତୁ ସେ ଅଧିକ ଏକା ଓ ଅସୁରକ୍ଷିତ ମଧ ହୋଇପଡ଼ିଛି ।

**ବର୍ତ୍ତମାନ ସମୟରେ ଏହାର ପ୍ରାସଙ୍ଗିକତା**

ଆଜିର ଦୁନିଆରେ ବାଉମାନଙ୍କ ଧାରଣା ଆଶ୍ଚର୍ଯ୍ୟଜନକ ଭାବରେ ସତ୍ୟ ପ୍ରମାଣିତ ହେଉଛି । ଆମ ଚାରିପାଖରେ ଏବେ ଆମେ ଏ ପରିବର୍ତ୍ତନଗୁଡ଼ିକୁ ଦେଖୁଛୁ, ଅନୁଭବ କରୁଛୁ, ଅଙ୍ଗେ ନିଭାଉଛୁ ।

**କୃତ୍ରିମ ମେଧା ଓ ଚାକିରି:** କୃତିମ ମେଧା (AI) ଏବଂ ସ୍ୱୟଂଚାଳନ (automation) ଅନେକ ପାରମ୍ପରିକ ଚାକିରିର ସ୍ୱରୂପ ବଦଳାଇ ଦେଉଛି । ନୂଆ କୌଶଳ ଶିଖିବା ଏବେ ଆବଶ୍ୟକତା, ବିକଳ୍ପ ନୁହେଁ । ଏହା 'ତରଳ' ଶ୍ରମ ବଜାରର ସ୍ପଷ୍ଟ ଉଦାହରଣ ।

**ସାମାଜିକ ଗଣମାଧମ:** ଫେସବୁକ୍, ଇନ୍‌ଷ୍ଟାଗ୍ରାମ୍, ଏକ୍ସ କିମ୍ବା ଲିଙ୍କଡଇନ୍ ପରି ସାମାଜିକ ଗଣମାଧମ ମଞ୍ଚ ଜରିଆରେ ମଣିଷ ନିରନ୍ତର ନିଜର ଡିଜିଟାଲ ପରିଚୟ ଗଢୁଛି । ଗୋଟିଏ 'ଭାଇରାଲ୍' ପୋଷ୍ଟ କିଛି ଘଣ୍ଟାରେ ଖ୍ୟାତି ଆଣିପାରେ, ପୁଣି ସେହି ଖ୍ୟାତି ପରଦିନ ହିଁ ଉଭେଇଯାଇପାରେ ।

**ଗିଗ୍ ଅର୍ଥନୀତି:** ଗିଗ୍ ଅର୍ଥନୀତି (Gig Economy) ହେଉଛି ଏପରି ଏକ କାର୍ଯ୍ୟବ୍ୟବସ୍ଥା, ଯେଉଁଠାରେ ସ୍ଥାୟୀ ଚାକିରି ପରିବର୍ତ୍ତେ ସ୍ୱଳ୍ପମିଆଦୀ କିମ୍ବା ପ୍ରକଳ୍ପଭିତ୍ତିକ କାମ କରାଯାଏ । ଏଥିରେ କର୍ମୀମାନେ ଅଧିକ ସ୍ୱାଧୀନତା ପାଆନ୍ତି, କିନ୍ତୁ ସ୍ଥାୟୀ ଚାକିରିର ସୁରକ୍ଷା, ପେନସନ ଓ ଅନ୍ୟାନ୍ୟ ସାମାଜିକ ସୁବିଧା ପ୍ରାୟତଃ ମିଳେନାହିଁ ।

ଉଦାହରଣ ସ୍ୱରୂପ-ଉବେର୍, ଓଲା, ସ୍ୱିଗି, ଜୋମାଟୋ କିମ୍ବା ଫ୍ରିଲାନ୍ସିଂ ପ୍ଲାଟଫର୍ମ ଭଳି ଗିଗ୍ ଅର୍ଥନୀତି ମଣିଷକୁ କାମର ସୁଯୋଗ ଦେଇଛି । କିନ୍ତୁ ଏହି କାମରେ ସ୍ଥାୟୀ ଚାକିରିର ସୁରକ୍ଷା, ପେନସନ କିମ୍ବା ଦୀର୍ଘମିଆଦୀ ସାମାଜିକ ସୁରକ୍ଷା ଅନେକ କ୍ଷେତ୍ରରେ ଅନୁପସ୍ଥିତ ।

**ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ:** ଗୋଟିଏ ଡିଗ୍ରୀ ନେଇ ସାରାଜୀବନ କାମ କରିବାର ଯୁଗ ଶେଷ ହେଉଛି । ଆଜି ଜୀବନବ୍ୟାପୀ ଶିକ୍ଷା (Lifelong Learning) ଓ ନିରନ୍ତର ଦକ୍ଷତାର ବିକାଶ ସଫଳତାର ମୂଳ ଚାବିକାଠି ।

**ବିଶ୍ୱାୟନ ଓ ପ୍ରବାସ:** ଲକ୍ଷ ଲକ୍ଷ ଲୋକ କାମ, ଶିକ୍ଷା କିମ୍ବା ଉନ୍ନତ ଜୀବନର ସନ୍ଧାନରେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ, ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଯାଉଛନ୍ତି । ଉଦାହରଣ ସ୍ୱରୂପ ୨୦୨୫ରେ ପାଖାପାଖି ୨ କୋଟି ଭାରତୀୟ କାମ କରିବା ପାଇଁ ବିଦେଶକୁ ଯାଇଛନ୍ତି । ୨୦୨୫ରେ ପୃଥିବୀର ବିଭିନ୍ନ ଦେଶରେ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ପାଖାପାଖି ସାଢେ ତିନି କୋଟି । ଏଥିରୁ ଅଧାଅଧି (୧.୭ କୋଟି) ଅନ୍ୟ ଦେଶର ନାଗରିକତ୍ୱ ନେଇ ସାରିଲେଣି । ଯେଉଁ ଭାରତୀୟମାନେ ଦୀର୍ଘ ଦିନ ବିଦେଶରେ ରହିଯାଉଛନ୍ତି, ସେମାନଙ୍କର ସାମାଜିକ ଓ ସାଂସ୍କୃତିକ ପରିଚୟ ମଧ ଅଧିକ ତରଳ ହେଉଛି ।

**ସମାଲୋଚନା**

ବାଉମାନଙ୍କ ଧାରଣା ଯେତିକି ପ୍ରଭାବଶାଳୀ, ସେତିକି ସମାଲୋଚିତ ମଧ । କେତେକ ସମାଜବିଜ୍ଞାନୀଙ୍କ ମତରେ ସେ ଆଧୁନିକ ସମାଜର ଅନିଶ୍ଚିତତାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ବାସ୍ତବରେ ପରିବାର, ରାଷ୍ଟ୍ର, ଶିକ୍ଷା, ଆଇନ ଓ ଧାର୍ମିକ ପ୍ରତିଷ୍ଠାନ ଆଜି ମଧ ଅନେକ କ୍ଷେତ୍ରରେ ସ୍ଥିରତା ପ୍ରଦାନ କରୁଛନ୍ତି । ତଥାପି, ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱକୁ ବୁଝିବାରେ ବାଉମାନଙ୍କ ବିଶ୍ଳେଷଣ ଅତ୍ୟନ୍ତ ପ୍ରଭାବଶାଳୀ । କାରଣ ୨୬ ବର୍ଷ ତଳେ ବାଉମାନ ଯାହା ଲେଖିଛନ୍ତି, ଆଜି ଭାରତ ଭଳି ପରିବାର-କେନ୍ଦ୍ରିକ ରକ୍ଷଣଶୀଳ ସମାଜରେ ମଧ ତାର ଛବି କ୍ରମଶଃ ସ୍ପଷ୍ଟ ଦେଖିବାକୁ ମିଳୁଛି ।

**ଉପସଂହାର**

'ତରଳ ଆଧୁନିକତା' କେବଳ ଏକ ସମାଜତାତ୍ତ୍ୱିକ ସିଦ୍ଧାନ୍ତ ନୁହେଁ ଏହା ଆମର ପ୍ରତିଦିନର ଜୀବନରେ ଏକ ଜୀବନ୍ତ ବର୍ଣ୍ଣନା । ଆଜିର ପୃଥିବୀରେ ସ୍ଥାୟୀତ୍ୱ ଅପେକ୍ଷା ପରିବର୍ତ୍ତନ, ନିଶ୍ଚିତତା ଅପେକ୍ଷା ଅନିଶ୍ଚିତତା ଏବଂ ପାରମ୍ପରିକତା ଅପେକ୍ଷା ନୂତନତ୍ୱ ଅଧିକ ଗୁରୁତ୍ୱ ପାଉଛି । କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ସମାଜ, ବିଶ୍ୱାୟନ, ଜଳବାୟୁ ପରିବର୍ତ୍ତନ, ଗିଗ୍ ଅର୍ଥନୀତି ଓ ଦ୍ରୁତ ବଦଳୁଥିବା ମାନବ ସମ୍ପର୍କର ଯୁଗରେ ବାଉମାନଙ୍କ ବାର୍ତ୍ତା ଆମକୁ ସତର୍କ କରେ- ପରିବର୍ତ୍ତନକୁ ଏଡ଼ାଇ ହେବ ନାହିଁ, କିନ୍ତୁ ସେହି ପରିବର୍ତ୍ତନ ମଧରେ ମାନବିକତା, ସାମାଜିକ ଦାୟିତ୍ୱ ଓ ସହଯୋଗର ମୂଲ୍ୟବୋଧକୁ ବଞ୍ଚାଇ ରଖିବା ହିଁ ଆଧୁନିକ ସମାଜର ସବୁଠାରୁ ବଡ଼ ଆହ୍ୱାନ ।

**ପ୍ରଫେସର ଅଫ୍ ପ୍ରାକ୍ଟିସ୍, ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍), ଭୁବନେଶ୍ୱର, ଓଡ଼ିଶା**
**ମୋ-୯୪୩୭୦ ୨୬୧୯୪**

# ପ୍ରଣାମ ପ୍ରଣବ

**ଦୀପକ ବୋଷ**

ରାଜ୍ୟର ଦ୍ୱିତୀୟ ପୁରାତନ ସାହିତ୍ୟାନୁଷ୍ଠାନ ଫକୀରମୋହନ ସାହିତ୍ୟ ପରିଷଦ ୧୯୫୧ ମସିହାରେ ଓଡ଼ିଶାର ସ୍ୱନାମଧନ୍ୟ ସଙ୍ଗୀତକାର ବାଳକୃଷ୍ଣ ଦାଶଙ୍କୁ ସଙ୍ଗୀତ ସୁଧାକର ଉପାଧିରେ ଭୂଷିତ କରିଥିଲା । ତାର ସାତ ଦଶନ୍ଧି ପରେ ଅର୍ଥାତ୍ ୨୦୨୨ ମସିହା ଏପ୍ରିଲ ମାସ ୧୪ ତାରିଖରେ ସେହି ପରିଷଦ ବାଳକୃଷ୍ଣ ଦାଶଙ୍କ ପ୍ରିୟ ଶିଷ୍ୟ ପ୍ରଣବ କିଶୋର ପଟ୍ଟନାୟକଙ୍କୁ 'ସଙ୍ଗୀତ ସୁଧାନିଧି' ଉପାଧିରେ ଭୂଷିତ କରି ନିଜକୁ ଗୌରବାନ୍ୱିତ ମନେ କରିଛି । ସୌଭାଗ୍ୟବଶତଃ ମୁଁ ସେହି ସମୟରେ ପରିଷଦର ସାଧାରଣ ସଂପାଦକ ଦାୟିତ୍ୱରେ ଥିଲି ।

ଅନୁଷ୍ଠାନର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, 'ନଖିଆ ତିହାଡ଼ି' ଛଦ୍ମନାମରେ ଜଣେ ଯଶସ୍ୱୀ ବ୍ୟଙ୍ଗସ୍ରଷ୍ଟା ଭାବରେ ମଧ ସେ ସାହିତ୍ୟିକଙ୍କ ଗହଣରେ ବେଶ୍ ପରିଚିତ । ଜଣେ ଉତ୍ତମ ସଂଗଠକ ହିସାବରେ ସବୁବେଳେ ନୂଆ କିଛି କରିବାର ସେ ସ୍ୱପ୍ନ ଦେଖନ୍ତି । ତାଙ୍କରି ପ୍ରେରଣାରେ ୨୦୧୭ ମସିହାରେ ଆମେ ଫକୀରମୋହନ ସାହିତ୍ୟ ପରିଷଦରେ ୩୬୫ ଦିନ ସାହିତ୍ୟ ସଭା କରି ରେକର୍ଡ ସୃଷ୍ଟି କରିଥିଲୁ, ଯେଉଁଥିପାଇଁ ୨୦୧୯ ମସିହାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଥମ କରି ଆମ ଅନୁଷ୍ଠାନକୁ ଏକଲକ୍ଷ ଟଙ୍କାର ଅର୍ଥରାଶି ସହିତ 'ବ୍ୟାସକବି ଫକୀରମୋହନ ଭାଷା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା ।

ଆମ ଅନୁଷ୍ଠାନର କୋଷାଧକ୍ଷ ତପନ ରାୟ ଓଡ଼ିଆ ସିନେଜଗତର ଟିକିନିଖି ଖବର ରଖନ୍ତି, ବିଶେଷ କରି ସଙ୍ଗୀତ ଜଗତର ଅନେକ କଥା ତାଙ୍କ ଜିଭ ଅଗରେ । ଦିନେ ଡ. ତ୍ରିପାଠୀ, ମୁଁ ଓ ତପନବାବୁ ୨୦୨୨ ମସିହାରେ ବିଷୁବ ମିଳନର ଆୟୋଜନ ସଂପର୍କରେ ଆଲୋଚନା କରୁ କରୁ ଡ. ତ୍ରିପାଠୀ ପ୍ରସ୍ତାବଟିଏ ଦେଲେ ଜଣେ ଯଶସ୍ୱୀ ସଙ୍ଗୀତଜ୍ଞଙ୍କୁ ପରିଷଦ ପକ୍ଷରୁ 'ସଙ୍ଗୀତ ସୁଧାନିଧି' ଉପାଧି ପ୍ରଦାନ ସଂପର୍କରେ । ତତ୍‌କ୍ଷଣାତ୍ ତପନବାବୁ ଓଡ଼ିଆ ସଙ୍ଗୀତ ଜଗତର ମଉଡ଼ମଣି ପ୍ରଣବ କିଶୋର ପଟ୍ଟନାୟକଙ୍କ ନାମ ଉଚ୍ଚାରଣ କଲେ । ପ୍ରଣବଙ୍କ ଜଣେ ପରମ ପ୍ରଶଂସକ ହୋଇଥିବାରୁ ମୁଁ ସଙ୍ଗେ ସଙ୍ଗେ ମୋର ସମ୍ମତି ଜଣାଇଲି । କାର୍ଯ୍ୟକାରୀ କମିଟିରେ ଉକ୍ତ ପ୍ରସ୍ତାବଟି ଅନୁମୋଦନ ପାଇବା ସଙ୍ଗେ ସଙ୍ଗେ ପ୍ରଣବ ପଟ୍ଟନାୟକଙ୍କ ସହିତ ଯୋଗାଯୋଗ ହୋଇଥିଲା । କିନ୍ତୁ ୮୪ ବର୍ଷ ବୟସରେ ସେ ଦୁଇଶହ କିଲୋମିଟର ଯାତ୍ରା କରି ବାଲେଶ୍ୱର ଆସନ୍ତୁ ବୋଲି ତାଙ୍କର ସହଧର୍ମିଣୀ ଶ୍ରୀମତୀ କସ୍ତୁରିକା ପଟ୍ଟନାୟକ ଚାହିଁଲେ ନାହିଁ । ଆମ ମନ ଭୀଷଣ ଖରାପ ହୋଇଗଲା । ଅନେକ ଆଶା କରିଥିଲୁ ପ୍ରଣବ ପଟ୍ଟନାୟକଙ୍କୁ ଆମ ଅନୁଷ୍ଠାନଦ୍ୱାରା ସମ୍ମାନିତ କରିବାପାଇଁ ।

ଦୁଇଦିନ ପରେ ପ୍ରଣବ ପଟ୍ଟନାୟକଙ୍କ ଘରୁ ଫୋନ ଆସିଲା । ବାର୍ଦ୍ଧକ୍ୟ ଓ ଅସୁସ୍ଥତା ସତ୍ତ୍ୱେ ବ୍ୟାସକବି ଫକୀରମୋହନଙ୍କ ମାଟିରେ ତାଙ୍କ ନାମରେ ନାମିତ 'ଫକୀରମୋହନ ସାହିତ୍ୟ ପରିଷଦ'କୁ ପ୍ରଣବ ପଟ୍ଟନାୟକ ସ୍ୱୟଂ ଆସିବାକୁ ଚାହୁଁଛନ୍ତି ବୋଲି ତାଙ୍କ ପରିବାର ପକ୍ଷରୁ ଆମକୁ ଜଣାଇ ଦିଆଗଲା । ଆମେ ଆନନ୍ଦରେ ଆତ୍ମହରା ହୋଇଗଲୁ ।

> **ତାଙ୍କରି ହାତରେ ପ୍ରଣବଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ 'ସଙ୍ଗୀତ ସୁଧାନିଧି' ଉପାଧିରେ ଭୂଷିତ କରାଗଲା । ପ୍ରଣବ କ୍ଷଣିକ ପାଇଁ ଭାବବିହ୍ୱଳ ହୋଇଗଲେ । ସମ୍ବର୍ଦ୍ଧନାର ଉତ୍ତରରେ କହିଲେ – ଶାନ୍ତିକାନନରେ ମୋତେ ଆଜି ପରମ ଶାନ୍ତି ମିଳିଛି । ଆପଣମାନେ ଆଜି ଯେଉଁଭଳି ଭାବରେ ଆନ୍ତରିକତାର ସହିତ ମୋତେ ସମ୍ବର୍ଦ୍ଧିତ କଲେ, ମୁଁ ପଦ୍ମ ପୁରସ୍କାର ପାଇଲା ଭଳି ଅନୁଭବ କରୁଛି । ଫକୀରମୋହନ ସାହିତ୍ୟ ପରିଷଦ ଓ ବାଲେଶ୍ୱରବାସୀଙ୍କ ପାଖରେ ମୁଁ ଚିର ଋଣୀ ହୋଇ ରହିବି । ଅନେକ ବଡ଼ ମଞ୍ଚରେ ମୁଁ ସମ୍ବର୍ଦ୍ଧିତ ହୋଇଛି, ହେଲେ ଏ ମଞ୍ଚ, ଏ ପରିବେଶ, ଆପଣମାନଙ୍କର ଭଲପାଇବା ଓ ଆତିଥ୍ୟ ମୋତେ ବିଭୋର କରିଛି ।**

ପ୍ରଣବଙ୍କୁ ଭୁବନେଶ୍ୱରରୁ ଆଣିବା ଓ ପୁଣି ତାଙ୍କୁ ଛାଡ଼ିବାର ଦାୟିତ୍ୱ ଆପଣାଛାଏଁ ନେଇଗଲେ ଆମର ଜଣେ ବନ୍ଧୁ ଅନୁପ କୁମାର ଚାଟ୍ଟାର୍ଜୀ । ନିର୍ଦ୍ଦିଷ୍ଟ ଦିନ ପୂର୍ବାହ୍ନ ଏଗାରଟା ସୁଦ୍ଧା ବାଲେଶ୍ୱରରେ ପହଞ୍ଚିଗଲେ ପ୍ରଣବ । ବାଲେଶ୍ୱର ସର୍କିଟ ହାଉସରେ ଆମେ ସବୁ ଅପେକ୍ଷା କରିଥାଉ । ଗାଡ଼ିରୁ ଓହ୍ଲାଇଲେ ୮୪ ବର୍ଷ ବୟସର ଯୁବକ ପ୍ରଣବ କିଶୋର ପଟ୍ଟନାୟକ । କଳା ଚୁଡ଼ିଦାର, ନୀଳ ରଙ୍ଗର ପଞ୍ଜାବୀ ଓ ଉପରେ ପିନ୍ଧିଥିଲେ ମୟୂରପୁଚ୍ଛ ରଙ୍ଗର ଏକ ହାଫ୍ ଜାକେଟ୍ । ଆଖିରେ କଳା ଚଷମା, ପାଦରେ କୋହ୍ଲାପୁରୀ ଚପଲ । ଆଭିଜାତ୍ୟ ଚେହେରା । ଓଠରେ ଅକୃତ୍ରିମ ହସ । ପ୍ରାୟ ସମସ୍ତେ ପାଦଛୁଇଁ ପ୍ରଣାମ କଲେ । କାହାକୁ ଆଲିଙ୍ଗନ କଲେ, କାହାର ପିଠି ଥାପୁଡ଼େଇ ଦେଲେ, କାହା ଓଠରେ ହାତ ଦେଇ ସ୍ନେହ ଅଜାଡ଼ି ଦେଲେ । ମିଠା ସ୍ୱରରେ ସ୍ନେହବୋଳା କଥାପଦକ ଶୁଣିଲାବେଳେ ପେଟ ପୂରି ଯାଉଥିଲା । ଦୁଇଶହ କିଲୋମିଟର ଯାତ୍ରା କରି ଆସିଛନ୍ତି, ବିଶ୍ରାମ ନେବେ କଣ, ତାଙ୍କ ଚାରିପାଖରେ ଲୋକେ ଘେରିଗଲେ ।



ସାମ୍ବାଦିକମାନଙ୍କର ନାନା ପ୍ରଶ୍ନର ଉତ୍ତର ବେଶ୍ ଧୀରସ୍ଥିର ଭାବରେ ଦେଉଥାଆନ୍ତି । ସମସ୍ତଙ୍କ ସହିତ ସେଲ୍‌ଫି ଉଠାଇଲେ । ମୁହଁରେ ବିରକ୍ତିର ଚିହ୍ନବର୍ଣ୍ଣ ନ ଥାଏ ।

ତାଙ୍କର ଗୋଟିଏ ସର୍ତ୍ତ ଥିଲା । ବାଲେଶ୍ୱର ଆସିବେ ଯଦି ଇଲିସି ମାଛ ଖାଇବେ । ଦୁର୍ଯୋଗକୁ ସେଦିନ ଗୁରୁବାର ଥାଏ । ଆମେ ଟିକେ ଚିନ୍ତିତ ଥିଲୁ । ଗୁରୁବାର ଦିନ କେଉଁଠୁ ଇଲିସି ମିଳିବ ? ଆମର ଏହି ସମସ୍ୟାର ସମାଧାନ କରିଦେଲେ ବନ୍ଧୁ ରାଜେଶ ଗିରି । ପ୍ରଣବଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର ଭାର ସେ ନିଜେ ନେଇଗଲେ । ମହା ଆନନ୍ଦରେ ପ୍ରଣବ ମଧ୍ୟାହ୍ନ ଭୋଜନ କଲେ ।

ସନ୍ଧ୍ୟାରେ ତାଙ୍କୁ ସଭାସ୍ଥଳକୁ ପାଛୋଟି ନେଲୁ । ଶାନ୍ତିକାନନ ପରିସରରେ ଅସମ୍ଭାଳ ଭିଡ଼ । ପ୍ରଣବଙ୍କ ଉଦ୍ଦେଶ୍ୟରେ ଏକ 'ପ୍ରଣବ ସଙ୍ଗୀତ ସନ୍ଧ୍ୟା'ର ଆୟୋଜନ କରାଯାଇଥାଏ । ସହରର ଯୁବ କଣ୍ଠଶିଳ୍ପୀମାନେ ଜଣକ ପରେ ଜଣେ ପ୍ରଣବ ସଙ୍ଗୀତ ଗାନ କରୁଥାଆନ୍ତି । ଦର୍ଶକଙ୍କ ଗହଣରେ ବସି ପ୍ରଣବ ମନଯୋଗ ସହକାରେ ପ୍ରତ୍ୟେକଙ୍କର ସଙ୍ଗୀତ ଶୁଣୁଥାଆନ୍ତି, ବିଭୋର ହେଉଥାଆନ୍ତି ।

ଶେଷରେ ସମ୍ବର୍ଦ୍ଧନାର ପର୍ବ । ପ୍ରଣବ ଉଠିଲେ ମଞ୍ଚକୁ । କରତାଳିରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଲା । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ମୁଖ୍ୟଅତିଥି ଭାବେ ସଭାରେ ଯୋଗ ଦେଇଥିଲେ । ତାଙ୍କରି ହାତରେ ପ୍ରଣବଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ 'ସଙ୍ଗୀତ ସୁଧାନିଧି' ଉପାଧିରେ ଭୂଷିତ କରାଗଲା । ପ୍ରଣବ କ୍ଷଣିକ ପାଇଁ ଭାବବିହ୍ୱଳ ହୋଇଗଲେ । ସମ୍ବର୍ଦ୍ଧନାର ଉତ୍ତରରେ କହିଲେ – ଶାନ୍ତିକାନନରେ ମୋତେ ଆଜି ପରମ ଶାନ୍ତି ମିଳିଛି । ଆପଣମାନେ ଆଜି ଯେଉଁଭଳି ଭାବରେ ଆନ୍ତରିକତାର ସହିତ ମୋତେ ସମ୍ବର୍ଦ୍ଧିତ କଲେ, ମୁଁ ପଦ୍ମ ପୁରସ୍କାର ପାଇଲା ଭଳି ଅନୁଭବ କରୁଛି । ଫକୀରମୋହନ ସାହିତ୍ୟ ପରିଷଦ ଓ ବାଲେଶ୍ୱରବାସୀଙ୍କ ପାଖରେ ମୁଁ ଚିର ଋଣୀ ହୋଇ ରହିବି । ଅନେକ ବଡ଼ ମଞ୍ଚରେ ମୁଁ ସମ୍ବର୍ଦ୍ଧିତ ହୋଇଛି, ହେଲେ ଏ ମଞ୍ଚ, ଏ ପରିବେଶ, ଆପଣମାନଙ୍କର ଭଲପାଇବା ଓ ଆତିଥ୍ୟ ମୋତେ ବିଭୋର କରିଛି ।

ଆମ ଅନୁରୋଧରେ ଶେଷ ଶ୍ରାବଣ ଚଳଚ୍ଚିତ୍ରର ସେହି ଅମର ଗୀତଟିକୁ ଗାଇଲେ ପ୍ରଣବ – 'ମାଝୀରେ...।' ଶହ ଶହ ଦର୍ଶକ କରତାଳି ଦେଇ ସଙ୍ଗୀତର ତାଳେ ତାଳେ ଝୁମିଲେ। କି ଅପୂର୍ବ ସେ ଦୃଶ୍ୟ ! କି ମନୋରମ ସେ ପରିବେଶ !

ପ୍ରଣବ ଆଜି ଆମ ଗହଣରେ ନାହାନ୍ତି ସତ, ହେଲେ ତାଙ୍କର ଅମର ଗୀତଗୁଡ଼ିକ ପାଇଁ ସେ ସବୁଦିନେ ଆମ ହୃଦୟରେ ବଞ୍ଚି ରହିବେ । ଆଜି ବି ଶାନ୍ତିକାନନରେ ମାଝୀରେ ଗୀତଟି ଗୁଞ୍ଜରିତ ହେଉଛି ପ୍ରଣବଙ୍କ ଅସ୍ତିତ୍ୱକୁ ଉଜ୍ଜୀବିତ କରି । ପ୍ରଣାମ ପ୍ରଣବ ।

**ପ୍ରାକ୍ତନ ସାଧାରଣ ସଂପାଦକ ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର, ମୋ-୯୮୬୧୧୦୩୯୬୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧.୩ କୋଟିରୁ...

ଆମ ସରକାରଙ୍କ ପ୍ରତିବଦ୍ଧତା ।

ନାରୀ ସଶକ୍ତିକରଣର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ସହାୟତା ପ୍ରଦାନ କରିବା ସଶକ୍ତିକରଣ ନୁହେଁ, ବରଂ ମହିଳାମାନଙ୍କୁ ସାମାଜିକ, ରାଜନୈତିକ ତଥା ଆର୍ଥିକ ସ୍ତରରେ ଆତ୍ମନିର୍ଭର କରି ନିଜ ପାଇଁ ନିଜେ ନିଷ୍ପତ୍ତି ନେବାର ଅଧିକାର ଦେବା ହିଁ ଅସଲ ସଶକ୍ତିକରଣ ।

ଆଇଆଇଏମ୍ ସମ୍ବଲପୁର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ଭେ ରିପୋର୍ଟକୁ ଉଦ୍ଧୃତ କରି ସେ ପ୍ରକାଶ କରିଛନ୍ତି ଯେ ପ୍ରାୟ ୮୦ ପ୍ରତିଶତ ମହିଳା ସୁଭଦ୍ରା ସହାୟତାକୁ କେବଳ ଦୈନନ୍ଦିନ ଆବଶ୍ୟକତା ପାଇଁ ଖର୍ଚ୍ଚ ନକରି, ଦୀର୍ଘମିଆଦୀ ଆର୍ଥିକ ସୁରକ୍ଷା, ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ନିୟୋଜିତ କରିଛନ୍ତି । ୮୭.୧୯ ପ୍ରତିଶତ ହିତାଧିକାରୀ ସୁଭଦ୍ରାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ଦେଇଛନ୍ତି । ମହିଳାଙ୍କ ଆକାଉଣ୍ଟ ବାଲାନ୍ସ ଓ ମାସିକ ଖର୍ଚ୍ଚରେ ବୃଦ୍ଧି ଘଟିଛି । ନୟାଗଡ଼ର ରଞ୍ଜୁବାଳା ଓ ସୌଦାମିନୀ ନନ୍ଦ, ଗଞ୍ଜାମର ଗୌରୀ ସାହୁ, ସୁବର୍ଣ୍ଣପୁରର ଭାରତୀ ଜଗଦଳ, ଏବଂ କୋରାପୁଟର ଆରତୀ ଖୋସଲାଙ୍କ ଭଳି ଉଦ୍ୟମୀ ଭଉଣୀମାନଙ୍କ ସଫଳତାର କାହାଣୀ ରାଜ୍ୟର ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି ବୋଲି ସେ କହିଛନ୍ତି ।

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗଠିତ ମହିଳା ଉଦ୍ୟୋଗୀ ପ୍ଲାଟ୍‌ଫର୍ମ ଜରିଆରେ ମହିଳାମାନଙ୍କୁ ବିଜିନେଶ ଆରମ୍ଭ କରିବାକୁ ମାର୍ଗ ଦର୍ଶନ, ଦକ୍ଷତା ପ୍ରଶିକ୍ଷଣ, ବଜାର ସଂଯୋଗ ଏବଂ ଆର୍ଥିକ ସହାୟତା ଇତ୍ୟାଦି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ । ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ । ଏହାସହିତ ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଏବଂ ରାଜ୍ୟ ବଜେଟ୍‌ରେ ମହିଳାଙ୍କ ପାଇଁ ୧ ଲକ୍ଷ ୨୨ ହଜାର ୭୬୪ କୋଟି ଟଙ୍କାର ଐତିହାସିକ ବ୍ୟୟବରାଦ ବିଷୟରେ ସେ ଆଲୋକପାତ କରିଥିଲେ । ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ଦେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିବା ସହ ଆଗାମୀ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସମସ୍ତଙ୍କୁ ଦୀପଟିଏ ଜାଳି ଆଶୀର୍ବାଦ ପ୍ରାର୍ଥନା କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି ।

ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଚମ କିସ୍ତିରେ ୧୧୬ କୋଟି ୮୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି । ନୟାଗଡ଼ ଜିଲ୍ଲାବାସୀଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ଖୁବ୍ ଶୀଘ୍ର ନୟାଗଡ଼ ଚିନି କଳ ପ୍ରତିଷ୍ଠା ସହିତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଆରମ୍ଭ ହେବ ।

ଏହି ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ କହିଥିଲେ ଯେ ଆମ ସରକାର ଦାୟିତ୍ୱ ନେବା ସମୟରେ ସଠିକ୍ ନିଷ୍ପତ୍ତି ନେଇ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ଏହି ସୁଭଦ୍ରା ଯୋଜନା ରାଜ୍ୟର ଏକ କୋଟିରୁ ଉର୍ଦ୍ଧ୍ୱ ମା ଓ ଭଉଣୀଙ୍କ ସାମାଜିକ ଓ ଆର୍ଥିକ ଜୀବନରେ ପରିବର୍ତ୍ତନ ଆଣିଛି । ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସାଢ଼େ ଚାରି କୋଟି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ମୁଖ୍ୟମନ୍ତ୍ରୀ ଦିନ ରାତି କଠିନ ପରିଶ୍ରମ କରୁଛନ୍ତି । ନୟାଗଡ଼ର ଇଂରାଜୀ ବନାନକୁ ସଂଶୋଧନ କରି ନୟାଗଡ଼ ଜିଲ୍ଲାର ସ୍ୱାଭିମାନ ଓ ଅସ୍ମିତାକୁ ମୁଖ୍ୟମନ୍ତ୍ରୀ ସୁରକ୍ଷିତ କରିଛନ୍ତି ବୋଲି ସେ କହିଥିଲେ ।

ଏହି ଅବସରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ସୁଭଦ୍ରା ହେଉଛି ମା ଓ ଭଉଣୀମାନଙ୍କ ସ୍ୱପ୍ନ, ସମ୍ମାନ ଓ ସ୍ୱାବଲମ୍ବନର ପ୍ରତୀକ । ରାକ୍ଷୀ ପୂର୍ଣ୍ଣିମା ଅବସରରେ ଆମ ବସ୍ ରେ ମା ଓ ଭଉଣୀ ମାନଙ୍କ ପାଇଁ ମାଗଣା ଯାତ୍ରା ସୁବିଧା କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ ସୁଭଦ୍ରା ଆଜି ମହିଳାମାନଙ୍କୁ ନିଜେ ନିଷ୍ପତ୍ତି ନେବାର ଓ ଉଦ୍ୟୋଗୀ ବନିବାର ସୁଯୋଗ ପ୍ରଦାନ କରିଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସୁଭଦ୍ରା ହେବ ବିକାଶର ମୂଳପିଣ୍ଡ ବୋଲି ସେ କହିଥିଲେ ।

ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ଧାର୍ଯ୍ୟ ସମୟ ପୂର୍ବରୁ ଲକ୍ଷପତି ଦିଦି ଟାର୍ଗେଟ୍ ହାସଲ କରି ରେକର୍ଡ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇ କହିଥିଲେ ଯେ ଟେଲିଭିଜନରେ ମୁଖ୍ୟମନ୍ତ୍ରୀଙ୍କ ବୋଟ୍ ଓ ଖାଲିପାଦରେ ବନ୍ୟା ଗସ୍ତ ଦେଖି ସଂସଦ ରେ ସାଂସଦ ମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କନ୍ଧମାଳ ସାଂସଦ ଶ୍ରୀ ସୁକାନ୍ତ ପାଣିଗ୍ରାହୀ କହିଥିଲେ ଯେ ମାତୃ ଶକ୍ତିର ଜାଗରଣ ହେଲେ ସମାଜର ବିକାଶ ହୁଏ । ଆଜି ଦେଶରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ମାତୃଶକ୍ତିର ସମ୍ମାନ କ୍ଷେତ୍ରରେ ଏକ ନୂଆ ଜାଗରଣ ସୃଷ୍ଟି ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ଓ ଗଞ୍ଜାମ ଜିଲ୍ଲାର ସଫଳ ସୁଭଦ୍ରା ହିତାଧିକାରୀ ଓ ପ୍ରଶିକ୍ଷିତ ହିତାଧିକାରୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ । ଶୁଭଦ୍ରା ବାର୍ଷିକ ରିପୋର୍ଟ ୨୦୨୫-୨୬ରେ ଏସ୍‌ବିଆଇ ସର୍ଭେ ରିପୋର୍ଟ ଏବଂ ସୁଭଦ୍ରା ସମୀକ୍ଷା ଉନ୍ମୋଚନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ଶାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଏବଂ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କଲେଜ...

ବାରମ୍ବାର ଯୋଗାଣ ଶୃଙ୍ଖଳାରେ ବାଧା ଏବଂ ବିଭିନ୍ନ ସଙ୍କଟର ସମ୍ମୁଖୀନ ହେଉଛି । କଲେଜ ହଷ୍ଟେଲ ଓ କ୍ୟାଣ୍ଟିନ୍ ଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତି ସମୟରେ ତେଲର ବ୍ୟବହାର ଯଥାସମ୍ଭବ କମାଇବାକୁ କୁହାଯାଇଛି । ବିଶେଷକରି ଜଳଖିଆ ମେନୁରେ ଅଧିକ ତେଲ ଆବଶ୍ୟକ ହେଉଥିବା ପୁରି, ବରା ଓ ଆଳୁଚପ ଭଳି ଖାଦ୍ୟକୁ ଏଡ଼ାଇବାକୁ ପରାମର୍ଶ ଦିଆଯାଇଛି ।

ଛାତ୍ରଛାତ୍ରୀଙ୍କ ପୁଷ୍ଟି ଓ ଖାଦ୍ୟର ଗୁଣବତ୍ତା ସହ ସାଲିସ ନକରି ଡିପ୍-ଫ୍ରାଏଡ୍ ଖାଦ୍ୟର ପରିମାଣ କମାଇବାକୁ ମଧ୍ୟ କୁହାଯାଇଛି । ଅର୍ଥାତ ତେଲ ବ୍ୟବହାର କମାଇବା ସହିତ ଛାତ୍ରଛାତ୍ରୀଙ୍କ ଆବଶ୍ୟକ ପୁଷ୍ଟି ଯେପରି ପ୍ରଭାବିତ ନହୁଏ, ସେଥିପ୍ରତି ମଧ୍ୟ ଧ୍ୟାନ ଦେବାକୁ ବିଭାଗ ଗୁରୁତ୍ୱ ଦେଇଛି ।

## ଡାକ ସେବକ...

ଆତ୍ମନିର୍ଭରଶୀଳ ହେବା ସହ ସରକାରୀ ଯୋଜନାଗୁଡ଼ିକ ସିଧାସଳଖ ଚାଷୀଙ୍କ ପାଖରେ ପହଞ୍ଚିପାରିବ ।

ଇକ୍ରିସାଟ୍ ସହ ହୋଇଥିବା ୪ଟି ବୁଝାମଣା ମାଧ୍ୟମରେ ଡାଲି, ବୁଟ, ମଟର, ହରଡ଼, ଚିନାବାଦାମ ଓ ରାଶି ଭଳି ଫସଲର ଉନ୍ନତ ଓ ଜଳବାୟୁ ସହନଶୀଳ ବିହନ ପ୍ରସ୍ତୁତ କରାଯିବ । ଏହା ଦ୍ୱାରା ଚାଷୀମାନେ ଭଲ ବିହନ ପାଇବା ସହ ସେମାନଙ୍କ ଉତ୍ପାଦନ ବୃଦ୍ଧି ପାଇବ । ସେହିପରି ଏମଏସଏସଆରଏଫ୍ ସହ ବୁଝାମଣା ମାଧ୍ୟମରେ ନୟାଗଡ଼ ଜିଲ୍ଲାର ୩,୦୦୦ କ୍ଷୁଦ୍ର ଚାଷୀଙ୍କ ପାଇଁ 'ପୋଷଣ ପାଇଁ କୃଷି' ପ୍ରକଳ୍ପ ଆରମ୍ଭ ହେବ । ଏଥିରେ ପୋଷକତା ଯୁକ୍ତ ଫସଲ, ପରିବା ଚାଷ, କୁକୁଡ଼ା ପାଳନ ଓ ମାଛ ଚାଷକୁ ପ୍ରୋତ୍ସାହନ ଦିଆଯିବ, ଯାହା ଦ୍ୱାରା ଚାଷୀଙ୍କ ଆୟ ବଢ଼ିବା ସହ ପରିବାରର ସ୍ୱାସ୍ଥ୍ୟରେ ସୁଧାର ଆସିବ । ଏହି ପଦକ୍ଷେପଗୁଡ଼ିକ ଡିଜିଟାଲ୍ ସେବା, ଉତ୍ପାଦନ ବୃଦ୍ଧି ଏବଂ ପୋଷଣ ସୁରକ୍ଷାକୁ ସୁଦୃଢ଼ କରିବ । ଏହି କାର୍ଯ୍ୟକ୍ରମର ଅସଲ ସଫଳତା ଚାଷୀମାନଙ୍କର ପ୍ରତ୍ୟକ୍ଷ ଉନ୍ନତି ଦ୍ୱାରା ହିଁ ପ୍ରମାଣିତ ହେବ ବୋଲି ରାଜ୍ୟ ସରକାର ପ୍ରକାଶ କରିଛନ୍ତି ।

ଏହି ଅବସରରେ କୃଷି ସଚିବ ସଚିନ୍ ରାମଚନ୍ଦ୍ର ଜାଧବ, ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ୍ ନିର୍ମଳଜୀତ ସିଂହ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ପ୍ରମୁଖ ଉପସ୍ଥିତି ଥିଲେ ।

## ନେପାଳ...

ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଯେଉଁ ୯୬ ଭାରତୀୟ ଚୀନ୍ ପଟେ ରହିଯାଇଥିଲେ ସେମାନେ ସଡ଼କ ପଥରେ ନେପାଳ ଅତିକ୍ରମ କରିଛନ୍ତି । ୨୧ ଭାରତୀୟ ଆଜି ଅପରାହ୍ଣ ସୁଦ୍ଧା ଭାରତରେ ପହଞ୍ଚିଛନ୍ତି । ପ୍ରାରମ୍ଭିକ ଆକଳନ ଅନୁଯାୟୀ ଗ୍ଲାସିୟର ଯୋଗୁଁ ନେପାଳରେ ଏଭଳି କାଦୁଅର ସ୍ଖଳନ ଓ ବନ୍ୟା ହୋଇଛି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ୫୫୫ ଜଣ ପର୍ଯ୍ୟଟକଙ୍କୁ ତିବତ୍‌ରୁ ଉଦ୍ଧାର କରାଯାଇଛି । ତେବେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି । ନେପାଳ ପକ୍ଷରୁ ଶୁକ୍ରବାର ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି । ତିବତ୍ ନିକଟରେ ଥିବା ଏକ ଡ୍ୟାମ୍ ଭାଙ୍ଗି ଯିବାପରେ ଏହି ସୂଚନା ଦିଆଯାଇଛି । ଏହି ଡ୍ୟାମ ନିକଟସ୍ଥ ଏକ ହ୍ରଦରେ ପାଣି ଉଛୁଳି ଥିଲା । ଫଳରେ ସେଠାରେ ଥିବା ପ୍ରାକୃତିକ ବନ୍ଧଟି ଭାଙ୍ଗିବାର ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି । ଏଥିରେ ୨ ନିୟୁତ ଘନଫୁଟ ଜଳ ରହିଛି । ତେବେ ବନ୍ୟା ଆଶଙ୍କାକୁ ପରିଚାଳନା କରିହେବ ବୋଲି ନେପାଳ ପକ୍ଷରୁ କୁହାଯାଇଛି । ଭୋଟେକୋଶୀ ଓ ତ୍ରୀଶୁଳ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି । ଉଦ୍ଧାର ଓ ରିଲିଫ କାର୍ଯ୍ୟ ବିପଦ ଘେରକୁ ଚାଲିଯାଇଛି । ରାସ୍ତା, ପୋଲ ଧୋଇଯାଇଛି । ଘର, ବଜାର, କୋଠାଗୁଡ଼ିକ ଧ୍ୱଂଶ ପାଲଟିଛି । କାଦୁଅରର ଏକ ଆସ୍ତରଣରେ ସବୁକିଛି ପୋତି ହୋଇପଡ଼ିଛି । ତେବେ ଆନ୍ଧ୍ରର ଯେଉଁ ୨୮ ତୀର୍ଥଯାତ୍ରୀ କୈଳାଶ ମାନସରୋବର ଯାତ୍ରାରେ ଯାଇଥିଲେ ସେମାନେ ଆଜିସୁଦ୍ଧା ଫେରି ଆସିବେ ବୋଲି ଆଶା ପ୍ରକାଶ ପାଇଛି । ତ୍ରିଶୁଳୀ ଓ ଦେବୀଘାଟ ଜଳବିଦ୍ୟୁତ୍ ପ୍ରକଳ୍ପ ଓ ଅନ୍ୟ ବିଦ୍ୟୁତ୍ ଭିତ୍ତିଭୂମି କ୍ଷତି ହୋଇଛି । ତ୍ରିଶୁଳୀ ଆଇ ପ୍ରକଳ୍ପ ଠାରେ ନେପାଳ ସେନା ପ୍ରାୟ ୩୫୦ ଶ୍ରମିକଙ୍କୁ ଉଦ୍ଧାର କରିଛି । ଏମାନେ ଏକ ଟନେଲ୍ ମଧ୍ୟରେ ରହିଯାଇଥିଲେ । ଏବେବି ୧୦୦ରୁ ଉର୍ଦ୍ଧ୍ୱ ଲୋକ ଏଠାରେ ଫଶିଥିବା ନେଇ ଆଶଙ୍କା କରାଯାଉଛି ।

## ବନ୍ୟାରେ...

ପରିବାର ଓ ଆତ୍ମୀୟସ୍ୱଜନ । ଘଟଣାକୁ ନେଇ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମଧ୍ୟ ସୂଚନା ଦେଇଛନ୍ତି । ନେପାଳରେ ବରଗଡ଼ ସରଲା ଜାମପାଲି ଅଞ୍ଚଳର ଏକ ଦମ୍ପତି ଏବଂ ସେମାନଙ୍କ ଶିଶୁ ନିଖୋଜ ଥିବା ସେ କହିଛନ୍ତି । ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ସରକାରଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି । ନେପାଳରେ ଥିବା ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରି ପରିବାରକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି ।

## ଶିକାରୀ...

ଘଟଣା ପରେ ସେଠାରେ ଥିବା ଶିକାରୀମାନେ କ୍ଷେତ୍ରଙ୍କ ମୃତଦେହକୁ ଘଟଣାସ୍ଥଳରୁ ଉଠାଇ ନେଇଥିଲେ । ପରେ ଘଟଣାସ୍ଥଳଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ପାହାଡ଼ ଭିତର ଏକ ଗୁମ୍ଫାରେ ମୃତଦେହକୁ ଲୁଚାଇ ରଖାଯାଇଥିବା ଜଣାପଡ଼ିଛି । ଏପଟେ କ୍ଷେତ୍ର ଦୀର୍ଘ ସମୟ ଧରି ଘରକୁ ଫେରିନଥିବାରୁ ପରିବାର ଲୋକେ ଚିନ୍ତିତ ହୋଇ ଖୋଜାଖୋଜି ଆରମ୍ଭ କରିଥିଲେ । ପରେ ଘଟଣା ସମ୍ପର୍କରେ ଲରମ୍ବା ଥାନା ପୋଲିସକୁ ଖବର ଦିଆଯାଇଥିଲା । ଖବର ପାଇ ପୋଲିସ ଜଙ୍ଗଲ ଓ ପାହାଡ଼ ଅଞ୍ଚଳରେ ଖୋଜାଖୋଜି ଆରମ୍ଭ କରିଥିଲା । ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିବା ତନାଘନା ପରେ ଶେଷରେ ଏକ ଗୁମ୍ଫା ଭିତରୁ କ୍ଷେତ୍ର ବାଗଙ୍କ ମୃତଦେହ ଠାବ କରିଥିଲା ପୋଲିସ ।

ଘଟଣାରେ ଆହତ ଶାଳୀ ମୁକ ହୋଇଥିବାରୁ ସେ ଏପର୍ଯ୍ୟନ୍ତ ଘଟଣା ସମ୍ପର୍କରେ କିଛି କହିପାରୁନାହାନ୍ତି । ଫଳରେ ବିଦ୍ୟୁତ ଫାସ କିଏ ବିଛାଇଥିଲା, ଘଟଣା ପରେ ମୃତଦେହକୁ କିଏ ଗୁମ୍ଫାରେ ନେଇ ଲୁଚାଇଥିଲା ଏବଂ ଏହା ପଛରେ ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେନେଇ ରହସ୍ୟ ଘନୀଭୂତ ହୋଇଛି । ବାରାହା ଓ ଅନ୍ୟ ବନ୍ୟଜନ୍ତୁ ଶିକାର ପାଇଁ ବେଆଇନ ଭାବେ ବିଦ୍ୟୁତ ତାର ବିଛାଯାଇଥିବା ଅଭିଯୋଗକୁ ନେଇ ପୋଲିସ ତଦନ୍ତ ଚଳାଇଛି । ଏପରି ବେଆଇନ ଶିକାର ପଦ୍ଧତି ଯୋଗୁଁ ବନ୍ୟଜନ୍ତୁଙ୍କ ସହ ନିରୀହ ଲୋକଙ୍କ ଜୀବନ ମଧ୍ୟ ବିପଦରେ ପଡୁଥିବାରୁ ଅଞ୍ଚଳବାସୀ ଉଦବେଗ ପ୍ରକାଶ କରିଛନ୍ତି । ପୋଲିସ ମୃତଦେହ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ବିଦ୍ୟୁତ ଫାସ ବିଛାଇଥିବା ଓ ମୃତଦେହ ଲୁଚାଇବାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଆଇନଗତ ପଦକ୍ଷେପ ନେବା ଦିଗରେ ତଦନ୍ତ ଚାଲିଛି । ଘଟଣାକୁ ନେଇ ଗୁଆଁଡ଼ିହି ଜଙ୍ଗଲ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି ।

# ବନ୍ଧ୍ୟାତ୍ୱ ଚିକିତ୍ସା ପାଇଁ ଦମ୍ପତିଙ୍କ ମଧ୍ୟରେ ଆଗ୍ରହ ବଢୁଛି

ଭୁବନେଶ୍ୱର (ସବ୍ୟୁ) : ବନ୍ଧ୍ୟାତ୍ୱ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତଙ୍କ ବୟସ ୩୫ ରୁ ୪୦ ବର୍ଷ ମଧ୍ୟରେ ରହିଛି । ଆର୍ଥିକ ଚିନ୍ତା, ସଚେତନତାର ଅଭାବ, ବନ୍ଧ୍ୟାତ୍ୱ ତଥା ଏହାର ଚିକିତ୍ସା ସମ୍ବନ୍ଧରେ ଥିବା ଭୁଲ ଧାରଣା, କିମ୍ବା ବିନା ଚିକିତ୍ସାରେ ପ୍ରାକୃତିକ ଭାବେ ଗର୍ଭଧାରଣ ହେବାର ଆଶା ଯୋଗୁଁ ଦମ୍ପତିମାନେ ୩୫ କିମ୍ବା ୪୦ ବର୍ଷ ପର୍ଯ୍ୟନ୍ତ ଚିକିତ୍ସା ନକରାଇ ଡେରି କରୁଛନ୍ତି । ଡାକ୍ତର ଗାୟତ୍ରୀ ଶତପଥୀ କହିଛନ୍ତି, ପିଲା ଜନ୍ମ କରିବା କ୍ଷେତ୍ରରେ ବୟସ ଗୁରୁତ୍ୱପୂର୍ଣ୍ଣ । ଦମ୍ପତିମାନେ ପରୀକ୍ଷା ନିରୀକ୍ଷା କରାଇବାରେ ଡେରି କରିବା ଉଚିତ ନୁହେଁ । ଜଣେ ବନ୍ଧ୍ୟାତ୍ୱ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାର ଅର୍ଥ ସିଧାସଳଖ ଆଇଭିଏଫ୍ ନୁହେଁ । ସମସ୍ୟାର ଯାଞ୍ଚ ଅନୁସାରେ, ଜୀବନଶୈଳୀରେ ପରିବର୍ତ୍ତନ, ଆଇୟୁଆଇ କିମ୍ବା ଆଇଭିଏଫ୍ ମାଧ୍ୟମରେ ଚିକିତ୍ସା କରାଯାଇପାରେ । ଏପରି ଭୁଲ ଧାରଣା ମଧ୍ୟ ରହିଛି ଯେ ଆଇଭିଏଫ୍ କଲେ ସବୁବେଳେ ଅନ୍ୟ କାହାର ଡିମ୍ବାଣୁ ବା ଶୁକ୍ରାଣୁ ବ୍ୟବହାର ହୁଏ ଏବଂ ଜନ୍ମ ହେବାକୁ ଥିବା ପିଲାଟି ସହ ବାପା-ମା'ଙ୍କର ବଂଶଗତ ସମ୍ପର୍କ ରହେନାହିଁ ।

## ମୋ ପଛରେ...

କରିଛି । ପ୍ରକାଶକୁ ବିହାରରୁ ଗିରଫ କରାଯିବା ସହ ତା' ବିରୋଧରେ ମାମଲା ରୁଜୁ ହୋଇଛି । ଏହି ଘଟଣା ପରେ ଜୁଏଲ ଆଜି ଏଭଳି ମନ୍ତବ୍ୟ ଦେଇଛନ୍ତି । ପ୍ରକାଶ ଏକ ପେଶାଦାର ଅପରାଧୀମାନଙ୍କୁ ନେଇ ଏକ ଗ୍ୟାଙ୍ଗ ଗଠନ କରି ବଟି ଆଦାୟ ଓ ଟେଣ୍ଡର ଫିକ୍ସିଂ କରୁଥିବା ପୋଲିସ ସୂତ୍ରରୁ ଜଣାପଡ଼ିଥିଲା ।


34001/701/2627

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
**Mail i.d seccbbsr@gmail.com**
**No. 4675** **Dated. 28.08.2026**
**1st CORRIGENDUM TO TCN NO. 06 (Estg.) of 2026-27**

Due to some unavoidable circumstances the following changes are made for the work as noted below. The date of availability of the bid and the date of opening of bid is hereby modified as follows.

| Sl No | Name of the work | Existing Last Date & time availability of bid/ Opening of Bid on portal | Revised Date & time availability of bid on portal / Opening of Bid on portal. |
|---|---|---|---|
| 1 | Construction of Bhubaneswar-II Excise Station and Bhubaneswar II Excise Range Office at Pada Sahi, Bhubaneswar in the District of Khordha. | 5.00 P.M. of 01.07.2026 to 5.00 PM of 15.07.2026 5.30 P.M of 15.07.2026 | 5.00 P.M. of 02.09.2026 to 5.00 P.M of 17.09.2026 5.30 P.M of 17.09.2026 |

Other details of the T.C.N. No.06 of 2025-26 remain unaltered.

**Sd/-Er.M.K.Mahananda**
**Chief Construction Engineer Central (R&B) Circle, Bhubaneswar**

OIPR : 34001/34156/1/26-27/0014



25001/1037/2627

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, R.W.S.&. S. DIVISION, NABARANGPUR**
**1st CORRIGENDUM NOTICE FOR BID IDENTIFICATION OF E.E.(R.W.S.&S) 08/RWSS-NGP/2026-27/Date: 20-08-2026**

Due to some unavoidable circumstances, the following alterations has been made of this office **e- Procurement Notice No. 08/RWSS-NGP/2026-27, Dated:20.08.2026.**
Accordingly, the following corrigendum is issued:

| Sl No. | Description of items of Annexure-I | As per Scheduled Estimated cost (in lakhs) with GST | As per Scheduled Estimated cost (in lakhs) with GST | Availability of Bid document in the web site | Last date of Seeking clarification | Date of Opening of Bid | Cost of Tender paper | Class of Contractor |
|---|---|---|---|---|---|---|---|---|
| 1 | SUPPLYING OF DRINKING WATER TO GOVT. (SSD) GIRL'S HIGH SCHOOL, BIJRAGUDA UNDER TENTULIKHUNTI BLOCK PERTAINING TO NABARANGAPUR DISTRICT | 32.00 | 28.36 | Dt.31.08.2026 at 01.00 hours to 07.09.2026 up to 17.00 hours | During the Office hours of 05.09.2026 up to 01.00 hours | Dt. 08.09.2026 at 11.00 AM | Rs.6.000/- | "C" & "B" |

*All other terms and conditions of the above e-Procurement Notice shall remain unchanged.

OIPR : 25001/25028/1/26-27/0010 **Sd/- Superintending Engineer R.W.S&S. Division, Nabarangpur**



34001/700/2627

**WORKS DEPARTMENT**
**OFFICE OF THE SUPERINTENDING ENGINEER MAYURBHANJ (R & B) DIVISION, BARIPADA**
e-mail - **bpd_eerb@rediffmail.com**
Government of Odisha "e" Procurement Notice
**Bid Identification No.-S.E.-18/2026-27**

1. Number of works - **(01)**
2. Approximate estimated cost :- **10.85 lakh**
3. Period of Completion : **01 (One) Calendar Months**
4. Date & Time of availability of bid documents in the portal :- **Dt. 31.08.2026 to 05.09.2026**
5. Last Date/Time of receipt of bid in the portal :- **Dt. 08.09.2026 up to 5.00 PM**
6. Date of Opening of bid :- **Dt. 09.09.2026 at 11.00 AM**
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal **http://www.tendersodisha.gov.in**

**Sd/- R.G Ray**
**Superintending Engineer**
**Mayurbhanj (R&B) Division**

OIPR : 34001/34025/1/26-27/0015



13001/1676/2627

**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR,**
**Near Rajiv Bhawan, Unit-V, Bhubaneswar-751001, Odisha, India**
**Telefax: +91-674-2390322 E-mail-gmdivtwowatco@gmail.com**
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
**Dtd.24.08.2026**

01 Nos of the work : 04 Nos (Four nos works)
02 Estimate cost : Rs.68.75 Lakhs to 99.82 Lakhs
03 Period of completion : 02 (Two) Years
04 Class of contractor : B Class
05 Date & Time of availability of bid document in the portal : From 11.00 AM of Dt.29.08.26 to 5.00 PM of 11.09.2026
06 Last date/time of receipt of bids in the portal : 5.00 PM of 11.09.2026
07 Last date & time of seeking clarification : 5.00 PM of 03.09.2026
08 Date & Time of opening of bids : At 12.30 PM of 17.09.2026
09 Name and Address of the Officer Inviting Bid : General Manager WATCO Division-II, BBSR

Further details can be seen from the e-Procurement portal **"https://www.tendersorissa.gov.in"**

**Sd/- GENERAL MANAGER (SEPH), WATCO DIVISION-II, BHUBANESWAR**

OIPR : 13001/13089/1/26-27/0009



**OFFICE OF THE ROURKELA MUNICIPAL CORPORATION: ROURKELA**
13001/1665/2627
**INVITATION FOR BID**
**No. 13601** **Dated 28.08.2026**

**Bid Identification No. :- MC/RMC/58/2026**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. **MC/RMC/58/2026** for 01 no. Civil work with value of **Rs. 27.73 lakh.**

1. Bid documents will be available in website www.tendersorissa.gov.in from **28.08.2026.**
2. Bids must be submitted on "online" on or before **07.09.2026 by 17.00 hours.**
3. Bids shall be opened at 11.00 hours on **08.09.2026** in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

**Sd/- Municipal Commissioner, Rourkela Municipal Corporation**

OIPR : 13001/13131/1/26-27/0051



13001/1671/2627

**OFFICE OF THE EXECUTIVE OFFICER. THE MUNICIPAL COUNCIL, DHENKANAL, DHENKANAL (ODISHA), PIN-759001**
**E-mail:- dhenkanalm.hud@gmail.com**

**No. 2831** **Date. 25.08. 2026**

**Notice Inviting RFP**

The Executive Officer, Dhenkanal Municipality, Dhenkanal invites technical and financial proposals for "Development & implementation of Sanitation Monitoring Application (Software) system for Dhenkanal Municipality" in double cover system through RFP, in conformity with the detailed Bid document "Request for proposal" from eligible consultancy firms/agencies.

The bid documents compressing of eligibility criteria, General Instruction, scope of the work, evaluation of bid etc. can be seen/download from **www.dhenkanalmunicipality.com**

Total No. of works :- 1 (One)
Date and time of availability of the Tender :- Dt.28.08.2026 from 11.00 AM to Dt. 11.09.2026 at 1.00 PM
Last date of Received of the documents :- Dt.11.09.2026 at 1.00 PM
Date & time of Opening :- Dt 11.09.2026 at 04.00 PM

Further details can be seen from the following portal i.e. www.dhenkanalmunicipality.com

**Sd/- Executive Officer**
**Dhenkanal Municipality**

OIPR : 13001/13146/1/26-27/0012



11001/280/2627

**Government of Odisha**
**Higher Education Department**

**Revised Timeline for Phase-I admission into P.G. Courses in the Higher Education Institutions for the Academic Session 2026-27**

It is to inform all concerned that in view of the prevailing flood situation and the difficulties being faced by students and institutions in the affected areas of the State, the timeline for the ongoing admission process for P.G. Courses has been extended.

The revised timeline for admission into P.G. Coourses for the session 2026-27 in the State Public Universities and Colleges participating under 'Student Academic Management System (SAMS)' is as given below.

| Sl# | Activities | Timeline |
|---|---|---|
| | **Round-II Selection & Admission Allotment** | |
| 1 | Last date for reporting of the applicants at the allotted institutions for taking admission (for second Round Selection) | 25-Aug-2026 (05:00 PM) |
| 2 | Data updation of admitted students in the e-Space (for Second Round Admission) by the respective Institutions | 25-Aug-2026 (09:00 PM) |
| | **Round -III Waiting/Spot Selection Round** | |
| 3 | Publication of the list of waitlisted applicants (for the remaining upper choice HEIs Waiting Rank Wise) in HEI's e-Space as well as in the student's login as per the actual vacancy as on 25-Aug- 2026 | 28-Aug-2026 (02:00 PM) |
| 4 | Physical Reporting of interested waitlisted applicants for submission of CAF along with relevant documents in their respective HEIs for participating in the waiting list admission Round. The interested applicants must appear in person; however, a representative with valid ID proof may also be permitted to report on their behalf. | 29-Aug-2026 (11:00 AM) to 31-Aug-2026 (04:00 PM) (Except Holiday) |
| 5 | Publication of merit list among the reported waitlisted applicants at the Notice Board / Website of the HEIs & communicate to the selected applicants via phone call/ SMS/ e-mail/ whatsapp etc. | 02-Sep-2026 (02:00 PM) |
| 6 | Reporting of the **selected** applicants for Validation of documents, Final Admission, Collection of Admission Fees (where applicable) directly by the HEIs in online mode (Net Banking/ Bank Challan/NEFT/UPI etc.) & Admission updation of the waitlisted applicants in the e-space of the HEI. | 03-Sept-2026 (10:00 AM) to 05-Sept-2026 (05:00 PM) (Except Holiday) |
| 7 | Reporting of the **waitlisted** applicants (in case vacancies still remain) for Validation of documents, Admission, Collection of Admission Fees (where applicable) directly by the HEIs in online mode (Net Banking/ Bank Challan/ NEFT/UPI etc.) & Admission updation of the waitlisted applicants in the e-space of the HEI. | 07-Sept-2026 (10:00 AM) & 08-Sept-2026 (05:00 PM) |
| 8 | Publication of Phase-II Admission Process | Subject to Vacancy |

**For more details : e-Admission Helpline (Toll Free) Number 155335 / 1800-345-6770**

**Officer on Special Duty**
**PTC Section**

OIPR : 11001/11001/1/26-27/0041



13001/1664/2627

**କଟକ ମହାନଗର ନିଗମ**
**୧୫୦ ବର୍ଷ ପୂର୍ତ୍ତି**
**ସାୟର ଶାସନ ଦିବସ ପାଳନ ଅବସରରେ**
**କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ**

**କାର୍ଯ୍ୟସୂଚୀ**

**ତା ୨୯.୦୮.୨୦୨୬ ରିଖ**

ପ୍ରାତଃ ୦୯.୦୦ ଘଟିକା : ନିଗମ ଅଂଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଶୁଭ ଉଦ୍‌ଘାଟନ ।
ଅପରାହ୍ଣ ୦୪.୦୦ ଘଟିକା : ସାଧାରଣ ସଭା, ଶହୀଦ ଭବନ, କଟକ

ମୁଖ୍ୟ ଅତିଥି : ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ
ସମ୍ମାନିତ ଅତିଥି : ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ମାନ୍ୟବର ପୂର୍ବତନ ସାଂସଦ (ରାଜ୍ୟସଭା) ତଥା ବିଧାୟକ ଏବଂ ସମ୍ପାଦକ, ସମାଦ
ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ
ମୁଖ୍ୟବକ୍ତା : ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମିଶ୍ର, ମାନ୍ୟବର ଅଧ୍ୟକ୍ଷ, ଜିଲ୍ଲା ପରିଷଦ, କଟକ
ସନ୍ଧ୍ୟା ୦୫.୦୦ ଘଟିକା : ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ।
ସନ୍ଧ୍ୟା ୦୬.୦୦ ଘଟିକା : ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ ।
ସନ୍ଧ୍ୟା ୦୭.୦୦ ଘଟିକା : କଟକ ମହାନଗର ନିଗମ ଚିତ୍ତ ବିନୋଦନ କ୍ଲବ କର୍ମଚାରୀଙ୍କ ଆନୁକୂଲ୍ୟରେ ନାଟକ ପରିବେଷଣ "ଭସା ମେଘର ଛାଇ"

**ତା. ୩୦.୦୮.୨୦୨୬ ରିଖ**

ପ୍ରାତଃ ୦୯.୦୦ ଘଟିକା : ରକ୍ତଦାନ ଶିବିର, ଟାଉନହଲ, କଟକ
ଅପରାହ୍ଣ ୦୪.୦୦ ଘଟିକା : ସାଧାରଣ ସଭା, ଶହୀଦ ଭବନ, କଟକ
ମୁଖ୍ୟ ଅତିଥି : ଶ୍ରୀ ଜଷ୍ଟିସ ଅରିଜିତ ପଶାୟତ, ପ୍ରାକ୍ତନ ବିଚାରପତି, ସର୍ବୋଚ୍ଚ ନ୍ୟାୟାଳୟ ତଥା ଉପାଧ୍ୟକ୍ଷ ଏସ୍.ଆଇ.ଟି.
ମୁଖ୍ୟବକ୍ତା : ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ (ଲୋକସଭା) କଟକ
ସ୍ୱତନ୍ତ୍ର ଅତିଥି : ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ,
ଡଃ. ସୋଫିଆ ଫିରଦୋସ, ମାନ୍ୟବର ବିଧାୟିକା, ବାରବାଟୀ କଟକ, ଡଃ. ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ, କଟକ ସଦର
ସନ୍ଧ୍ୟା ୦୫.୦୦ ଘଟିକା : ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ।
ସନ୍ଧ୍ୟା ୦୭.୦୦ ଘଟିକା : କଟକ ମହାନଗର ନିଗମ ଚିତ୍ତ ବିନୋଦନ କ୍ଲବ କର୍ମଚାରୀଙ୍କ ଆନୁକୂଲ୍ୟରେ ନାଟକ ପରିବେଷଣ "ଭସା ମେଘର ଛାଇ"

**ତା. ୩୧.୦୮.୨୦୨୬ ରିଖ**

ପୂର୍ବାହ୍ଣ -୦୮.୦୦ ଘଟିକା : କଟକ ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଛାତ୍ର/ଛାତ୍ରୀମାନଙ୍କ ସହିତ ଜାତୀୟ ପତାକା ଉତ୍ତୋଳନ କରାଯିବ ।
ପୂର୍ବାହ୍ଣ -୦୯.୩୦ ଘଟିକା : ଦୟାଶ୍ରମ, ବାଳାଶ୍ରମ, ଶିଶୁ ଭବନ, ଅନ୍ଧ ମୂକ ବଧିର ବିଦ୍ୟାଳୟ ଓ ସହାୟ ବିଦ୍ୟାଳୟର ଅନ୍ତେବାସୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯିବ ।
ଅପରାହ୍ଣ -୦୪.୩୦ ଘଟିକା : ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ୱାର୍ଡ ନଂ-୯ ରାଜସ୍ୱ ପୁଷ୍କରିଣୀ ପୁନଃରୁଦ୍ଧାର କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ।
ସନ୍ଧ୍ୟା -୦୫.୦୦ ଘଟିକା : ଶହୀଦ ଭବନ, କଟକ ଠାରେ ସାଧାରଣ ସଭା ଓ ଅତିଥି ସମ୍ବର୍ଦ୍ଧନା ଉତ୍ସବ ଓ କର୍ପୋରେଟରମାନଙ୍କୁ ସମ୍ବର୍ଦ୍ଧନା ।

**ମୁଖ୍ୟ ଅତିଥି :**
ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା
ମୁଖ୍ୟବକ୍ତା : ଡ଼ ସଂଗ୍ରାମ ମିଶ୍ର, ମାନ୍ୟବର ସାଂସଦ (ରାଜ୍ୟସଭା)
ସ୍ୱତନ୍ତ୍ର ଅତିଥି : ଶ୍ରୀଯୁକ୍ତ ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ
ସମ୍ମାନିତ ଅତିଥି ବୃନ୍ଦ : ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, (ଭା.ପ୍ର.ସେ) ଜିଲ୍ଲାପାଳ, କଟକ
ଶ୍ରୀଯୁକ୍ତ ଖିଲାରି ଋଷିକେଶ ଜ୍ଞାନଦେଓ, (ଭା.ପୁ.ସେ) ଡିସିପି, କମିଶନରେଟ ପୋଲିସ, କଟକ
ଶ୍ରୀମତୀ ମୋନାଲିସା ଦାସ, ଅଧ୍ୟକ୍ଷା, ଏଜୁକେସନ, ଲିଟ୍ରେସନ, କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି
ରାତ୍ରି -୦୮.୦୦ ଘଟିକା : ସାଂସ୍କୃତିକ କାର୍ଯ୍ୟକ୍ରମ

ସୁଶ୍ରୀ ଜିଇଦିପ କୌର ସହୋତା, (ଭା.ପ୍ର.ସେ) ଆୟୁକ୍ତ | ସୁଶ୍ରୀ ଦମୟନ୍ତୀ ମାଝୀ ଡେପୁଟି ମେୟର | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର

**ନିଗମର ସମସ୍ତ କର୍ପୋରେଟର, ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ**

OIPR : 11001/11001/1/26-27/0041



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବିଜେପିର ପ୍ରଥମ ବିଧାୟକଙ୍କ ସ୍ମୃତିରେ "ମାଟିର ମହାନାୟକ' ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ପ୍ରଥମ ବିଜେପି ବିଧାୟକ ତଥା ଜନସେବା ପ୍ରତି ସମର୍ପିତ ପ୍ରସନ୍ନ ପଟ୍ଟନାୟକଙ୍କ ଜୀବନ, ଆଦର୍ଶ ଓ ଜନସେବାକୁ ସମର୍ପିତ ସ୍ମୃତି ସଂସ୍କରଣ "ମାଟିର ମହାନାୟକ' ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ଉନ୍ମୋଚିତ ହୋଇଛି । ଏହି ଅବସରରେ ପ୍ରସନ୍ନ ପଟ୍ଟନାୟକ ସ୍ମୃତି ଟ୍ରଷ୍ଟର ମଧ୍ୟ ଉଦଘାଟନ କରାଯାଇଥିଲା । ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଏବଂ ବିଜେପି ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଟ୍ରଷ୍ଟର ଅଧିକୃତ ୱେବ୍‌ସାଇଟ୍ ମଧ୍ୟ ଉନ୍ମୋଚିତ ହୋଇଥିଲା । ଟ୍ରଷ୍ଟ ପକ୍ଷରୁ ପାଞ୍ଚଜଣ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରସନ୍ନ ପଟ୍ଟନାୟକ ମେରିଟ୍ ସ୍କଲାରସିପ୍ ପ୍ରଦାନ କରାଯିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଓ ଜନସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରସନ୍ନ ପଟ୍ଟନାୟକଙ୍କ ନାତୁଣୀ ଅନ୍ୱିତା ପଟ୍ଟନାୟକଙ୍କ ଦ୍ୱାରା "ଭୂମି ମଙ୍ଗଳମ୍' ଶୀର୍ଷକ ଏକ ସ୍ୱତନ୍ତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବା ସହ ଗୋଟିପୁଅ ଓ ପାଇକ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମକୁ ଆହୁରି ଭାବପୂର୍ଣ୍ଣ କରିଥିଲା ।




## ଅପରାଧିକ ରେକର୍ଡ ଲୁଚାଇବା ପଡ଼ିଲା ମହଙ୍ଗା

# କଫ୍ ସିରପ ଜବତ ମାମଲାରେ ଜାମିନ ଆବେଦନ ଖାରଜ

କଟକ, (ସବ୍ୟୁ) : ଚୋରା କଫ୍ ସିରପ୍ କାରବାର ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ଧବଳେଶ୍ୱର ଜେନା ଓରଫ ମଣ୍ଟୁଙ୍କ ଜାମିନ୍ ଆବେଦନକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବର ଅପରାଧିକ ରେକର୍ଡ ବିଷୟରେ କୋର୍ଟଙ୍କୁ ତଥ୍ୟ ଲୁଚାଇବା ଏବଂ ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଚାରପତି ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କ ଏହି ଜାମିନ୍ ଆବେଦନକୁ ଖାରଜ କରିଛନ୍ତି। ବଲାଙ୍ଗୀର ଜିଆରପି ଥାନା ଅଧୀନରେ ଧବଳେଶ୍ୱର ଜେନାଙ୍କ ନିକଟରୁ ୫୯୨ ବୋତଲ (ପ୍ରତ୍ୟେକ ୧୦୦ ମିଲି) କୋଡିନ୍ ଫସଫେଟ୍ ଯୁକ୍ତ 'ଏସ୍କଫ' କଫ୍ ସିରପ୍ ଜବତ କରାଯାଇଥିଲା। ଏହି ଘଟଣାରେ ତାଙ୍କ ବିରୋଧରେ ଏନଡିପିଏସ ଆକ୍ଟର ସେକ୍ସନ ୨୧(ବି) ଅଧୀନରେ ମାମଲା ରୁଜୁ ହୋଇ ବଲାଙ୍ଗୀର ସ୍ୱେଶାଲ କୋର୍ଟରେ ବିଚାରାଧୀନ ରହିଛି। ଶୁଣାଣି ସମୟରେ ଆଡିସନାଲ ପବ୍ଲିକ ପ୍ରୋସିକ୍ୟୁଟର କୋର୍ଟଙ୍କୁ ଜଣାଇଥିଲେ ଯେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବଲାଙ୍ଗୀର ଟାଉନ୍ ଥାନାରେ ୪ଟି ଅପରାଧିକ ମାମଲା ରହିଛି, ଯେଉଁଥିରୁ ୨ଟି ସମାନ ଧରଣର ଏନଡିପିଏସ ମାମଲା ରହିଛି। ଆବେଦନକାରୀ ନିଜ ଜାମିନ୍ ଆବେଦନରେ ଏହି ଅପରାଧିକ ରେକର୍ଡ ବିଷୟରେ କୌଣସି ତଥ୍ୟ ପ୍ରକାଶ ନକରି ସତ୍ୟ ଗୋପନ ରଖିଥିଲେ। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, କୋର୍ଟଙ୍କ ନିକଟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇଥିବା ବ୍ୟକ୍ତି ସ୍ୱେଚ୍ଛାକୃତ ଜାମିନ ସୁବିଧା ପାଇବା ପାଇଁ ହକ୍‌ଦାର ନୁହଁନ୍ତି। ଅପରାଧର ସମ୍ବେଦନଶୀଳତା, ଜବତ ନିଶାଦ୍ରବ୍ୟର ପରିମାଣ ଏବଂ ତଥ୍ୟ ଗୋପନ ରଖିବା କାରଣରୁ ହାଇକୋର୍ଟ ଅଭିଯୁକ୍ତଙ୍କ ଜାମିନ୍ ଖାରଜ କରିଛନ୍ତି।

## ଆନ୍ତର୍ଜାତୀୟ ବାର୍ଷିକ ରାଜଭାଷା ସମ୍ମିଳନୀରେ

# ୟୁନିୟନ୍ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ପ୍ରଥମ ପୁରସ୍କାର




ଭୁବନେଶ୍ୱର, (ସବ୍ୟୁ) : ପ୍ରଥମ ଆନ୍ତର୍ଜାତୀୟ ବାର୍ଷିକ ରାଜଭାଷା ଶିଖର ସମ୍ମିଳନୀ, ଓଡିଶା-୨୦୨୬ରେ ରାଜଭାଷା କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ବ୍ୟାଙ୍କ ଓ ବୀମା କମ୍ପାନୀଗୁଡିକ ମଧ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ରାଜଭାଷା ଉତ୍କୃଷ୍ଟ ପୁରସ୍କାର ବର୍ଗରେ ୟୁନିୟନ୍ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ପ୍ରଥମ ପୁରସ୍କାରରେ ସମ୍ମାନୀତ କରାଯାଇଛି। ଓଡିଶାର ରାଜ୍ୟପାଳ ମହାମହିମ ଡଃ. ହରିବାବୁ କମ୍ଭମପତି ଏବଂ ହିନ୍ଦୀ ପରାମର୍ଶଦାତା କମିଟିର ସଦସ୍ୟ ଡଃ. ବିପିନ କୁମାର ଏବଂ ଅର୍ଥ ମନ୍ତ୍ରଣାଳୟ ତଥା ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟଙ୍କ ଠାରୁ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ତୁଷାରକାନ୍ତ କର ଏବଂ ରାଜଭାଷା ଅଧିକାରୀ ଅଜୟ କୁମାର ପ୍ରସାଦ ପୁରସ୍କାର ସ୍ୱରୂପ ସିଲ୍ଡ ଗ୍ରହଣ କରିଥିଲେ।

# ଜୁଏଲଙ୍କ ମନ୍ତବ୍ୟ ବିଜେପିର ଗୋଷ୍ଠୀ କନ୍ଦଳ ଉଗ୍ର ରୂପକୁ ପ୍ରଦର୍ଶିତ କରୁଛି : ବିଜେଡି

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଏକ ଭିଡିଓ ବାଇଟ ଭାଇରଲ ହେବା ପରେ ବିଜୁ ଜନତା ଦଳ ଏହା ଉପରେ ବିଜେପିର ଅନ୍ତ କନ୍ଦଳ ଉଗ୍ର ରୂପ ନେଲାଣି ବୋଲି କହିଛି। ବିଜୁ ଜନତା ଦଳ ତରଫରୁ ଜାରି କରା ଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, କେନ୍ଦ୍ର ମନ୍ତ୍ରୀ ଓରାମଙ୍କ ଭାଷାରୁ ସ୍ପଷ୍ଟ ହେଉଛି ଯେ ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ରଚା ଯାଇଛି, ଯାହାକୁ ନେଇ ସେ ବିବ୍ରତ ଅଛନ୍ତି। ଏହା ସ୍ପଷ୍ଟ କରୁଛି ଯେ, ବିଜେପିରେ ଅନ୍ତଃ କନ୍ଦଳ ଚରମ ସ୍ତରରେ ପହଁଚିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଜଣେ କେନ୍ଦ୍ର ମନ୍ତ୍ରୀ ଯଦି ବିବ୍ରତ ହୋଇ ପଡୁଛନ୍ତି ଓ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ତାହେଲେ ରାଜ୍ୟର ସାଧାରଣ ନାଗରିକ ନିଜକୁ ସୁରକ୍ଷିତ କିପରି ମଣିବେ? ମନ୍ତ୍ରୀଙ୍କ ମନ୍ତବ୍ୟ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଡ଼ ମହାନ୍ତି କହିଛନ୍ତି, ମନ୍ତ୍ରୀ ଓରାମ ତାଙ୍କ ବକ୍ତବ୍ୟରେ କହିଛନ୍ତି, ଯିଏ ତାଙ୍କୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି, ସେ ତାଙ୍କ ହାତକୁ ଓପାଡି ଫୋପାଡ଼ି ଦେବେ। ମନ୍ତ୍ରୀଙ୍କ ଭାଷାରୁ ତାଙ୍କର କ୍ରୋଧ ସ୍ପଷ୍ଟ ବାରି ହେଉଛି। ମନ୍ତ୍ରୀ ନିଜେ ଆଇନକୁ ହାତକୁ ନେବେ ବୋଲି ସ୍ପଷ୍ଟ ଘୋଷଣା କରୁଛନ୍ତି, ତାହା କେତେଦୂର ଯୁକ୍ତି ଯୁକ୍ତ? ଡ଼ ମହାନ୍ତି ଆହୁରି କହିଛନ୍ତି, ରାଉରକେଲା ସର୍କିଟ ହାଉସରୁ ଅସ୍ତ୍ର ଶସ୍ତ୍ର ଜବତ ଘଟଣାରେ ମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେପି ଯୁବମୋର୍ଚ୍ଚାର ସମ୍ପାଦକ ପ୍ରକାଶ ପାଶ୍ୱାନଙ୍କ ସମ୍ପୃକ୍ତି ଅଭିଯୋଗ ଓ ପରେ ତାଙ୍କର ଗିରଫ, ବିଜେପିରେ ଥିବା ଅନ୍ତଃ କନ୍ଦଳକୁ ପଦାରେ ପକାଇଛି। ବିଜେପି ଯୁବ ନେତା ପାଶ୍ୱାନ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିଲେ ବୋଲି ଅଭିଯୋଗ ହେଉଛି। ଏହି ଘଟଣାରେ ମନ୍ତ୍ରୀ ଓରାମ ଯୁବ ନେତା ପାଶ୍ୱାନଙ୍କୁ ସୁରକ୍ଷା ଦେଉଥିଲେ ବୋଲି ବିଜେପିର ଗୋଟିଏ ଗୋଷ୍ଠି ଅଭିଯୋଗ କରି ଆସୁଥିଲେ। ତେବେ ମନ୍ତ୍ରୀ ଓରାମଙ୍କ ଆଜିର ମନ୍ତବ୍ୟ ବିଜେପି ଦଳରେ ଗୋଷ୍ଠି କନ୍ଦଳର ଉଗ୍ର ରୁପକୁ ପ୍ରଦର୍ଶିତ କରୁଛି।

## ସୁଲୋଚନା ସେବା ସଂଘର ରକ୍ଷା ବନ୍ଧନ ଉତ୍ସବ

# କଟକ ସୁରକ୍ଷା ପାଇଁ ଗଠନ ହେବ ମହାନଗର ସ୍ୱାଭିମାନୀ ଯୁବକ ସଂଘ



କଟକ, (ସ୍ୱପ୍ର) : ହଜାରେ ବର୍ଷର ସହର କଟକର ଐତିହ୍ୟ, ସଂସ୍କୃତି ଭାଇଚାରାକୁ ସୁଦୃଢ କରିବାକୁ ଆରମ୍ଭ ହୋଇଛି ପ୍ରୟାସ । କଟକର ଯୁବବର୍ଗକୁ ଏକାଠି କରି ସହର ସଂସ୍କୃତି, ପରମ୍ପରା, ପର୍ବ, ପର୍ବାଣୀକୁ ସରସ, ସୁନ୍ଦର ଶାନ୍ତି ଶୃଙ୍ଖଳାର ସହିତ କରିବା ଲକ୍ଷ୍ୟରେ ଶୁକ୍ରବାର ସୁଲୋଚନା ସେବା ସଂଘ ପକ୍ଷରୁ ସ୍ଥାନୀୟ ଲିଙ୍କ ରୋଡ଼ ସ୍ଥିତ କାର୍ଯ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହରର ବିଭିନ୍ନ ସଙ୍ଗଠନର ଭାଇ-ଭଉଣୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ଶାନ୍ତି କମିଟି ଭଳି କଟକ ମହାନଗର ସ୍ୱାଭିମାନୀ ଯୁବକ ସଂଘ ନାମରେ ଭିନ୍ନ ଏକ ସଙ୍ଗଠନର ଗଢିବାକୁ ଉତ୍ସବରେ ପ୍ରସ୍ତାବ ରଖାଯାଇଛି । ପଥଭ୍ରଷ୍ଟ ଓ ଭ୍ରମିତ ହେଉଥିବା ଯୁବ ସମୁହଙ୍କୁ ସମ୍ମାନର ସହ ଉଚିତ ମାର୍ଗରେ ଆଣିବା ଏହି ସଙ୍ଗଠନର ଅନ୍ୟତମ ଉଦ୍ଦେଶ୍ୟ ବୋଲି ସମାଜସେବୀ ସୁଶାନ୍ତ ପାତ୍ର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ରଘୁନାଥ ବାରିକ, କୈଳାଶ ବସ୍ତିଆ, ପ୍ରଶାନ୍ତ ପରିଡ଼ା, ପ୍ରତାପ ସ୍ୱାଇଁ, ବିଜୟ ଲକ୍ଷ୍ମୀ ମାହାପାତ୍ର, ଇଂ ଶୈଳେନ୍ଦ୍ର ଭୋଳ, ପ୍ରଭାକର ମଲ୍ଲିକ, ସରୋଜ ରାଉତ, ମାଗୁଣୀ ଦାସଙ୍କ ସମେତ ଯୁବକ, ଛାତ୍ର ଓ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ ।

## ସ୍କୁଲ ସମ୍ମୁଖ ନୋ-ଭେଣ୍ଡିଂ ଜୋନରେ ପରିବା ହାଟ

# ବିଗୁଡୁଛି ପରିମଳ ଓ ଟ୍ରାଫିକ୍ ବ୍ୟବସ୍ଥା, ସଂକ୍ରମଣ ଆଶଙ୍କା

କଟକ, (ସ୍ୱପ୍ର) : ସହରରେ ତାଳଦଣ୍ଡା କେନାଲ ଉଭୟ ପାର୍ଶ୍ୱ ଯିବାଆସିବା ଓ ସୌନ୍ଦର୍ଯ୍ୟକରଣ ପାଇଁ କୋଟିକୋଟି ଅର୍ଥ ବ୍ୟୟ ସେ%o ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଅପାରଗତା ଯୋଗୁଁ ରାସ୍ତାକଡରେ ପାହାଡ଼ ପରି ଅଳିଆ ଆବର୍ଜନା ଗଦାଗଦା ହୋଇ ଦୁର୍ଗନ୍ଧ ହେଉଛି । ସହରରେ ସଫେଇ କାର୍ଯ୍ୟ ପାଇଁ ୩ଟି ଠିକା ସଂସ୍ଥା ମାସିକ କୋଟିକୋଟି ଟଙ୍କା ନେଉଥିବା ବେଳେ ପରିମଳ ବିଭାଗ ଅଧିକାରୀ କାର୍ଯ୍ୟ ତଦାରଖ ପାଇଁ ମଧ୍ୟ ଖର୍ଚ୍ଚ ହେଉଛି ଟଙ୍କା । ହେଲେ ନାମକୁ ମାତ୍ର କାର୍ଯ୍ୟ କରି ବ୍ୟାପକ ଅର୍ଥ ଲୁଟ୍ ହେଉଛି । ଏନେଇ ସୂଚନାଅଧିକାର ଆଇନରେ ତଥ୍ୟ ମିଳୁନାହିଁ । କଟକ ମାତୃଭବନ ସ୍କୁଲ ସମ୍ମୁଖରେ ଥିବା ନୋ ଭେଣ୍ଡିଂ ଜୋନ ସ୍ଥାନରେ ବେଆଇନ ଭାବେ ଜବରଦସ୍ତ ଜବରଦଖଲ କରି ପରିବାହାଟ ହୋଇଥିବା ଯୋଗୁଁ ବର୍ଷା ଦିନରେ ପଚାସଢା ପରିବା ପଡି ଦୁର୍ଗନ୍ଧ ହେବା ସହ ସଂକ୍ରମଣ ଆଶଙ୍କା ଦେଖାଦେଉଛି । ପରିବାହାଟକୁ କିଣାକିଣି କରିବାକୁ ଆସୁଥିବା ଲୋକମାନେ ରାସ୍ତା ଉପରେ ଗାଡି ପାର୍କିଂ ଯୋଗୁଁ ସ୍କୁଲ ଛାତ୍ରଛାତ୍ରୀ ଯିବାଆସିବା ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ସ୍ଥାନୀୟ ପୋଲିସ ପ୍ରଶାସନ ଓ କଟକ ମହାନଗର ନିଗମ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି । ଏଥିପାଇଁ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଓ ଅଞ୍ଚଳବାସୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ସମସ୍ତଙ୍କ ସୁରକ୍ଷା ନିମନ୍ତେ ନୋ ଭେଣ୍ଡିଂ ଜୋନରେ ବେଆଇନ ଭାବେ ହୋଇଥିବା ପରିବାହାଟକୁ ଉଚ୍ଛେଦ କରିବା ସହ କେଏମସି ନିୟମିତ ସଫେଇ କାର୍ଯ୍ୟ କରି ବିଶୋଧନ କରିବା ପାଇଁ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ କେଏମସି କମିଶନର, ମେୟର, ଅଧକ୍ଷ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ, ଜିଲ୍ଲାପାଳ, ଡିସିପି କଟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

# ଆର୍ଯ୍ୟସମାଜରେ ଶ୍ରାବଣୀ ଉପାକର୍ମ ଉଦଘାଟିତ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ଆର୍ଯ୍ୟସମାଜରେ ଶ୍ରାବଣୀ ଉପାକର୍ମ ଓ ବେଦ ସ୍ୱାଧ୍ୟାୟ ସପ୍ତାହ ଉଦଘାଟିତ ହୋଇଯାଇଛି।



ଶ୍ରାବଣ ପୂର୍ଣ୍ଣିମା ଠାରୁ ଜନ୍ମାଷ୍ଟମୀ ଏକ ସପ୍ତାହ ଧରି ହେବାକୁ ଥିବା ଏହି ମହୋତ୍ସବକୁ କୋଲକାତାର ବିଶିଷ୍ଟ ବୈଦିକ ବିଦ୍ୱାନ ବ୍ରହ୍ମଦତ୍ତ ଜିଜ୍ଞାସୁ ଓ ଧର୍ମପତ୍ନୀ ମୀରା ଶାସ୍ତ୍ରୀ ଓମ୍ ଝଣ୍ଡା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ସାମବେଦ ପାରାୟଣ ଯଜ୍ଞ ପରେ 'ଶ୍ରାବଣୀ ଉପାକର୍ମ'ର ତାତ୍ପର୍ଯ୍ୟ ଓ ବେଦ ସ୍ୱାଧ୍ୟାୟ ପର୍ବର ମହତ୍ତ୍ୱ ସମ୍ପର୍କରେ ଶ୍ରୀ ଜିଜ୍ଞାସୁ କହିଥିଲେ ଯେ, ଶ୍ରୁତି ପରମ୍ପରାକୁ ଚିର ଅମ୍ଳାନ ରଖିବା ପାଇଁ ଶ୍ରବଣା ନକ୍ଷତ୍ର ଯୁକ୍ତ ଶ୍ରାବଣୀ ପୂର୍ଣ୍ଣିମା ତିଥିକୁ ବିଶ୍ୱବ୍ୟାପୀ ଶ୍ରୁତି ପର୍ବ, ଶ୍ରାବଣୀ ପର୍ବ ବା ବେଦଶ୍ରବଣ ପର୍ବ ରୂପେ ପାଳନ କରାହୋଇ ଆସୁଛି। ଶ୍ରୀମତୀ ଶାସ୍ତ୍ରୀ ଭଜନ ପରିବେଷଣ ସହ ବୈଦିକ ପରମ୍ପରାର ମହାନ ପର୍ବ ଶ୍ରାବଣୀ ଉପାକର୍ମ ସମ୍ପର୍କରେ କହିଥିଲେ। ଉପାକର୍ମର ପ୍ରଥମ ଦିବସରେ ଯଜମାନ ଭାବେ ରହିଥିଲେ ଉପସଭାପତି ବୀରେନ୍ଦ୍ର କର ଓ ଯୁଗ୍ମ ସମ୍ପାଦକ ଅନିରୁଦ୍ଧ ପଟ୍ଟନାୟକ। ସଭାପତି ଶନ୍ନୋଦେବୀ, ମୁଖ୍ୟ ଉପଦେଷ୍ଟା ଇଂ ବ୍ରଜବନ୍ଧୁ ପଣ୍ଡା, କାର୍ଯ୍ୟକାରୀ କମିଟି ସଦସ୍ୟ ଜୟନ୍ତ କୁମାର ଦେ ପ୍ରମୁଖ ଉପସ୍ଥିତ ଥିଲେ।

ନୂଆପଡ଼ା ସ୍ଥିତ ଆମସେନା ଗୁରୁକୁଳର ବ୍ରହ୍ମଚାରୀମାନେ ଯଜ୍ଞ ପରିଚାଳନା କରିବା ସହ ଭଜନ ପରିବେଷଣ କରିଥିଲେ। ସଂଯୋଜନା କରିଥିଲେ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ଓ କୋଷାଧ୍ୟକ୍ଷ ସୁନୀଲ କୁମାର ଦେ। ଆସନ୍ତା ୭ ଦିନ ଧରି ସାମବେଦ ପାରାୟଣ ଯଜ୍ଞ ସହ ବହୁ ବୈଦିକ ବିଦ୍ୱାନଙ୍କ ପ୍ରବଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଛି। ୨୯ ତାରିଖ ଠାରୁ ୬ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱରର ୮ଟି ସ୍ଥାନରେ ଶ୍ରାବଣୀ ଉପାକର୍ମ ମଧ୍ୟ ଆୟୋଜନ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୪ ତାରିଖ ଜନ୍ମାଷ୍ଟମୀରେ ମହୋତ୍ସବ ଉଦଯାପିତ ହେବ ବୋଲି ଆର୍ଯ୍ୟସମାଜ ପକ୍ଷରୁ କୁହାଯାଇଛି।

# ବ୍ରାଉନସୁଗର ଜବତ, ଜଣେ ଗିରଫ

କଟକ,(ସବ୍ୟୁ): ଅବକାରୀ ବିଭାଗ ପକ୍ଷରୁ ନିଶା ବିରୋଧୀ ଅଭିଯାନ ସମୟରେ ଜଣେ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ବୈରୀ ଥାନା ଅନ୍ତର୍ଗତ ସୋଲାରଗଡ଼ ଅଞ୍ଚଳର ମନୋଜ ସାମଲ (୩୧) ନାମକ ଅଭିଯୁକ୍ତଙ୍କଠାରୁ ୧୩୧ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ଶୁକ୍ରବାର ଅଭିଯୁକ୍ତ ମନୋଜ ନିଶାଦ୍ରବ୍ୟ ଧରି ରାଜପଥର ଟାଙ୍ଗୀ ଗୋବିନ୍ଦପୁର ଛକରେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ଅବକାରୀ ଉପଅଧୀକ୍ଷକ ବିକାଶ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ତଲାସି ସମୟରେ ତାଙ୍କ ନିକଟରୁ ୧୩୧ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଥିଲା। ତଦନ୍ତରୁ ଅଭିଯୁକ୍ତ ଦୀର୍ଘଦିନ ଧରି ବାଲେଶ୍ୱରରୁ ନିଶାଦ୍ରବ୍ୟ ଆଣି ବିଭିନ୍ନ ଜିଲ୍ଲାକୁ ଚାଲାଣ କରୁଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ ପରେ ତାଙ୍କୁ ଜେଲ୍ ପଠାଯାଇଛି। ଚଢ଼ଉରେ ଇନ୍ସପେକ୍ଟର ଅବନୀ କୁମାର ମହାପାତ୍ରଙ୍କ ସମେତ ମାନସ କୁମାର ମିଶ୍ର, ପ୍ରକାଶ କୁମାର ଶତପଥୀ, ରଞ୍ଜନ କୁମାର ପାତ୍ର ଓ ଦୀପକ କୁମାର ସାହୁ ପ୍ରମୁଖ ସାମିଲ ଥିଲେ।

# ଇଣ୍ଡିଆ ଜାପାନ ଫ୍ରେଣ୍ଡସିପ ସେଣ୍ଟରରେ ରକ୍ଷାବନ୍ଧନ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ସମ୍ପର୍କର ପବିତ୍ର ବନ୍ଧନ ରକ୍ଷା ବନ୍ଧନ। ପୁରପଲ୍ଲୀରେ ବେଶ ଧୂମଧାମ ରେ ଅନୁଷ୍ଠିତ ହୋଇଯାଇଛି। ଭାଇ ହାତରେ ରାକ୍ଷୀ ବାନ୍ଧି ଶୁଭ ମନାସିଛି ଭଉଣୀ। ଅପରପକ୍ଷରେ ଭଉଣୀକୁ ସୁରକ୍ଷା ଦେବାରେ ଏହି ରାକ୍ଷୀ ପୂର୍ଣ୍ଣିମା ପର୍ବ ସ୍ଥାନୀୟ ଇଣ୍ଡିଆ ଜାପାନ ଫ୍ରେଣ୍ଡସିପ ସେଣ୍ଟରରେ ମଧ୍ୟ ପାଳିତ ହୋଇଯାଇଛି। ଜାପାନ ମହିଳା ମାନେ ସେଣ୍ଟରରେ ଥିବା ଶ୍ରୀଜୀଉଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ପୂଜାର୍ଚ୍ଚନା କରିଥିଲେ। ସଭାପତି ଶ୍ରୀମନ୍ତ କୁମାର ଦାଶଙ୍କ ସମେତ ଅନ୍ୟ ସଦସ୍ୟଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଏହି ଅବସରରେ ଶ୍ରୀ ଦାଶ ବିଦେଶୀ ମହିଳାମାନଙ୍କୁ ଓଡ଼ିଆ ପର୍ବ ରକ୍ଷାବନ୍ଧ ନ ପରମ୍ପରା ସଂପର୍କରେ ଜାପାନୀ ଭାଷାରେ ଅନୁବାଦ କରି ସେମାନଙ୍କୁ ଅବଗତ କରାଇଥିଲେ। ଏହି ପର୍ବ ପଛରେ ଥିବା ଭାଇ ଓ ଭଉଣୀଙ୍କ ସ୍ନେହ ଓ ଭଲପାଇବା ଶୁଣିବା ପରେ ସେମାନେ ଖୁସି ହୋଇଥିଲେ । ଏହି ଅବସରରେ କେବଳ ଯେ, ରାକ୍ଷୀ ବନ୍ଧନ ନୁହେଁ, ଓଡ଼ିଆଙ୍କର ବିଭିନ୍ନ ପର୍ବ ପର୍ବାଣୀରେ ଜାପାନୀ ପର୍ଯ୍ୟଟକ ମାନେ ସାମିଲ୍ ହୋଇ ପର୍ବକୁ ପାଳନ କରିଥାନ୍ତି। ଏହାଦ୍ୱାରା ଓଡ଼ିଶାର କଳା ଓ ସଂସ୍କୃତି ଏବଂ ପଯ୍ୟଟନର ପ୍ରଚାର ଓପ୍ରସାର ହୋଇପାରିବ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଛନ୍ତି।



# ଜାତୀୟ କ୍ରୀଡ଼ା ଦିବସ ଅବସରରେ 'ଯୁବା କନେକ୍ଟ' କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଜାତୀୟ କ୍ରୀଡ଼ା ଦିବସ ୨୦୨୬ ଅବସରରେ କିଟ୍ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବ୍ୟୁରୋ ପକ୍ଷରୁ 'ଖେଲୋ ଇଣ୍ଡିଆ ଡାଏଲଗ୍ – ନ୍ୟାସନାଲ ସ୍ପୋର୍ଟସ ଡେ ଅବଜରଭେସନ ୨୦୨୬ – ଯୁବା କନେକ୍ଟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ଏନ୍‌ଏସ୍‌ଏସ୍ ସେଲ୍, ଭାରତ ସରକାରଙ୍କ ଯୁବ କାର୍ଯ୍ୟକ୍ରମ ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା। ଏହା ପରେ ଅନୁଷ୍ଠିତ 'ଯୁବା ସମ୍ବାଦ' ଅଧିବେଶନରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ କ୍ରୀଡ଼ା ମାଧ୍ୟମରେ ଯୁବଶକ୍ତିକୁ ସଶକ୍ତ କରିବା ସମ୍ପର୍କରେ ନିଜ ମତାମତ ଓ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ।

ଏହା ସହିତ ପ୍ରସିଦ୍ଧ କ୍ରୀଡ଼ାବିତ୍ ଦୂତୀ ଚାନ୍ଦଙ୍କ ସମେତ ଅନ୍ୟ ତିନିଜଣ ବିଜେତା କ୍ରୀଡ଼ାବିତ୍‌ଙ୍କ ସହ ଏକ ଆକର୍ଷଣୀୟ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ 'ନିଶାମୁକ୍ତ ଶପଥ' ଗ୍ରହଣ କରାଯାଇଥିଲା। ଏହି ଅବସରରେ ୭୦୦ରୁ ଅଧିକ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କିଟ୍-ଡିମ୍ଡର କୁଳପତି ପ୍ରଫେସର (ଡ.) ସରଣଜିତ ସିଂହ ଯୋଗଦେଇ ପ୍ରେରଣାଦାୟକ ଅଭିଭାଷଣ ମାଧ୍ୟମରେ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଏହାସହ ପ୍ରଫେସର (ଡ.) ଜ୍ଞାନ ରଞ୍ଜନ ମହାନ୍ତି, ପ୍ରୋ-ଭାଇସ୍ ଚାନ୍ସେଲର (ଆଡମିନିଷ୍ଟ୍ରେସନ୍)-କମ୍-ରେଜିଷ୍ଟ୍ରାର, କିଟ୍-ଡିମ୍ଡ; ଡ. ରମେଶ ଚନ୍ଦ୍ର ବେହେରା, ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ-କମ୍-ଡେପୁଟି ସେକ୍ରେଟାରୀ, ଉଚ୍ଚଶିକ୍ଷା ବିଭାଗ, ଅଜିତ କୁଶୱାହା, ଆଞ୍ଚଳିକ ନିର୍ଦ୍ଦେଶକ, ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟ, ଭୁବନେଶ୍ୱର; ଡ. ଗଗନେନ୍ଦୁ ଦାଶ, ମହାନିର୍ଦ୍ଦେଶକ, କ୍ରୀଡ଼ା ଓ ଯୋଗ, କିଟ୍ ଓ କିସ୍; ବିକାଶ ରଞ୍ଜନ ପ୍ରଧାନ, ମାଇ ଭାରତ ଜିଲ୍ଲା ଯୁବ ଅଧିକାରୀ, ଖୋର୍ଦ୍ଧା ଏବଂ ଅଭିଷେକ ମଣ୍ଡଳ, ଉପନିର୍ଦ୍ଦେଶକ, ମାଇ ଭାରତ, ଖୋର୍ଦ୍ଧା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ କୋଅର୍ଡିନେଟର ଡ. ପ୍ରଭାତ କୁମାର ରାଉତଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏବଂ ଏନ୍‌ଏସ୍‌ଏସ୍ ଲିଆଜନ୍ ଅଫିସର ଡ. ସ୍ମୃତି ରଞ୍ଜନ ଦାସଙ୍କ ସହଯୋଗରେ ଆୟୋଜିତ ହୋଇଥିଲା।



## ରକ୍ଷାବନ୍ଧନ ଅବସରରେ ବେଦାନ୍ତ ଆଲୁମିନିୟମ

# ଯବାନଙ୍କୁ ସମ୍ମାନ ଜଣାଇବା ସହିତ ଗ୍ରାମୀଣ ମହିଳା କାରିଗରଙ୍କୁ ସଶକ୍ତ କରିଛି

ଭୁବନେଶ୍ୱର, (ସବ୍ୟୁ): କୃତଜ୍ଞତା, ସୁରକ୍ଷା ଓ ଏକତାର ମୂଲ୍ୟବୋଧର ପ୍ରତୀକ ରକ୍ଷାବନ୍ଧନ ପର୍ବକୁ ଅର୍ଥପୂର୍ଣ୍ଣ ଭାବରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପାଳନ କରିଛି। ଲାଞ୍ଜିଗଡ଼, ଝାରସୁଗୁଡ଼ା, ବାଲ୍‌କୋ ଓ କୋଇଲା ଖଣି ଅଂଚଳରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ କମ୍ପାନୀ ରକ୍ଷାବନ୍ଧନର ପରମ୍ପରାକୁ ଏକ ବ୍ୟାପକ ସାମାଜିକ ବାର୍ତାରେ ପରିଣତ କରିଛି। ଦେଶର ଦୁର୍ଗମ ସୀମାନ୍ତ ଅଂଚଳରେ କାର୍ଯ୍ୟରତ ୧,୦୦୦ରୁ ଅଧିକ ଯବାନଙ୍କ ପାଇଁ ହସ୍ତନିର୍ମିତ ରାଖି ଓ ପର୍ବ ଉପହାର ପଠାଯାଇଥିବା ବେଳେ ଗ୍ରାମୀଣ ମହିଳା କାରିଗରଙ୍କୁ ସେମାନଙ୍କ ହସ୍ତଶିଳ୍ପ ପ୍ରଦର୍ଶନର ସୁଯୋଗ ଦିଆଯାଇଛି। ଏଥିସହ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଆଗଧାଡ଼ିର କର୍ମଚାରୀଙ୍କ ଅବଦାନକୁ ମଧ୍ୟ ସମ୍ମାନିତ କରାଯାଇଛି। ଲାଞ୍ଜିଗଡ଼ରେ ରକ୍ଷାବନ୍ଧନ ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ଓ ଘରଠାରୁ ଦୂରରେ ଥିବା ଯବାନଙ୍କ ପ୍ରତି କୃତଜ୍ଞତା ଜଣାଯାଇଥିଲା। ବେଦାନ୍ତ ପକ୍ଷରୁ ୧,୦୦୦ରୁ ଅଧିକ ହସ୍ତନିର୍ମିତ ରାଖି, ପାରମ୍ପରିକ ମିଠା, ପର୍ବ ସମ୍ବନ୍ଧୀୟ ବ୍ୟାନର ଓ ସ୍ଥାନୀୟ ଭାବେ ପ୍ରସ୍ତୁତ କଳାକୃତି ଯବାନମାନଙ୍କ ପାଖକୁ ପଠାଯାଇଥିଲା। ଏହି କଳାକୃତିଗୁଡ଼ିକ ଅଂଚଳର ସମୃଦ୍ଧ ଆଦିବାସୀ କଳା ଓ ସାଂସ୍କୃତିକ ଐତିହ୍ୟର ପ୍ରତିଫଳନ ଥିଲା। ସିଆଚେନ, ସିକ୍କିମ, ଅରୁଣାଚଳ ପ୍ରଦେଶ ଓ ରାଜସ୍ଥାନ ସୀମା ଅଂଚଳରେ ନିୟୋଜିତ ଯବାନଙ୍କ ପାଖକୁ ସ୍ଥାନୀୟ ସମୁଦାୟର କୃତଜ୍ଞତା ଓ ଏକତାର ବାର୍ତା ମଧ୍ୟ ପହଂଚାଯାଇଥିଲା। ଏହା ସହିତ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ, ସିକ୍ୟୁରିଟି ଇଂଟେଲିଜେନ୍ସ ସର୍ଭିସେସ୍ ଓ ଲାଞ୍ଜିଗଡ଼ ଥାନାର ପ୍ରତିନିଧିମାନଙ୍କୁ କର୍ମଚାରୀମାନେ ରାଖି ବାନ୍ଧି ସମଗ୍ର ଅଂଚଳର ସୁରକ୍ଷା ଓ ନିରାପତା ରକ୍ଷାରେ ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇଥିଲେ।

ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, "ରକ୍ଷାବନ୍ଧନ ସୁରକ୍ଷା, କୃତଜ୍ଞତା ଓ ସାମୁଦାୟିକ ବନ୍ଧନର ପ୍ରତୀକ ଅଟେ। ଏହି ମୂଲ୍ୟବୋଧ ଆମ ସାଂଗଠନିକ ଦର୍ଶନର ମୂଳଭିତି ମଧ୍ୟ ଅଟେ। ଚଳିତବର୍ଷ ଆମେ ଉତ୍ସବକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରି ଦୁର୍ଗମ ସୀମାନ୍ତରେ ଦେଶର ସୁରକ୍ଷା କରୁଥିବା ଆମ ସଶସ୍ତ୍ର ବାହିନୀର ଯବାନଙ୍କୁ ସମ୍ମାନ ଜଣାଇବା ସହ ସ୍ଥାନୀୟ ମହିଳା କାରିଗରଙ୍କ ପାଇଁ ଆର୍ଥିକ ସୁଯୋଗ ସୃଷ୍ଟି କରିଛୁ। ପାରମ୍ପରିକ ହସ୍ତଶିଳ୍ପକୁ ସ୍ଥାୟୀ ଜୀବିକା ସହ ଯୋଡ଼ିବା ଏବଂ ଯୁବପିଢ଼ିକୁ ପରିବେଶ ସୁରକ୍ଷା ସହ ସାମିଲ କରିବା ମାଧ୍ୟମରେ ଆମେ ଆମ ସହଭାଗୀ ସମୁଦାୟଗୁଡ଼ିକରେ ଦୀର୍ଘସ୍ଥାୟୀ ସାମାଜିକ ମୂଲ୍ୟ ସୃଷ୍ଟି କରିବାକୁ ଚାହୁଁଛୁ।" ଉତର ସିକ୍କିମର ଲାଚୁଙ୍ଗରେ ନିୟୋଜିତ ଜଣେ ଭାରତୀୟ ସେନା ଅଧିକାରୀ କହିଛନ୍ତି, "ଆମ ମଧ୍ୟରେ ମାଇଲ ମାଇଲ ଦୂରତା ଥାଇପାରେ ଏବଂ ଚାରିପଟେ ବରଫ ଥାଇପାରେ, କିନ୍ତୁ ରାଖିର ବନ୍ଧନ କୌଣସି ଦୂରତାକୁ ମାନେ ନାହିଁ। ବରଫାଚ୍ଛାଦିତ ଲାଚୁଙ୍ଗ ପର୍ବତରେ ଦେଶର ସୁରକ୍ଷା କରୁଥିବା ଯବାନଙ୍କୁ ମନେ ରଖିଥିବାରୁ ବେଦାନ୍ତକୁ ଆମେ ଧନ୍ୟବାଦ ଜଣାଉଛୁ।



ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀ ଉଦ୍ୟୋଗିନୀ ଓ ପ୍ରୋଜେକ୍ଟ ବେଦକଳା ମାଧ୍ୟମରେ ମହିଳା ଉଦ୍ୟୋଗିତା, ସ୍ଥାୟୀ ଜୀବିକା ଓ ପରିବେଶ ଅନୁକୂଳ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେଇଥିଲା। ଏହି ପ୍ରକଳ୍ପ ସହ ଜଡ଼ିତ ମହିଳା କାରିଗରମାନେ ଝୋଟ, କଏର ଓ ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀରୁ ପ୍ରସ୍ତୁତ ବିଭିନ୍ନ ହସ୍ତନିର୍ମିତ ରାଖି ପ୍ରଦର୍ଶନ କରିଥିଲେ। ପାରମ୍ପରିକ କାରିଗରୀକୁ ଆଧୁନିକ ପରିବେଶ ସଚେତନତା ସହ ଯୋଡ଼ି ଏହି ପଦକ୍ଷେପ ମହିଳା କାରିଗରଙ୍କୁ ସେମାନଙ୍କ ସୃଜନଶୀଳତା ପ୍ରଦର୍ଶନ ପାଇଁ ମଂଚ ଦେବା ସହିତ ପରିବେଶ ଅନୁକୂଳ ଭାବେ ପର୍ବ ପାଳନ ପାଇଁ ଲୋକଙ୍କୁ ଉତ୍ସାହିତ କରିଥିଲା। ବାଲ୍କୋରେ ରକ୍ଷାବନ୍ଧନ ପରସ୍ପର ସମ୍ମାନ ଓ କୃତଜ୍ଞତାର ବନ୍ଧନକୁ ସୁଦୃଢ଼ କରିବାର ଅବସର ପାଲଟିଥିଲା। ବେଦାନ୍ତ ଆଲୁମିନିୟମର ବିଭିନ୍ନ କୋଇଲା ଖଣିରେ ମଧ୍ୟ ସାମୁଦାୟିକ ଏକତା ଓ ପରିବେଶ ସଚେତନତାକୁ କେନ୍ଦ୍ର କରି ରକ୍ଷାବନ୍ଧନ ପାଳନ କରାଯାଇଥିଲା। ଜାମଖାଣି କୋଇଲା ଖଣିରେ ଓମ୍ ଶାନ୍ତି ବ୍ରହ୍ମାକୁମାରୀଜଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମଚାରୀ, ଅଂଶୀଦାର ଓ ସମୁଦାୟ ସଦସ୍ୟମାନେ ଯୋଗଦେଇ ସମନ୍ୱୟ ଓ ପରସ୍ପର ସମ୍ମାନର ବାର୍ତା ଦେଇଥିଲେ।





ନେପାଳରେ ଆକସ୍ମିକ ବନ୍ୟା ପରବର୍ତ୍ତୀ ସ୍ଥିତିର ଛାତିଥରା ଦୃଶ୍ୟ । ମାଟିତଳୁ ଲୋକଙ୍କୁ ଉଦ୍ଧାର କରିବାକୁ ନୟାନ୍ତ ହେଲେଣି ଉଦ୍ଧାରକାରୀ ଦଳ

# ଭାସିଗଲା ଘର, ରାତି କାଟିଲେ ଜଙ୍ଗଲରେ

**କାଠମାଣ୍ଡୁ:** ନେପାଳରେ ଭୟଙ୍କର ଆକସ୍ମିକ ବନ୍ୟା ଓ ଭୂସ୍ଖଳନରୁ ବର୍ତ୍ତିଥିବା ଲୋକେ ଏବେ ନିଜର ଲୋମହର୍ଷକ ଅନୁଭୂତି ବର୍ଣ୍ଣନା କରୁଛନ୍ତି। ଭୟଙ୍କର ଜଳସ୍ରୋତରୁ ପ୍ରାଣ ବଞ୍ଚିଯାଇଥିଲେ ମଧ୍ୟ ଅନେକଙ୍କ ଘର, କାର୍ଯ୍ୟସ୍ଥଳ ଓ ସମ୍ପୂର୍ଣ୍ଣ ବସତି ମାଟିରେ ମିଶିଯାଇଛି। ରସୁଓ୍ୱା ଜିଲ୍ଲାର ତିମୁରେ

## ଉଦ୍ଧାର କଲା ହେଲିକପ୍ଟର

ଅଞ୍ଚଳରେ ବନ୍ୟାରୁ ବର୍ତ୍ତିଥିବା ଲୋକଙ୍କ କହିବା ଅନୁସାରେ, ସେମାନେ ଯେପରି ଦ୍ୱିତୀୟ ଜୀବନ ପାଇଛନ୍ତି।ରସୁଓ୍ୱା ଜିଲ୍ଲାର କଷ୍ଟମ୍ସ ଏଜେଣ୍ଟ ରାଜୁ ବୁଧାଥୋକିଙ୍କ ପାଇଁ ବୁଧବାର ସକାଳ ଅନ୍ୟ ଦିନ ଭଳି ଆରମ୍ଭ ହୋଇଥିଲା। କିନ୍ତୁ ସକାଳ ପ୍ରାୟ ୮ଟା ୪୫ରେ ସେ ତିମୁରରେ ନିଜ କୋଠରିରେ ବିଶ୍ରାମ ନେଉଥିବାବେଳେ ପାହାଡ଼ ଥରିବାକୁ ଲାଗିଥିଲା। ଭୂକମ୍ପ ହୋଇଛି ଭାବି ସେ



ବାହାରକୁ ଦୌଡ଼ିଥିଲେ। ନିକଟସ୍ଥ ପୁଲିସ ଚୌକିକୁ ଯିବାବେଳେ ସେଠାରେ ପୁଲିସ କର୍ମଚାରୀମାନେ ମଧ୍ୟ ପ୍ରାଣ ବଞ୍ଚାଇ ଦୌଡୁଥିବା ଦେଖିଥିଲେ। ତାର ଜାଲି ଡେଇଁ ପଳାଇବାବେଳେ ତାଙ୍କ ହାତରେ ଆଘାତ ଲାଗିଥିଲା। ତଥାପି ସେ ଦୌଡ଼ିବା ବନ୍ଦ କରିନଥିଲେ। ପଛକୁ ଚାହିଁ ଦେଖିବାବେଳକୁ ତିମୁର ବଜାରର ଘରଗୁଡ଼ିକ ଗୋଟିଏ ପରେ ଗୋଟିଏ ବନ୍ୟା ପାଣିରେ ଭାସିଯାଉଥିଲା। ଶେଷରେ ସେ ପାହାଡ଼ ଉପରକୁ ଚଢ଼ି ପ୍ରାୟ ୫୦୦ ମିଟର ଦୂରରେ ଥିବା ଜଙ୍ଗଲରେ ପହଞ୍ଚି ଆଶ୍ରୟ ନେଇଥିଲେ। ତ୍ରିଶୁଳୀର ଏକ ହସ୍ପିଟାଲରୁ ସେ କହିଛନ୍ତି, ଜଙ୍ଗଲରୁ ତିମୁର ଆଡ଼କୁ ଚାହିଁ ସେ କେବେ ବି ଏଭଳି ଦ୍ୱିତୀୟ ଜୀବନ ପାଇବେ ବୋଲି ଭାବିନଥିଲେ।ଅନ୍ୟ ଜଣେ କଷ୍ଟମ୍ସ ଏଜେଣ୍ଟ ପ୍ରକାଶ ଗୌତମ ମଧ୍ୟ ସେହି ଭୟଙ୍କର ମୁହୂର୍ତ୍ତର ବର୍ଣ୍ଣନା କରିଛନ୍ତି। ପ୍ରଥମେ ପ୍ରଚଣ୍ଡ ଗର୍ଜନ ଶୁଣାଯିବା ପରେ କିଛି କ୍ଷଣ ମଧ୍ୟରେ ସମଗ୍ର ବଜାର ଅନ୍ଧକାରରେ ଢାଙ୍କି ହୋଇଯାଇଥିଲା ଏବଂ କଳା ମେଘ ଭଳି ଏକ ବିଶାଳ ଆବରଣ ଆକାଶକୁ ଘୋଡ଼ାଇ ଦେଇଥିଲା। ସେ କେଉଁ ଆଡ଼କୁ ଦୌଡୁଛନ୍ତି ଜାଣିନଥିଲେ, କେବଳ ପ୍ରାଣ ବଞ୍ଚାଇବାକୁ ଦୌଡ଼ିଥିଲେ। ପାହାଡ଼ ଉପର ଜଙ୍ଗଲରୁ ସେ ତଳେ ଶବଗୁଡ଼ିକ ପାଣିରେ ଭାସୁଥିବା ଦେଖିଥିଲେ। ଆଖି ସାମ୍ନାରେ ସୁନ୍ଦର ତିମୁର ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଥିଲା। ଗୌତମ ଓ ଅନ୍ୟମାନେ ବୁଧବାର ରାତି ଜଙ୍ଗଲରେ କାଟିଥିଲେ।

## ଦେବଦୂତ ସାଜି ପହଞ୍ଚିଲେ ପାଇଲଟ

**ନେପାଳ:** ବନ୍ୟାଜଳର ପ୍ରଖର ସ୍ରୋତରେ ନେପାଳର ରାସ୍ତାଘାଟ, ଘରଦ୍ୱାର ତାସ ଘର ପରି ଭାସି ଯାଇଛି। ଏହି ଭୟଙ୍କର ବନ୍ୟା ପରେ ଏକ ଭିଡିଓ ସାମ୍ନାକୁ ଆସିଛି। ଭାଇରାଲ ଭିଡିଓରେ, ଜଣେ ବ୍ୟକ୍ତି ଜୀବନ ଏବଂ ମୃତ୍ୟୁ ମଧ୍ୟରେ ଛଟପଟ ହେଉଥିବାର ଦେଖିବାକୁ ମିଳୁଛି। ଭିଡିଓରେ ଜଣେ ବ୍ୟକ୍ତି ଘର ଛାତ ଉପରେ ଛିଡ଼ା ହୋଇଛନ୍ତି। ଘର ଚାରିପାଖରେ ମଇଳା ପାଣି ଏବଂ କାଦୁଅରେ ପରିପୂର୍ଣ୍ଣ। ଧୀରେଧୀରେ ବୃଦ୍ଧି ପାଉଛି ବନ୍ୟା ଜଳସ୍ତର। ବଞ୍ଚିବାର ସବୁ ଆଶା ଛାଡ଼ି ଦେଇଥିଲେ ଉକ୍ତ ବ୍ୟକ୍ତି। ଠିକ ଏହି ସମୟରେ ଆକାଶରୁ ହେଲିକପ୍ଟରର ଶବ୍ଦ ଶୁଣିବାକୁ ପାଇଥିଲେ ସେ। ଉପସ୍ଥିତ ବୁଦ୍ଧି ଖଟାଇ ସଙ୍ଗେସଙ୍ଗେ ପିନ୍ଧିଥିବା ସାର୍ଟ ଖୋଲି ହଲାଇବାକୁ ଲାଗିଥିଲେ ବ୍ୟକ୍ତି ଜଣକ। ସୌଭାଗ୍ୟବଶତଃ ପାଇଲଟ ଟି-ସାର୍ଟ ହଲାଉଥିବା ବ୍ୟକ୍ତିଙ୍କୁ ତୁରନ୍ତ ଦେଖିପାରିଥିଲେ । ବିଳମ୍ବ ନକରି ପାଇଲଟ୍ ବିମାନକୁ ସିଧାସଳଖ ଘରର ଛାତ ଆଡ଼କୁ ନେଇଯାଇଥିଲେ। ଉଚ୍ଚ କୋଠା ଏବଂ ସଂକୀର୍ଣ୍ଣ ସ୍ଥାନ ଯୋଗୁଁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ଦେଖା ଦେଇଥିଲା। କିନ୍ତୁ ଦୁଇ କିମ୍ବା ତିନୋଟି ବିଫଳ ପ୍ରୟାସ ପରେ ସାହସୀ ପାଇଲଟ୍ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ନେଇଥିଲେ।

## ରାସ୍ତାରେ ମାଲବାହୀ ଟ୍ରକର ଲାଗିଛି ଧାଡ଼ି

**ଲକ୍ଷ୍ନୌ:** ନେପାଳରେ ବନ୍ୟା ଯୋଗୁଁ ଭାରତ ଓ ପଡ଼ୋଶୀ ନେପାଳ ମଧ୍ୟରେ ସୀମାପାର ବାଣିଜ୍ୟ ବାଧାପ୍ରାପ୍ତ ହୋଇଛି। ବନ୍ୟା କ୍ଷତିଗ୍ରସ୍ତ ରାସ୍ତା ଯୋଗୁଁ ଉତ୍ତର ପ୍ରଦେଶର ମହାରାଜଗଞ୍ଜ ଦେଇ କାଠମାଣ୍ଡୁ ଓ ନେପାଳର ଅନ୍ୟାନ୍ୟ ଅଂଶକୁ ମାଲବାହୀ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି।ନେପାଳରେ ପ୍ରବେଶ କରିବାକୁ ଟ୍ରକଗୁଡ଼ିକ ଅପେକ୍ଷା କରିଥିବାରୁ ମହାରାଜଗଞ୍ଜର ସୋନୌଲି ସୀମାର ଭାରତ ପାର୍ଶ୍ୱରେ ପ୍ରାୟ ୧୬ କିଲୋମିଟର ମାଲବାହୀ ଯାନର ଏକ ଲମ୍ବା ଧାଡ଼ି ଲାଗିଛି। କାଠମାଣ୍ଡୁ ବ୍ୟତୀତ ନେପାଳର ଅନ୍ୟ ଅଞ୍ଚଳକୁ ଯିବାକୁ ଥିବା ମାଲବାହୀ ଟ୍ରକ୍ ଟ୍ରାଫିକ ସମସ୍ୟା ଯୋଗୁ ପ୍ରଭାବିତ ହୋଇଛି। ସୋନୌଲିରୁ ବର୍ତ୍ତମାନ ନୌଟାନା ପର୍ଯ୍ୟନ୍ତ ଧାଡ଼ି ବଢ଼ିବାରେ ଲାଗିଥିବାରୁ ଜାତୀୟ ରାଜପଥରେ ଟ୍ରାଫିକ ଚଳାଚଳ ନେଇ ଚିନ୍ତା ବୃଦ୍ଧି ପାଇଛି। ସର୍କଲ ଅଫିସର ବସନ୍ତ ସିଂହ କହିଛନ୍ତି, ସୋନୌଲି ସୀମାରେ ସର୍ଭେଲାନ୍ସ ବୃଦ୍ଧି କରାଯାଇଛି ଓ ସୀମା ଅଞ୍ଚଳରେ ଥିବା ପୁଲିସ ଷ୍ଟେସନକୁ ଆଲର୍ଟ ରହିବାକୁ କୁହାଯାଇଛି।

## ନେପାଳ ବନ୍ୟା ପରେ ସତର୍କ ଉତ୍ତରାଖଣ୍ଡ

**ଡେରାଡୁନ:** ପଡ଼ୋଶୀ ନେପାଳରେ ଘଟିଥିବା ଭୟଙ୍କର ଆକସ୍ମିକ ବନ୍ୟାରୁ ଶିକ୍ଷା ନେଇ ଉତ୍ତରାଖଣ୍ଡ ସରକାର ରାଜ୍ୟର ହିମବାହ ହ୍ରଦ, ନଦୀ ଓ ଅନ୍ୟ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଉପରେ ନଜରଦାରି ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଓ ପୁନର୍ବାସ ମନ୍ତ୍ରୀ ମଦନ କୌଶିକ ଶୁକ୍ରବାର କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ ଦୃଷ୍ଟିରୁ ଉତ୍ତରାଖଣ୍ଡ ଅତ୍ୟନ୍ତ ସମ୍ବେଦନଶୀଳ ରାଜ୍ୟ। ତେଣୁ ଜୀବନ ଓ ସମ୍ପତ୍ତିର କ୍ଷୟକ୍ଷତି କମାଇବା ପାଇଁ ସରକାର ପୂର୍ବ ପ୍ରସ୍ତୁତିକୁ ଅଧିକ ମଜଭୁତ କରୁଛନ୍ତି।ମଦନ କୌଶିକ କହିଛନ୍ତି, ନେପାଳର ସାମ୍ପ୍ରତିକ ବିପର୍ଯ୍ୟୟରୁ ଶିକ୍ଷା ନେଇ ହିମବାହ ହ୍ରଦ, ନଦୀ ଏବଂ ବିପଦପ୍ରବଣ ଅଞ୍ଚଳଗୁଡ଼ିକର ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଉଛି। ବିପଦପ୍ରବଣ ହିମବାହ ହ୍ରଦଗୁଡ଼ିକର ବୈଜ୍ଞାନିକ ସର୍ବେକ୍ଷଣ ଓ ନିୟମିତ ମୂଲ୍ୟାୟନ କରାଯିବ। ସେହିପରି ଆଧୁନିକ ପ୍ରାକ୍ ସତର୍କ ସୂଚନା ବ୍ୟବସ୍ଥା ସ୍ଥାପନ କରାଯିବା ସହ ଆବଶ୍ୟକସ୍ଥଳେ ଅତିରିକ୍ତ ଯନ୍ତ୍ରପାତି ଓ ବୈଷୟିକ ସାଧନ ନିୟୋଜିତ କରାଯିବ। ଯେପରି ବିପଦ ସୂଚନା ଠିକ୍ ସମୟରେ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ନିକଟରେ ପହଞ୍ଚିପାରିବ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବ।ନେପାଳର ବନ୍ୟାରେ ମୃତ୍ୟୁସଂଖ୍ୟା ୩୮୯ରେ ପହଞ୍ଚିଥିବାବେଳେ ୯୭୭ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି। ଏହି ପରିସ୍ଥିତି ପରେ ଉତ୍ତରାଖଣ୍ଡର କୁମାୟୁଁ ଅଞ୍ଚଳରେ ମଧ୍ୟ ସତର୍କତା ବଢ଼ାଯାଇଛି।

## ବିଦେଶୀ ଉଦ୍ଧାରକାରୀ ଦଳ ପ୍ରତ୍ୟାଖ୍ୟାନକୁ ନେଇ ଅଡୁଆ



**କାଠମାଣ୍ଡୁ:** ନେପାଳ ଦ୍ୱାରା ବିଦେଶୀ ଉଦ୍ଧାରକାରୀ ଦଳକୁ ପ୍ରତ୍ୟାଖ୍ୟାନ କରାଯିବା ଚର୍ଚ୍ଚା ମଧ୍ୟରେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର ଏକ ସ୍ପଷ୍ଟୀକରଣ ଜାରି କରିଛି। ପ୍ରଳୟଙ୍କରୀ ବନ୍ୟାରେ ଏ ପର୍ଯ୍ୟନ୍ତ ପ୍ରାୟ ୬୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଭାରତ ସରକାର ନିଜର ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍ଡିଆର୍‌ଏଫ୍)ର ସ୍ୱତନ୍ତ୍ର ଟିମ୍ ଏବଂ ଆନୁଷଙ୍ଗିକ ଯନ୍ତ୍ରପାତି ପଠାଇବା ପାଇଁ ନେପାଳ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ ନିଖୋଜ ଥିବା ନିଜ ନାଗରିକମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ସହ ସମ୍ପର୍କ ସ୍ଥାପନ କରିବା ଭାରତର ସର୍ବୋଚ୍ଚ ପ୍ରାଥମିକତା ଅଟେ। ବର୍ତ୍ତମାନ ସୁଦ୍ଧା ୩୨୦ ଜଣ ଭାରତୀୟ ଏବଂ ୧୦୦ ଜଣ ଭାରତୀୟ ବଂଶୋଦ୍ଭବଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ। ୨୦୧୫ ମସିହାର ନେପାଳ ମହାଭୂକମ୍ପ ସମୟରେ ବିଦେଶୀ ସେନା ଯୋଗୁଁ ସୃଷ୍ଟି ହୋଇଥିବା ପରିଚାଳନାଗତ ଜଟିଳତାକୁ ଦୃଷ୍ଟିରେ ରଖି ବାଲେନ ଶାହ ଏହି ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି 'ଦି କାଠମାଣ୍ଡୁ ପୋଷ୍ଟ' ରିପୋର୍ଟ ପ୍ରକାଶ କରିଛି।ଏହି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତ ପକ୍ଷରୁ ନେପାଳକୁ ଏକ ସ୍ୱତନ୍ତ୍ର ସୁଡ଼ଙ୍ଗ ଉଦ୍ଧାରକାରୀ ଦଳ ଏବଂ ଏକ ମୋବାଇଲ ମେଡିକାଲ ପଠାଯାଉଛି। ସେମାନେ ଗତ ଦୁଇ ଦିନ ଧରି ତ୍ରିଶୂଳୀ ୩ଏ ଜଳବିଦ୍ୟୁତ ପ୍ରକଳ୍ପ ସୁଡ଼ଙ୍ଗ ଭିତରେ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଫସି ରହିଥିବା ପ୍ରାୟ ୧୦୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବେ। ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ଶୁକ୍ରବାର ନେପାଳ ବିଦେଶ ମନ୍ତ୍ରୀଙ୍କ ସହ ଟେଲିଫୋନରେ ଆଲୋଚନା କରି ଭାରତ ପକ୍ଷରୁ ସମସ୍ତ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି।





ପବିତ୍ର ରକ୍ଷାବନ୍ଧନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନସ୍ଥିତ ସାଂସ୍କୃତିକ କେନ୍ଦ୍ରରେ ଭିନ୍ନ ଭିନ୍ନ ସ୍କୁଲ ଏବଂ ସଂଗଠନର ପିଲାମାନଙ୍କ ସହିତ ରକ୍ଷାବନ୍ଧନ ପାଳନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ୭ ଲୋକ କଲ୍ୟାଣ ମାର୍ଗରେ 'ରକ୍ଷାବନ୍ଧନ' ପାଳନ କରିଛନ୍ତି।

## ମନ୍ତ୍ରୀଙ୍କ ଗହଣରେ ବସିଲେ ମୁଖ୍ୟମନ୍ତ୍ରୀ

**ଚେନ୍ନାଇ:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଯୋସେଫ୍ ବିଜୟ ଗୁରୁବାର ବିଧାନସଭାରେ ନିଜ ଆସନ ଛାଡ଼ି ମନ୍ତ୍ରୀମାନଙ୍କ ଗହଣରେ ବସିଥିଲେ। ଏହା ଗୃହର ସମସ୍ତ ସଦସ୍ୟଙ୍କୁ ଆଶ୍ଚର୍ଯ୍ୟ କରିଥିଲା । କାରଣ ତାମିଲନାଡୁ ବିଧାନସଭାରେ ଦୀର୍ଘ ଦିନରୁ ଚାଲିଆସୁଥିବା ପରମ୍ପରାରେ ଏହା ଏକ ବଡ଼ ବ୍ୟତିକ୍ରମ ଥିଲା। ପୂର୍ବରୁ କେବେ ଏମିତି ଘଟିନଥିଲା। ପ୍ରଥମ ଥର ପାଇଁ ତାମିଲନାଡୁ ବିଧାନସଭାରେ ଜଣେ ମୁଖ୍ୟମନ୍ତ୍ରୀ ତାଙ୍କ ପାଇଁ ଉଦ୍ଦିଷ୍ଟ ଆସନ ଛାଡ଼ି ମନ୍ତ୍ରୀଙ୍କ ଗହଣରେ ବସିଥିଲେ।ସାଧାରଣତଃ ବାଚସ୍ପତିଙ୍କ ଆସନ ନିକଟରେ ଏକ ସ୍ୱତନ୍ତ୍ର ଓ ପ୍ରଶସ୍ତ ଆସନରେ ବସନ୍ତି ମୁଖ୍ୟମନ୍ତ୍ରୀ। ମନ୍ତ୍ରୀମାନେ ନିଜ ନିଜ ବରିଷ୍ଠତା ଅନୁସାରେ ଆଗ ଧାଡ଼ିରେ ତାଙ୍କ ପାଖକୁ ଲାଗି ଅଲଗା ଅଲଗା ବସିଥାନ୍ତି।୨୩୪ ଜଣିଆ ସଦସ୍ୟ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ସଂଖ୍ୟା ଆଧାରରେ ବିରୋଧୀ ଦଳ ନେତା ଏବଂ ବିଭିନ୍ନ ବିଧାୟକ ଦଳର ନେତାମାନେ ସାମ୍ନା ଧାଡ଼ିରେ ବସନ୍ତି, ଏବଂ ସେମାନଙ୍କ ପଛରେ ତାଙ୍କ ନିଜ ନିଜ ଦଳର ସଦସ୍ୟମାନେ ବସିଥା'ନ୍ତି।ଗୁରୁବାର ଅପରାହ୍ଣ ଅଧିବେଶନରେ ମୁଖ୍ୟମନ୍ତ୍ରୀ ବିଜୟ ବାଚସ୍ପତି ଜେ. ସି. ଡି. ପ୍ରଭାକରଙ୍କ ଡାହାଣ ପାଖରେ ଥିବା ନିଜ ଆସନରୁ ଉଠି ଯାଇ ମନ୍ତ୍ରୀ କେ. ଏ. ସେଙ୍ଗୋଟ୍ଟୈୟନ୍ ଏବଂ ଆଧବ ଅର୍ଜୁନଙ୍କ ମଝିରେ ବସିଥିଲେ। ଅତୀତରେ କୌଣସି ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସି ନ ଥିଲେ।ସାଧାରଣତଃ, ମନ୍ତ୍ରୀ କିମ୍ବା ବିଧାୟକମାନେ ନିଜ ସହକର୍ମୀମାନଙ୍କ ସହ କଥା ହେବା ପାଇଁ ଅଳ୍ପ ସମୟ ପାଇଁ ନିଜ ସ୍ଥାନ ବଦଳାଇଥାନ୍ତି।

## ଜୀବନ ବୀମା ଗ୍ରହଣ ଜିଡିପିର ୨.୭%କୁ ହ୍ରାସ

**ମୁମ୍ବାଇ:** ଏକ ଜୀବନ ବୀମା ପଲିସି ଆକର୍ଷଣୀୟ ଲାଭ, ପ୍ରତିଯୋଗିତାମୂଳକ ମୂଲ୍ୟ ଏବଂ ଏକ ସହଜ ଡିଜିଟାଲ୍ ଯାତ୍ରା ପ୍ରଦାନ କରିପାରେ । କିନ୍ତୁ ଯେତେବେଳେ ଏକ ପରିବାର ଜଣେ ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଥାଏ, ସେତେବେଳେ କେବଳ ଗୋଟିଏ ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ତାହା ହେଉଛି। ବୀମା ପ୍ରଦାନକାରୀ ସଂସ୍ଥା ନିଜର ପ୍ରତିଶ୍ରୁତି ପାଳନ କରିବେ କି? ଏହି ପ୍ରଶ୍ନର ମହତ୍ତ୍ୱ ବୃଦ୍ଧି ପାଉଛି କାରଣ ଭାରତର ବୀମା ବଜାର ବିସ୍ତାର ହେଉଛି । ୨୦୨୪-୨୫ ଆର୍ଥିକ ବର୍ଷରେ, ଜୀବନ ବୀମା ଶିଳ୍ପ ୮.୮୬ ଲକ୍ଷ କୋଟି ଟଙ୍କାର ପ୍ରିମିୟମ୍ ସଂଗ୍ରହ କରିଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୬.୭୩% ବୃଦ୍ଧି ପାଇଛି । ଏହା ସତ୍ତ୍ୱେ , ଜୀବନ ବୀମା ଗ୍ରହଣ ଜିଡିପିର ୨.୭% କୁ ହ୍ରାସ ପାଇଛି । ସେମାନେ କିଣୁଥିବା ଉତ୍ପାଦ ଉପରେ ନୁହେଁ, ବରଂ ଏହା ପଛରେ ରହିଥିବା ସଂସ୍ଥା ଉପରେ ମଧ୍ୟ ବିଶ୍ୱାସ କରିବା ଉଚିତ । ଗ୍ରାହକଙ୍କ ପାଇଁ ଏକ ଉଚ୍ଚ ଦାବି ପୈଠ ଅନୁପାତ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଅଟେ । କିନ୍ତୁ ସ୍ଥିରତା ଗୋଟିଏ ବର୍ଷର ପ୍ରଦର୍ଶନ ଭଳି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଗ୍ରାହକମାନେ ବୀମା ପ୍ରଦାନକାରୀ ସଂସ୍ଥାର ଅନେକ ବର୍ଷର ରେକର୍ଡ ସହିତ ପଇଠ କରିଥିବା ଦାବିର ସଂଖ୍ୟା ଓ ମୂଲ୍ୟ, ସମାଧାନର ବେଗ, ପ୍ରକ୍ରିୟାର ସହଜତା ଏବଂ ପରିବାରକୁ ପ୍ରଦାନ କରାଯାଇଥିବା ସହାୟତାର ଗୁଣବତ୍ତା ଦେଖିବା ଉଚିତ । ଆକ୍ସିସ୍ ମ୍ୟାକ୍ସ ଲାଇଫର



ଆମର ବ୍ୟକ୍ତିଗତ ମୃତ୍ୟୁ ଦାବି ପୈଠ ଅନୁପାତ ଗତ ୫ ବର୍ଷ ହେବ ୯୯% ଉପରେ ରହିଛି । ଏହା ୨୦୨୧-୨୨ ଆର୍ଥିକ ବର୍ଷରେ ୯୯.୩୪%ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୯୯.୮%କୁ ସ୍ଥିର ଭାବରେ ଉନ୍ନତ ହୋଇଛି, ଯାହା ଶିଳ୍ପର ଅଗ୍ରଣୀ ଦାବି ଦେୟ ଅନୁପାତ ମଧ୍ୟରୁ ଗୋଟିଏ । କେବଳ ୨୦୨୫-୨୬ରେ, ଆମେ ୧୬୪୧ କୋଟି ଟଙ୍କା ମୂଲ୍ୟର ୨୦,୫୨୯ଟି ସ୍ୱାଧୀନ ମୃତ୍ୟୁ ଦାବିର ସମାଧାନ କରିଛୁ । ଏହି ସଂଖ୍ୟା ପ୍ରତିଶ୍ରୁତି ପାଳନ କରିବାର ସଂସ୍କୃତିର ପ୍ରତିନିଧିତ୍ୱ କରୁଛି । ଦାବିଗୁଡିକ ଜଣେ ବୀମା ପ୍ରଦାନକାରୀଙ୍କ ସମଗ୍ର ସଂସ୍ଥାର ଶକ୍ତିକୁ ମଧ୍ୟ ଉନ୍ମୋଚନ କରିଥାଏ । ଏକ ଭଲ ଦାବି ଅଭିଜ୍ଞତା ଦାୟିତ୍ୱପୂର୍ଣ୍ଣ ଅଣ୍ଡରରାଇଟିଂ ସହିତ ଆରମ୍ଭ ହୋଇଥାଏ । ଏଥିପାଇଁ ସଠିକ୍ ରେକର୍ଡ, ମଜବୁତ ଟେକ୍ନୋଲୋଜି, ସ୍ୱଚ୍ଛ ଯୋଗାଯୋଗ, ଦୃଢ଼କେଇ ନିୟନ୍ତ୍ରଣ ଓ ସୁ- ପ୍ରଶିକ୍ଷିତ ଲୋକଙ୍କ ଆବଶ୍ୟକ କରିଥାଏ ।

## ପାକିସ୍ତାନ ପାଇଁ ଗୁଇନ୍ଦାଗିରି: ଦିଲ୍ଲୀ ଦମ୍ପତି ଗିରଫ

**ନୂଆଦିଲ୍ଲୀ:** ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ସମର୍ଥିତ ଏକ ଗୁପ୍ତଚର ନେଟ୍‌ୱର୍କର ପର୍ଦ୍ଦାଫାସ କରି ଦିଲ୍ଲୀ ପୁଲିସର ସ୍ପେସାଲ୍ ସେଲ୍ ଏକ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ଦିଲ୍ଲୀର ସାହିଲ୍ (୨୫) ଓ ତାଙ୍କ ପତ୍ନୀ ସମୀରା (୨୧) । ୨୦୨୪ରୁ ସେମାନେ ପାକିସ୍ତାନସ୍ଥିତ ଗୁଇନ୍ଦା ସଂସ୍ଥାର ସଦସ୍ୟଙ୍କ ସହ ଯୋଗାଯୋଗରେ ରହି ଭାରତ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ ଓ ଯୋଗାଣ କରୁଥିବା ପୁଲିସ ଅଭିଯୋଗ କରିଛି।ତଦନ୍ତରୁ ଏହି ଗୁପ୍ତଚର ନେଟ୍‌ୱର୍କର ଯୋଗାଯୋଗ ଦିଲ୍ଲୀରୁ କରାଚୀ ଓ ଇସଲାମାବାଦ ପର୍ଯ୍ୟନ୍ତ ରହିଥିବା ଜଣାପଡ଼ିଛି। ପାକିସ୍ତାନରେ ଥିବା ସେମାନଙ୍କ ନିୟନ୍ତ୍ରକମାନେ ଏହି ଦମ୍ପତିଙ୍କୁ ଟଙ୍କା ପଠାଉଥିବା ଅଭିଯୋଗ ହୋଇଛି। ପୁଲିସ ଅନୁସାରେ, ସାହିଲ୍ ଓ ସମୀରା ୨୦୨୪ରୁ ୨୦୨୫ ମଧ୍ୟରେ ୮ଟି ଭାରତୀୟ ସିମ୍ କାର୍ଡ ସଂଗ୍ରହ କରି ଦୁବାଇ ଦେଇ ପାକିସ୍ତାନକୁ ପଠାଇଥିଲେ। ଏଥିପାଇଁ ସେମାନଙ୍କୁ ୩୦




ହଜାର ଟଙ୍କା ଦିଆଯାଇଥିଲା। ଏହି ସିମ୍ କାର୍ଡଗୁଡ଼ିକ ବ୍ୟବହାର କରି ପାକିସ୍ତାନରେ ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲାଯାଇଥିଲା। ଏହି ଆକାଉଣ୍ଟ ମାଧ୍ୟମରେ ଭାରତରେ ଥିବା ଲୋକଙ୍କ ସହ ଯୋଗାଯୋଗ କରି ସମ୍ବେଦନଶୀଳ ତଥ୍ୟ ସଂଗ୍ରହର ଉଦ୍ୟମ କରାଯାଉଥିଲା। କେତେକ ଆକାଉଣ୍ଟ ମାଧ୍ୟମରେ ଭାରତୀୟ ହ୍ୱାଟ୍ସଆପ୍ ଗ୍ରୁପ୍ରେ ପ୍ରବେଶ କରି ତଥ୍ୟ ସଂଗ୍ରହ ଉଦ୍ୟମ ହୋଇଥିବା ପୁଲିସ କହିଛି।ସାହିଲ୍‌କୁ ଦେଶର ବିଭିନ୍ନ ସ୍ଥାନରେ ଥିବା ସାମରିକ ଛାଉଣି ଅଞ୍ଚଳର ସର୍ବେକ୍ଷଣ କରିବା ଏବଂ ଗୁପ୍ତଚର କାର୍ଯ୍ୟ ପାଇଁ ଲୋକଙ୍କୁ ନିଯୁକ୍ତ କରିବା ଦାୟିତ୍ୱ ଦିଆଯାଇଥିଲା ବୋଲି ପୁଲିସ ଅଭିଯୋଗ କରିଛି। ସେ ସେନାର କୋର୍ଟ ମାର୍ସାଲ୍ ମାମଲାରେ ସାମରିକ ଟ୍ରିବ୍ୟୁନାଲ୍‌ର ସମ୍ମୁଖୀନ ହେଉଥିବା କର୍ମଚାରୀଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ଯୋଗାଇଥିବା ତଦନ୍ତରୁ ଜଣାପଡ଼ିଛି। ପୁଲିସ କହିଛି, ସାହିଲ୍ ୨୦୨୪ରେ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ଜଣେ ପାକିସ୍ତାନୀ ଏଜେଣ୍ଟଙ୍କ ସହ ଯୋଗାଯୋଗରେ ଆସିଥିଲା। ସମୀରା ସହାୟତାରେ ଏହି ସମ୍ପର୍କ ସ୍ଥାପିତ ହୋଇଥିଲା। ପରେ ଉକ୍ତ ଏଜେଣ୍ଟ ସେମାନଙ୍କୁ ଜଣେ ପାକିସ୍ତାନୀ ଗୁଇନ୍ଦା ଅଧିକାରୀଙ୍କ ସହ ପରିଚିତ କରାଇଥିଲା ଏବଂ ଆର୍ଥିକ ଲାଭର ପ୍ରଲୋଭନ ଦେଇ ଏହି ଗୁପ୍ତଚର କାମ କରିବାକୁ ପ୍ରବର୍ତ୍ତାଇଥିଲା। ସ୍ପେସାଲ୍ ସେଲ୍ ପ୍ରଥମେ ସରାଇ କାଲେ ଖାଁର ଚାନ୍ଦ ବିବି କ୍ୟାମ୍ପରୁ ସାହିଲ୍‌କୁ ଗିରଫ କରିଥିଲା। ତା' ମୋବାଇଲ୍‌ର ଫରେନ୍ସିକ୍ ଯାଞ୍ଚରୁ ପାକିସ୍ତାନୀ ଏଜେଣ୍ଟଙ୍କ ସହ କଥାବାର୍ତ୍ତା ମିଳିଥିଲା। ଏହାପରେ ସମୀରାକୁ ଗିରଫ କରାଯାଇଥିଲା। ଉଭୟଙ୍କଠାରୁ ଜବତ ଦୁଇଟି ମୋବାଇଲ୍‌ରେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥାର ଲୋକଙ୍କ ସହ କଥାବାର୍ତ୍ତା ଓ ଭାରତରେ ଥିବା ନେଟ୍‌ୱର୍କର ସମ୍ପର୍କ ସମ୍ବନ୍ଧୀୟ ତଥ୍ୟ ମିଳିଥିବା ପୁଲିସ କହିଛି।

# ଶ୍ରୀଲଙ୍କା ବିପକ୍ଷରେ ଡ୍ର' ନାଁ ଭାରତର ପରାଜୟ ?




ନୂଆଦିଲ୍ଲୀ,୨୮।୮(ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷରେ ଭାରତୀୟ ଦଳ ୧-୦ରେ ଶୃଙ୍ଖଳା ଜିତିଛି। କିନ୍ତୁ ଦ୍ୱିତୀୟ ମ୍ୟାଚରେ ଶ୍ରୀଲଙ୍କା ଫଲୋଅନ ପରେ ଯେଉଁ ଭଳି ଭାରତୀୟ ଦଳକୁ ଚେକ ଦେଇଥିଲା ଏଥିରେ ଭାରତୀୟ ବୋଲିଂର ଗଭୀରତା କେତେ ତାହା ପଦାରେ ପଡିଛି। ନିଶ୍ଚିତ ବିଜୟ ମ୍ୟାଚକୁ ଭାରତ ହାତଛଡା କରିବା ତଥା ଶ୍ରୀଲଙ୍କା ଚମତ୍କାର ପ୍ରଦର୍ଶନ କରି ମ୍ୟାଚ ଡ୍ର' ରଖିବା ଭାରତ ପାଇଁ ପରାଜୟ ଭଳି ହୋଇଛି। ବାସ୍ତବରେ ଦେଖିବାକୁ ଗଲେ ଏହା ଟିମ୍ ଇଣ୍ଡିଆର ଶୃଙ୍ଖଳା ବିଜୟ ନୁହେଁ, ବରଂ ଶୃଙ୍ଖଳା ପରାଜୟ। ଫଳରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ କଠିନ ହୋଇଛି। କଲମ୍ବୋରେ ଭାରତ ବିଜୟଠାରୁ କିଛି ପାଦ ଦୂରରେ ଥିଲା। କିନ୍ତୁ ସୋନାଲ ଦିନୁଶାଙ୍କ ଅପରାଜିତ ୧୩୩ ରନ ଯୋଗୁଁ ଘରୋଇ ଦଳ ମ୍ୟାଚକୁ ଡ୍ର' କରିବା ତଥା ଶୃଙ୍ଖଳା ହ୍ୱାଇଟୱାସରୁ ବର୍ତ୍ତି ପାରିଥିଲା। ଭାରତ ଯଦି ଏହି ମ୍ୟାଚ ଜିତିଥାନ୍ତା ତାହାଲେ ୧୨ ପଏଣ୍ଟ ପାଇଥାନ୍ତା। ଡ୍ର' ରହିବା କାରଣରୁ ଦଳ ୪ ପଏଣ୍ଟ ପାଇଛି। ବାକିଥିବା ଅନ୍ୟ ୭ଟି ମ୍ୟାଚ ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଭାରତ ମ୍ୟାଚରେ ପ୍ରଥମ ପାଳିରେ ୩୦୩ ରନ କରିଥିଲା। ଜବାବରେ ଶ୍ରୀଲଙ୍କା ୨୯୦ ରନରେ ଅଲଆଉଟ୍ ହୋଇଥିଲା। ଫଲୋଅନର ଶିକାର ହେବା ପରେ ସିଂହଳୀ ଦଳ ଲଢ଼େଇ କରିଥିଲା। ଭାରତୀୟ ବୋଲର ଶ୍ରୀଲଙ୍କା ବ୍ୟାଟରଙ୍କୁ ଅଲଆଉଟ୍ କରିବାରେ ସଫଳ ହୋଇନଥିଲେ। ସମୀକରଣକୁ ଦେଖିଲେ ଟେଷ୍ଟ ଶୃଙ୍ଖଳା ୨-୦ରେ ଜିତିଥିଲେ ଭାରତ। ଭାରତର ପଏଣ୍ଟ ୬୩.୩୩କୁ ବୃଦ୍ଧି ପାଇଥାନ୍ତା। କିନ୍ତୁ ଡ୍ର' କାରଣରୁ ଏହା ୫୧.୧୧ ରହିଛି। ଭାରତ ଉପରେ ୫୫ ପଏଣ୍ଟ ସହ ବାଂଲାଦେଶ ଚତୁର୍ଥ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଓ ଦ.ଆଫ୍ରିକା ପ୍ରଥମ ଦୁଇଟି ସ୍ଥାନ ତଥା ନ୍ୟୁଜିଲାଣ୍ଡ ତୃତୀୟ ସ୍ଥାନରେ ରହିଛି। ଚଳିତ ବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଦୁଇଟି ମ୍ୟାଚ ଖେଳିବ। ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ୫ଟି ଟେଷ୍ଟ ମ୍ୟାଚ ଖେଳିବ। ଏହି ୭ଟି ମୁକାବିଲାରେ ଭାରତକୁ ନିଜ ସ୍ଥିତି ବଦଳାଇବାକୁ ପର୍ଯ୍ୟାପ୍ତ ସୁଯୋଗ ରହିଛି। କିନ୍ତୁ ଗୋଟିଏ ମ୍ୟାଚ ହାରିଲେ ସମୀକରଣ ଓଲଟପାଲଟ ହୋଇଯିବ।

ସବୁଠୁ ବଡ଼ ଚ୍ୟାଲେଞ୍ଜ ନ୍ୟୁଜିଲାଣ୍ଡ ବିପକ୍ଷ ଶୃଙ୍ଖଳା ହେବ। କାରଣ ନ୍ୟୁଜିଲାଣ୍ଡ ମାଟିରେ ଭାରତ ଖେଳିବ। ଏହି ଶୃଙ୍ଖଳା ଭାରତର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ ଭବିଷ୍ୟତ ନିର୍ଦ୍ଧାରଣ କରିବ। ଯଦି ଦୁଇଟିଯାକ ମ୍ୟାଚ ଜିତେ ତାହେଲେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ଭାରତ ଭଲ ସ୍ଥିତିରେ ନଜର ଆସିବ। ଗୋଟିଏ ବି ମ୍ୟାଚ ହାରିଲେ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ମୁକାବିଲାରେ ଦଳ ଉପରେ ଅତିରିକ୍ତ ଚାପ ରହିବ।

## ଡିପିଏଲରେ ସାର୍ଥକ ରଞ୍ଜନଙ୍କ ବିସ୍ଫୋରକ ବ୍ୟାଟିଂ

ନୂଆଦିଲ୍ଲୀ,୨୮।୮(ଏଜେନ୍ସି): ରାଜନୀତିରେ ସବୁ ବେଳେ ଚର୍ଚ୍ଚାରେ ରୁହନ୍ତି ସାଂସଦ ପପୁ ଯାଦବ। ଏପଟେ ପୁଅ ସାର୍ଥକ ରଞ୍ଜନ କ୍ରିକେଟ ପଡ଼ିଆରେ କମାଲ କରି ନଜରକୁ ଆସିଛନ୍ତି। ଦିଲ୍ଲୀ ପ୍ରିମିୟର ଲିଗରେ ନର୍ଥ ଦିଲ୍ଲୀ ଷ୍ଟ୍ରାଇକର୍ସର ଅଧିନାୟକ ସାର୍ଥକ ରଞ୍ଜନ ସମ୍ପୂର୍ଣ୍ଣ ସିଜନରେ ନିରନ୍ତର ଭଲ ପ୍ରଦର୍ଶନ କରିଛନ୍ତି। ସାର୍ଥକଙ୍କ ନେତୃତ୍ୱରେ ନର୍ଥ ଦିଲ୍ଲୀ ଷ୍ଟ୍ରାଇକର୍ସ ଯଦିଓ ପ୍ଲେ ଅଫ୍ ଦୌଡ଼ରୁ ବାଦ ପଡିଛି । କିନ୍ତୁ ସାର୍ଥକ ଏବେ ବି ଅରେଞ୍ଜ କ୍ୟାପ ବଜାୟ ରଖିଛନ୍ତି। ଡାହାଣ ହାତି ବ୍ୟାଟର ସାର୍ଥକ ଡିପିଏଲରେ ୬୪, ୯୫, ୬୫, ୫୭, ୫୯, ୧୦, ୭୮, ୪୫ ଓ ୨୦ ରନ ସ୍କୋର କରିଛନ୍ତି। ଅର୍ଥାତ୍ ସାର୍ଥକ ୯ଟି ପାଳିରେ ୪୯୩ ରନ୍ କରିଛନ୍ତି। ସେ ମୋଟ୍ ୬୩ ଛକା ଓ ୪୪ଟି ଚୌକା ମାରିଛନ୍ତି। ଡିପିଏଲରେ ସବୁଠୁ ଅଧି ରନ୍ କରିଥିବା ବ୍ୟାଟରଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ସେଣ୍ଟ୍ରାଲ ଦିଲ୍ଲୀ କିଙ୍ଗ୍ସର ଯସ ଧୁଲ ଅଛନ୍ତି। ଯସ ୯ଟି ମ୍ୟାଚରେ ୪୧୦ ରନ୍ କରିଛନ୍ତି। ହେଲେ ଯଶ ପ୍ଲେ ଅଫ୍ ମ୍ୟାଚ ଗୁଡିକ ପାଇଁ ଉପଲବ୍ଧ ନାହାଁନ୍ତି। ଏଭଳି ପରିସ୍ଥିତିରେ ସେ ସାର୍ଥକଙ୍କୁ ପଛରେ ପକାଇ ପାରିବେ ନାହିଁ। ଯଶ ଦୁଲ୍ଲୀପ ଟ୍ରଫି ପାଇଁ ଇଷ୍ଟ ଜୋନ ଦଳରେ ଅଛନ୍ତି।




ସାର୍ଥକ ରଞ୍ଜନ ଯାଦବ ବାପା ପୁଅ ପପୁ ଯାଦବ ପୁନିଆ ଲୋକସଭା ଆସନରୁ ସାଂସଦ ଅଛନ୍ତି। ପପୁ ଯାଦବ ମୋଟ୍ ଉପରେ ଚତୁର୍ଥଥର ପାଇଁ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ସେ ଦୁଇଥର ମାଧେପୁର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସାର୍ଥକଙ୍କ ମାଆ ରଞ୍ଜିତ ରଞ୍ଜନ ମଧ୍ୟ କଂଗ୍ରେସ ଟିକେଟରେ ରାଜ୍ୟସଭା ସାଂସଦ ଅଛନ୍ତି।

## ଏସୀୟ କ୍ରୀଡା

### ଜାପାନର ସୁବିଧା ସୁଯୋଗ ନେଇ ବିସିସିଆଇ ଅସନ୍ତୁଷ୍ଟ

ନୂଆଦିଲ୍ଲୀ,୨୮।୮(ଏଜେନ୍ସି): ଏସୀୟ କ୍ରୀଡା ଆରମ୍ଭ ହେବାକୁ କମ ସମୟ ବାକିଥିବା ବେଳେ ଏହାର ଆୟୋଜକ ସହର ଜାପାନର ଆଇଚି ନାଗୋୟାଠାରେ କ୍ରିକେଟ ପାଇଁ ହୋଇଥିବା ସୁବିଧା ସୁଯୋଗକୁ ନେଇ ବିସିସିଆଇ ଏବଂ ଏସୀୟ କ୍ରିକେଟ କାଉନସିଲ ଚିନ୍ତାବ୍ୟକ୍ତ କରିଛନ୍ତି। ଖେଳାଳିଙ୍କ ରବିବା, ଆୟୋଜନକୁ ବିସିସିଆଇ ଅସନ୍ତୋଷ ପ୍ରକାଶ କରିଛି। ଜାପାନର ଅଲିମ୍ପିକ ଅଧିକାରୀଙ୍କ ସହ ହୋଇଥିବା ବୈଠକରେ ବିସିସିଆଇ ଦର୍ଶାଇଛି ଯେ, ଖେଳାଳିଙ୍କ ଡ୍ରେସିଂ ରୁମ ଗୁଡିକ ତମ୍ବୁ ଭିତରେ କରାଯାଇଛି ଶୌଚାଳୟ ଗୁଡିକ ସେଠାରେ ୫୦୦ ମିଟର ରହିଛି। ଯାହା ଅତ୍ୟନ୍ତ ଅସନ୍ତୋଷ ଜନକ। ହୋଟେଲ ରୁମ ଗୁଡିକ ମଧ୍ୟ ଅତି ଛୋଟ। ସ୍ଥିତି ଅନୁଧ୍ୟାନ ପାଇଁ ବିସିସିଆଇ ଜଣେ ପରିଦର୍ଶକ ପଠାଇବାକୁ ନିଷ୍ପତ୍ତି ନେଇଛି। ସୁବିଧା ଅନୁପଯୁକ୍ତ ହେଲେ ବି ଦଳ ପଠାଇବ ବିସିସିଆଇ। ସମସ୍ୟା ସତ ହୋଇଥିଲେ ବି ଭାରତର ମୁଖ୍ୟଶକ୍ତିଶାଳୀ ଦଳ ହିଁ ଏସିଆନ ଗେମ୍ସ ପାଇଁ ଜାପାନ ଯିବ। ୨୦୨୩ରେ ଚୀନର ହାଙ୍ଗଝୌ ଠାରେ ଅନୁଷ୍ଠିତ ଗତ ଏସୀୟ କ୍ରୀଡାରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା।

## ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

# ୟୁନିଟ୍ ୧- ଓଡ଼ିଏମ ଫାଇନାଲ

ଭୁବନେଶ୍ୱର,୨୮।୮(ସବ୍ୟୁ): ୩୫ତମ ଜୟନ୍ତ ମହାପାତ୍ର ମେମୋରିଆଲ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଚୂଡାନ୍ତ ହୋଇଛି। ରବିବାର ଓଡିଏମ ଗ୍ଲୋବାଲ ଏବଂ ୟୁନିଟ୍-୧ ହାଇସ୍କୁଲ ମଧ୍ୟରେ ଟାଇଟଲ ଲଢ଼େଇ ହେବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ୟୁନିଟ-୧ ସରକାରୀ ହାଇସ୍କୁଲ ଏବଂ କିସ ସ୍କୁଲ ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚଟି ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲରେ ଡ୍ର' ରହିଥିଲା। ତେଣୁ ମ୍ୟାଚର ଫଳାଫଳ ପାଇଁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ୟୁନିଟ୍-୧ ହାଇସ୍କୁଲ ୫-୪ ଗୋଲରେ କିସକୁ ପରାଜିତ




କରିଥିଲା। ଭୁବନେଶ୍ୱର ଆଥଲେଟ ଆସୋସିଏସନର ବରିଷ୍ଠ ସଦସ୍ୟ ନିହରାକାନ୍ତ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ସ୍ୱାଧୀନ ସିଂଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ପଳାଶୁଣୀ ହାଇସ୍କୁଲକୁ ୫-୦ ଗୋଲରେ ଓଡିଏମ ଗ୍ଲୋବାଲ ସ୍କୁଲକୁ ପରାଜିତ କରି ଦ୍ୱିତୀୟ ଦଳ ଭବେ ଫାଇନାଲରେ ପ୍ରବେଶ କରିଛି। ଅତିଥି ଗଣେଶ ପାଲ ବିଜୟ ଦଳର ମେସି ହାଂସଦାଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ବିଜୟ ମଙ୍ଗରାଜ, ସୁଜିତ ପାତ୍ର, ସୁଶାନ୍ତ ମିଶ୍ର, ସୁଜିତ ପାଇକରାୟ ମ୍ୟାଚ ପରିଚାଳନା କରିଥିଲେ।

## ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରସ୍ତୁତି ସମୀକ୍ଷା



ନୂଆଦିଲ୍ଲୀ,୨୮।୮(ଏଜେନ୍ସି): ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ହେବାକୁଥିବା ବେଳେ ଏହାର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ। ଏହି ବୈଠକରେ ୨୦୩୬ ଅଲିମ୍ପିକ୍ସ କ୍ରୀଡ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ସମୀକ୍ଷା ବୈଠକରେ କେନ୍ଦ୍ର କ୍ରୀଡାମନ୍ତ୍ରୀ ମନଶୁଖ ମାଣ୍ଡବ୍ୟ ଓ ଗୁଜରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘଭିଙ୍କ ସହ କ୍ରୀଡା ଓ ଗୃହମନ୍ତ୍ରଣାଳୟର ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ସମ୍ପର୍କରେ ଶାହ ସୋସିଆଲ ମିଡ଼ିଆ ଟ୍ୱିଟରରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ମୋଦୀ ସରକାର ଅନ୍ତର୍ଜାତୀୟ କ୍ରୀଡା ଆୟୋଜନ କରି ଭାରତକୁ ବିଶ୍ୱସ୍ତରୀୟ କ୍ରୀଡା ସ୍ତରରେ ପରିଣତ କରିବାକୁ ଦୃଢ଼ ପ୍ରତିବଦ୍ଧ। ୨୦୩୬ ଅଲିମ୍ପିକ୍ସ ପାଇଁ ଭାରତର ବିଡ, ୨୦୨୯ ବିଶ୍ୱ ପୋଲିସ ଓ ଫାୟର କ୍ରୀଡା ଏବଂ ୨୦୩୦ ରାଜ୍ୟ ଗୋଷ୍ଠୀ କ୍ରୀଡା ପ୍ରସ୍ତୁତି ପାଇଁ ଅହମ୍ମଦାବାଦରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଶ୍ରୀ ଶାହ ଅଧକ୍ଷତା କରିଥିଲେ। ଦୁଇ ଦଶନ୍ଧି ପରେ ଭାରତକୁ ରାଜ୍ୟଗୋଷ୍ଠୀ କ୍ରୀଡା ଫେରିଛି। ପୂର୍ବରୁ ୨୦୧୦ରେ ଏହି କ୍ରୀଡା ଦିଲ୍ଲୀରେ ଆୟୋଜିତ ହୋଇଥିଲା।

## ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମ: ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ସହ କ୍ରୀଡ଼ା ପ୍ରଦର୍ଶନୀ

ଅନୁଗୋଳ,୨୮।୮(ସବ୍ୟୁ): କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଗୋଳ ଇଣ୍ଡୋର ଷ୍ଟାଡିୟମରେ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଜାତୀୟ କ୍ରୀଡ଼ା ଦିବସ ସମାରୋହ ଆୟୋଜିତ ହୋଇଯାଇଛି। ଆଜିଠାରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନିଦିନିଆ କାର୍ଯ୍ୟକ୍ରମର ଉଦଘାଟନୀ ଦିବସରେ ଭାରତୀୟ ହକିର ମହାନ୍ ତାରକା ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା କ୍ରୀଡ଼ା ସଂସଦର ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ବିକଶିତ ଭାରତ' ଗଠନରେ ଯୁବସମାଜ ଓ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଠ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ୨୦୩୬ ଅଲିମ୍ପିକ୍ସ ପାଇଁ ଆଜିଠାରୁ ସୁଦୃଢ଼ ପ୍ରସ୍ତୁତି କରି ନିଜର ସ୍ଥାନ ପକ୍କା କରିବାକୁ ଆହ୍ୱାନ



ଦେଇଥିଲେ। ଉତ୍ସବରେ ଜିଲ୍ଲାର ହକି, ବ୍ୟାଡମିଣ୍ଟନ୍, ଉଷୁ ଆଦି ବିଭିନ୍ନ ବର୍ଗର ଖେଳାଳିମାନେ ଅଂଶଗ୍ରହଣ କରି ନିଜ ନିଜ କ୍ରୀଡ଼ାର ସ୍ୱତନ୍ତ୍ରତା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉଷୁ ଆସୋସିଏସନ୍ର ସମ୍ପାଦକ ତଥା ଅନ୍ତର୍ଜାତୀୟ ଜଜ୍ ସୁଶାନ୍ତ ନାଏକ, ଅନ୍ତର୍ଜାତୀୟ ଉଷୁ ଖେଳାଳି ବାବୁଲ ମୁଣ୍ଡା, ବ୍ୟାଡମିଣ୍ଟନ୍ କୋଚ୍ ବିଶ୍ୱଜିତ୍ ଦାସ, ବାବୁଲ ପ୍ରସାଦ ମହାନ୍ତି, ଅରୁଣ ନାଏକ, ବିନୋଦ ନାଏକ ଏବଂ ଚିତ୍ତରଞ୍ଜନ ମହନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସମାରୋହର ଶେଷରେ 'ମେରା ଯୁବ ଭାରତ' (ଅନୁଗୋଳ)ର ଅତିରିକ୍ତ ଜିଲ୍ଲା ସଂଯୋଜକ ତପନ କୁମାର ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସେପ୍ଟେମ୍ବର ୫ ରେ ସାହାଣୀ କପ୍ ପାଇଁ ଖେଳାଳି ଚୟନ

ଅନୁଗୋଳ,୨୮।୮(ସବ୍ୟୁ): ଫୁଟବଲ୍ ଆସୋସିଏସନ୍ ଅଫ ଓଡ଼ିଶା ଆନୁକୂଲ୍ୟରେ ଆସନ୍ତା ମାସ ୫ ତାରିଖ ଠାରୁ ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ।ଏଥି ନିମନ୍ତେ ଏକ ଦିବସୀୟ ଆନ୍ତଃ ଉପଖଣ୍ଡସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଗୋଳ ପିଟିଶି ପଡ଼ିଆରେ ଆୟୋଜିତ ହେବ।ଏହି ପ୍ରତିଯୋଗିତାରୁ ବଛା ବଛା ଖେଳାଳୀଙ୍କୁ ନେଇ ଅନୁଗୋଳ ଦଳ ଗଠନ କରାଯିବ। ଏଣୁ ଖେଳାଳିମାନେ ସେମାନଙ୍କ ଉପଖଣ୍ଡ କ୍ରୀଡ଼ା ସଂସଦ ସହ ଯୋଗା ଯୋଗ କରି ଖେଳରେ ଅଂଶ ଗ୍ରହଣ କରିବାକୁ ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଡ଼ା ଗୌରଗୋବିନ୍ଦ ସାମନ୍ତ ପ୍ରକାଶ କରିଛନ୍ତି। ଅଧିକ ବିବରଣୀ ପାଇଁ ବସନ୍ତ କୁମାର ଦାସଙ୍କୁ **୯୨୩୮୫୧୩ ୧୧୫** କିମ୍ବା ରୁଚିର କୁମାର ଦାସଙ୍କୁ **୯୪୩୭୩୮୨୫୪୦** ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଉଛି।

## ବିସି ରାୟ ଟ୍ରଫି:ଦିଲ୍ଲୀକୁ ଧରାଶାୟୀ କଲା ଓଡ଼ିଶା

ଭୁବନେଶ୍ୱର,୨୮।୮(ସବ୍ୟୁ): ଜାତୀୟ ଜୁନିୟର ବାଳକ ବିସି ରାୟ ଟ୍ରଫିରେ ଶୁକ୍ରବାର ଅନୁଷ୍ଠିତ ସପ୍ତମ ମ୍ୟାଚରେ ଓଡ଼ିଶା ଦଳ ଚମତ୍କାର ପ୍ରଦର୍ଶନ କରିଛି। ଏହି ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ଦିଲ୍ଲୀକୁ ଧରାଧାଶୀ କରିଛି। ଭଲ ଲୟରେ ଥିବା ଓଡ଼ିଶା ଦଳର ଥିଆମ ଫାମୋସ, ସିରିକା ଗାଗାରାଇ, ବାବନ ଗାଗାରାଇ ଗୋଲସ୍କୋର କରିଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୋଡ଼ପତ୍ରି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# କିଟ୍‌ରେ ଆଇଟିଏ ୧ ଲକ୍ଷ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ

ଭୁବନେଶ୍ୱର,୨୮।୮(ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟର ଲିଆଣ୍ଡର ପେସ୍-ସାମନ୍ତ ଟେନିସ୍ ଷ୍ଟାଡିୟମରେ ଅଗଷ୍ଟ ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏଆଇଟିଏ ପୁରୁଷ ୧ ଲକ୍ଷ ଟଙ୍କା ପୁରସ୍କାର ରାଶିର ଟେନିସ୍ ପ୍ରତିଯୋଗିତା ସଫଳତାର ସହ ଶେଷ ହୋଇଛି। କିଟ ସମ୍ପୂର୍ଣ୍ଣ ପ୍ରାୟୋଜକତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ ସମଗ୍ର ଭାରତରୁ ୧୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ୫୦ ପ୍ରତିଶତରୁ ଅଧିକ ଖେଳାଳି ଓଡ଼ିଶା ବାହାରର ଥିଲେ। ସିଙ୍ଗଲ୍ସ ଫାଇନାଲରେ କିଟରେ ପୂର୍ବତନ ଛାତ୍ର ତଥା ଓଡ଼ିଶାର ଟେନିସ୍ ଖେଳାଳି କବୀର ହାନ୍ସ ମଣିପୁରର ଭୂଷଣ ହାଓବାମଙ୍କୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ। ଡବଲ୍ସ ବର୍ଗରେ ମହାରାଷ୍ଟ୍ରର ବେଦାନ୍ତ ମିସ୍ତ୍ରୀଙ୍କ ସହ ଯୋଡ଼ି ହୋଇ କବୀର ହାନ୍ସ ଓଡ଼ିଶାର ଅମୃତଜୟ ମହାନ୍ତି ଓ ଆଦିତ୍ୟ ଶତପଥୀଙ୍କୁ ପରାସ୍ତ କରି ଟାଇଟଲ୍ ହାସଲ କରିଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୁଲିସର ଆଣ୍ଟି-ନକ୍ସାଲ୍ ଅପରେସନ୍ସ ଓ ସ୍ପେସିଆଲ୍ ଇଣ୍ଟେଲିଜେନ୍ସ ୱିଙ୍ଗର ଡିଜିପି ତଥା ଓଡ଼ିଶା ଟେନିସ୍ ଆସୋସିଏସନ୍ (ଓଟିଏ)ର ସମ୍ମାନୀୟ ସମ୍ପାଦ ସଞ୍ଜୀବ ପଣ୍ଡା (ଆଇପିଏସ୍) ଯୋଗଦେଇଥିଲେ। ଓଟିଏର ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କିଟ୍ ଓ କିସ୍ ଡାଇରେକ୍ଟର ଜେନେରାଲ୍-ସ୍ପୋର୍ଟ୍ସ ଆଣ୍ଡ ଯୋଗା ପ୍ରଫେସର (ଡ.)




ଗଗନେନ୍ଦୁ ଦାଶ ଅତିଥିମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧିତ କରିଥିଲେ। କିଟର ଟେନିସ୍ ଡାଇରେକ୍ଟର ଟଡ୍ ଜନ୍ କ୍ଲାର୍କଙ୍କ ସମେତ ବିଶ୍ୱବିଦ୍ୟାଳୟର ଟେନିସ୍ ବିଭାଗର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସଞ୍ଜୀବ ପଣ୍ଡା କିଟର ପ୍ରତିଷ୍ଠାତା ପ୍ରଫେସର (ଡ.) ଅଚ୍ୟୁତ ସାମନ୍ତଙ୍କ ଦୂରଦର୍ଶୀ ଚିନ୍ତାଧାରା ଏବଂ କିଟର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିକୁ ପ୍ରଶଂସା କରିଥିଲେ। ଏଭଳି ପ୍ରତିଯୋଗିତା ଖେଳାଳିମାନଙ୍କୁ ଉଚ୍ଚସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାର ଅଭିଜ୍ଞତା ଦେବା ସହ ଓଡ଼ିଶାର ତୃଣମୂଳସ୍ତରୀୟ ଟେନିସର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି ବୋଲି ସେ କହିଥିଲେ। ପ୍ରଫେସର (ଡ.) ଅଚ୍ୟୁତ ସାମନ୍ତ ସଞ୍ଜୀବ ପଣ୍ଡାଙ୍କ ସମେତ ଅନ୍ୟ ସମସ୍ତ ଅତିଥିଙ୍କୁ କିଟ୍ ପରିସରକୁ ସ୍ୱାଗତ କରିଥିଲେ। ଏଥିସହ ସେ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ପ୍ରୟାସ ଓ ଉତ୍କୃଷ୍ଟ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ଖେଳାଳିମାନେ ମଧ୍ୟ ବିଶ୍ୱସ୍ତରୀୟ ଷ୍ଟାଡିୟମର ପ୍ରତିଯୋଗିତା କରିବାର ସୁଯୋଗ ଦେଇଥିବାରୁ କିଟ୍ ଓ ପ୍ରଫେସର ସାମନ୍ତଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ପ୍ରତିଯୋଗିତା ସମୟରେ ଉତ୍କୃଷ୍ଟ ସୁବିଧା ଓ ବ୍ୟବସ୍ଥା ଯୋଗାଇ ଦିଆଯାଇଥିବାରୁ ମଧ୍ୟ ସେମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରଫେସର (ଡ.) ଗଗନେନ୍ଦୁ ଦାଶ ଓଡ଼ିଶା ଟେନିସ୍ ଆସୋସିଏସନ୍ (ଓଟିଏ)କୁ ପ୍ରତିଯୋଗିତା ଆୟୋଜନର ସୁଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ। ଏଥିସହ ଏକୀକୃତ କ୍ରୀଡ଼ା ଭିତ୍ତିଭୂମି, ଖେଳାଳି ରହଣି ବ୍ୟବସ୍ଥା ଏବଂ କ୍ରୀଡ଼ା ପୋଷଣ ସୁବିଧାକୁ ବ୍ୟବହାର କରି ଭବିଷ୍ୟତରେ ବୃହତ୍ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା, ଏପରିକି ଆଇଟିଏଫ୍ ସ୍ତରୀୟ ପ୍ରତିଯୋଗିତା ଆୟୋଜନ ପାଇଁ କିଟ୍ ପ୍ରସ୍ତୁତ ଥିବା ସେ କହିଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି